ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୬/୨୦୨୫ (୧୪ ପୃଷ୍ଠା) Bhubaneswar, Wednesday, July 16/2025 Page 14 ₹ 7.00 | BALASORE

୫୧ଶ ଭାଗ ୨୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 231 ମୂଲ୍ୟ ₹୭/-

## ମହାକାଶରେ ୧୮ ଦିନ

# ଫେରିଲେ ଶୁଭାଂଶୁ



**ୱାଶିଂଟନ୍/ନୂଆଦିଲ୍ଲୀ, ୧୫।୭**

ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ଆକ୍ସିଓମ୍-୪ ମିଶନ ଅନ୍ତର୍ଗତ ୪ ମହାକାଶଚାରୀଙ୍କୁ ଧରି ସ୍ପେସ୍‌ଏକ୍ସ'ର ଡ୍ରାଗନ ମହାକାଶଯାନ ମଙ୍ଗଳବାର ଭାରତୀୟ ସମୟ ଅପରାହ୍ନ ୩.୦୧ରେ ଦକ୍ଷିଣ କାଲିଫର୍ନିଆର ସାନ୍ ଡିଏଗୋ ଉପକୂଳରେ ସଫଳ ଜଳାବତରଣ କରିଛନ୍ତି। ପ୍ରାୟ ସାଢ଼େ ୨୨ ଘଣ୍ଟାର ଯାତ୍ରା ପରେ ଏହି ମିଶନରେ ମିଶନ ପାଇଲଟ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା, ଆମେରିକୀୟ ମହାକାଶଚାରୀ ତଥା ମିଶନ କମାଣ୍ଡର ପେଗୀ ହ୍ୱିଟ୍‌ସନ୍ ଏବଂ ଉଭୟ ମିଶନ ସ୍ପେଶାଲିଷ୍ଟ ପୋଲାଣ୍ଡର ମହାକାଶଚାରୀ ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଏବଂ ହଙ୍ଗେରୀର ମହାକାଶଚାରୀ ଟିବୋର କାପୁ ପୃଥିବୀରେ ସୁରକ୍ଷିତ ☞ ପୃଷ୍ଠା-୪

# ତେଜିଲା ବିରୋଧୀ ସ୍ୱର, ୧୭ରେ 'ଓଡ଼ିଶା ବନ୍ଦ'

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ସୋମବାର ବିଳମ୍ବିତ ରାତିରେ ପୀଡ଼ିତା ଛାତ୍ରୀ ଆଖି ବୁଜି ଦେଇଥିବା ଘୋଷଣା କରାଯିବା ପରଠୁ ଏହି ପ୍ରସଙ୍ଗରେ ରାଜନୀତି ଜୋର ଧରିଛି। ସରକାରୀ ଉଦାସୀନତାର ପ୍ରତିବାଦରେ ଜୁଲାଇ ୧୭ରେ ୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ' ପାଇଁ କଂଗ୍ରେସ ଡାକରା ଦେଇଛି। ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଦର୍ଶାଇ କଂଗ୍ରେସ ନେତୃତ୍ୱରେ ବାମପନ୍ଥୀଙ୍କ ସମେତ ୮ ବିରୋଧୀ ଦଳ ବନ୍ଦରେ ସାମିଲ ହେବେ ବୋଲି ଘୋଷଣା କରିଛନ୍ତି। ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଯିବା ସହ ବାଲେଶ୍ୱରରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯିବ। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୀଡ଼ିତାଙ୍କ ମୃତ୍ୟୁ ଭାଜପାର ସିଷ୍ଟମ୍ ଦ୍ୱାରା କରାଯାଇଥିବା ଏକ ସଙ୍ଗଠିତ ହତ୍ୟା ରୂପେ ଅଭିହିତ କରି ପ୍ରଧାନମନ୍ତ୍ରୀଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ଏକ ବିଫଳ ବ୍ୟବସ୍ଥା ଯୋଗୁ ଛାତ୍ରୀଙ୍କ ଜୀବନ ଚାଲିଗଲା। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡ଼ିତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

## ■ ଆଜି ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ

**ଭୁବନେଶ୍ୱର, ୧୫।୭**
**(ସୁନିତ୍ ମିଶ୍ର/ରବିନାରାୟଣ ଜେନା)**


ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଘେରିବାରେ ଲାଗିଛନ୍ତି। କଲେଜର ଶିକ୍ଷା ବିଭାଗ ମୁଖ୍ୟ ତଥା ଅଧ୍ୟାପକ ସମୀର କୁମାର ସାହୁଙ୍କ ବିରୋଧରେ ପୀଡ଼ିତା ଯୌନ ନିର୍ଯାତନା ଅଭିଯୋଗ ଆଣିଥିବାବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ☞ ପୃଷ୍ଠା-୪

## ଜବାବ ମାଗୁଛି ଦେଶ: ରାହୁଲ

ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'X'ରେ କହିଛନ୍ତି, ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ଭାଜପାରୁ ସିଷ୍ଟମ୍ ଦ୍ୱାରା କରାଯାଇଥିବା ଏକ ସଙ୍ଗଠିତ ହତ୍ୟା। ସାହସୀ ଛାତ୍ରୀ ଜଣକ ଯୌନ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। କିନ୍ତୁ ନ୍ୟାୟ ପ୍ରଦାନ ପରିବର୍ତ୍ତେ ତାଙ୍କୁ ଧମକ ଓ ନିର୍ଯାତନା ଦିଆଯାଇଥିଲା। ବାରମ୍ବାର ଅପମାନିତ କରାଯାଇଥିଲା। ଯେଉଁମାନେ ଛାତ୍ରୀଙ୍କୁ ସୁରକ୍ଷା ଦେବା ଆବଶ୍ୟକ ଥିଲା, ସେମାନେ ତାଙ୍କୁ ଭାଙ୍ଗିଚାଲିଥିଲେ। ପ୍ରତିଥର ଭଳି ଏଥର ମଧ୍ୟ ଭାଜପାର ସିଷ୍ଟମ୍ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଇ ଚାଲିଥିଲା। ଏଥିଯୋଗୁ ଜଣେ ନିରୀହ ନିଜ ଶରୀରରେ ନିଆଁ ଲଗାଇବାକୁ ବାଧ ହେଲେ। ଏହା ଆତ୍ମହତ୍ୟା ନୁହେଁ, ବ୍ୟବସ୍ଥା ଦ୍ୱାରା କରାଯାଇଥିବା ସଙ୍ଗଠିତ ହତ୍ୟା ବୋଲି ରାହୁଲ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ରାହୁଲ କହିଛନ୍ତି, ଓଡ଼ିଶା ମଣିପୁର ପାଲଟିଗଲା। ଦେଶର ଝିଅମାନେ ଜଳି ଭାଙ୍ଗିପଡୁଛନ୍ତି, ଆଖି ବୁଜୁଛନ୍ତି। ଆପଣ ନୀରବ ବସିଛନ୍ତି? ଦେଶକୁ ଆପଣଙ୍କ ନୀରବତା ନୁହେଁ, ଜବାବ ଲୋଡ଼ା। ଦେଶର ଝିଅମାନଙ୍କୁ ସୁରକ୍ଷା ଓ ନ୍ୟାୟ ଲୋଡ଼ା ବୋଲି କଂଗ୍ରେସ ନେତା ରାହୁଲ କହିଛନ୍ତି।

**ଆଜିର ସମ୍ପାଦକୀୟ** ପୋଲ ନ ଭାଙ୍ଗୁ



# ପଞ୍ଚଭୂତରେ ବିଲୀନ ହେଲେ ସୌମ୍ୟାଶ୍ରୀ

ଭୋଗରାଇ, ୧୫।୭(ପ୍ରଦୀପ ଦାସ): ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଉଦ୍ୟମ କରିଥିବା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଆଖି ବୁଜିଛନ୍ତି। ତାଙ୍କ ମୃତଦେହ ମଙ୍ଗଳବାର ନିଜ ଗ୍ରାମ ଭୋଗରାଇ ପଳାସିଆ ଗ୍ରାମରେ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ଗାଁଦାଣ୍ଡ। ଗାଁ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ପଞ୍ଚଭୂତରେ ଲୀନ ହୋଇଛି ସୌମ୍ୟାଶ୍ରୀଙ୍କ ମରଶରୀର। ଗେହ୍ଲା ଝିଅକୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ପରିବାର, ଆତ୍ମୀୟ ସ୍ୱଜନ। ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ଛାତ୍ରୀଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।




ଭୋଗରାଇ ପଳାସିଆ ଗ୍ରାମର ସୌମ୍ୟାଶ୍ରୀଙ୍କ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି।

ସୋମବାର ବିଳମ୍ବିତ ରାତିରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ୨ୟ ବର୍ଷର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଏମ୍‌ସ କର୍ତ୍ତୃପକ୍ଷ ମୃତ ଘୋଷଣା କରିଥିଲେ। ଛାତ୍ରୀଙ୍କ ମୃତଦେହକୁ ପୋଲିସ, ପ୍ରଶାସନ କଡ଼ା ସୁରକ୍ଷା ମଧ୍ୟରେ ଭୁବନେଶ୍ୱରରୁ ଭୋଗରାଇ ଜନ୍ମମାଟିକୁ ଆଣିଥିଲା। ମଙ୍ଗଳବାର ସକାଳ ସାଢ଼େ ୮ଟାରେ ମରଶରୀର ଭୋଗରାଇ ଥାନା ଛକଠାରେ ପହଞ୍ଚିଥିଲା। ସେଠାରେ ବହୁ ଲୋକ, ରାଜନେତା, ଛାତ୍ରୀଛାତ୍ର, ମହିଳା ସଙ୍ଗଠନ ମୃତ ଛାତ୍ରୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେବା ନିମନ୍ତେ ରୁଣ୍ଡ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ମୃତଦେହ ଆମ୍ବୁଲାନ୍ସରେ ଭୋଗରାଇ ଥାନା ଛକରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ନ ଅଟକିବାରୁ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ବିଜେଡିର ଅନ୍ୟ ନେତାମାନେ ଅଟକାଇବାକୁ ଚେଷ୍ଟା କରିଥିଲେ। ପୋଲିସ ବାଧା ଦେବାରୁ ଏହି ସମୟରେ ଗାଡ଼ି ସମ୍ମୁଖ ଭାଗକୁ ବିଜେଡି ସମର୍ଥକମାନେ ଅଟକାଇବା ସହିତ ବସିପଡ଼ି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଓ ପ୍ରଶାସନ ତରବରିଆଭାବେ ସେଠାରୁ କୌଶଳକ୍ରମେ ଆମ୍ବୁଲାନ୍ସ ନେଇ ମୃତା ଛାତ୍ରୀଙ୍କ ଘର ପଳାସିଆ ଗ୍ରାମରେ ପହଞ୍ଚିଥିଲେ। ପରିବାର ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳି ସମଗ୍ର ପରିବେଶକୁ ଶୋକାଭିଭୂତ କରିଥିଲା। ଭୋଗରାଇ ବିଧାୟକ ଓ ବିଜେଡି ନେତାମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ୩ ବିଧାୟକ ଓ ଭାଜପା ନେତାମାନେ ମୃତ ଛାତ୍ରୀଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଖୁବ କମ୍ ସମୟ ମଧ୍ୟରେ ଛାତ୍ରୀଙ୍କ ମରଶରୀରକୁ ଗାଁ ଶ୍ମଶାନକୁ ନିଆଯାଇଥିଲା। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ଭାବବିହ୍ୱଳ ହୋଇ ସୌମ୍ୟାଶ୍ରୀ ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ। ଶ୍ମଶାନରେ ଶବକୁ କଡ଼ା ସୁରକ୍ଷା ମଧ୍ୟରେ କର୍ଡନ କରି ଚୁଲିକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଛାତ୍ରୀଙ୍କ ସାନଭାଇ ମୁଖାଗ୍ନି ଦେଇଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ସହକାରୀ ଜିଲା ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାସ, ଉପଜିଲାପାଳ ସୁଧାକର ନାୟକ, ହେମନ୍ତ ସିଂ, ଡ. ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଡିଓ, ତହସିଲଦାର, ଥାନାଧିକାରୀଙ୍କ ସହ ସଦର ବିଧାୟକ ମାନସ ଦତ୍ତ, ରେମୁଣା ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, କଂଗ୍ରେସ ନେତ୍ରୀ ମୀନାରାଣୀ ସୁର, ନେତା ସନ୍ତୋଷ କୁମାର ଜେନାଙ୍କ ସହ ମହିଳା ସାଂସ୍କୃତିକ ସଙ୍ଗଠନର ନାରୀନେତ୍ରୀ, ଡିଏସ୍‌ଓ ଛାତ୍ର ସଙ୍ଗଠନର ଛାତ୍ରୀଛାତ୍ର ନେତା, ଶିକ୍ଷକ, ଅଧ୍ୟାପକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ମୃତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)



ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି। ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତକରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନକରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଦିବଂଗତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି।

## ବିଫଳ ବ୍ୟବସ୍ଥା ନେଲା ଛାତ୍ରୀଙ୍କ ଜୀବନ: ନବୀନ

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)



ଏମ୍‌ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫ୍‌ଏମ୍ କଲେଜର ପୀଡ଼ିତା ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ଏହି ସମୟରେ ତାଙ୍କ ପରିବାରକୁ ମହାପ୍ରଭୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ନବୀନ ସରକାରଙ୍କୁ ଟାର୍ଗେଟକରି କହିଛନ୍ତି, ଏକ ବିଫଳ ବ୍ୟବସ୍ଥା କିପରି ଜଣଙ୍କ ଜୀବନ ନେଇପାରେ ସେକଥା ଅଧିକ ବିଚଳିତ କରିଛି। ସବୁଠାରୁ କଷ୍ଟଦାୟକ ହେଉଛି, ଏହା କୌଣସି ଦୁର୍ଘଟଣା ନୁହେଁ ବରଂ ଏହା ଏପରି ଏକ ବ୍ୟବସ୍ଥାର ଫଳ, ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିଲା। ନ୍ୟାୟ ପାଇବାକୁ ଆଶାକରି ଶେଷରେ ଛାତ୍ରୀ ଜଣକ ଆଖି ବୁଜିଲେ ବୋଲି ନବୀନ କହିଛନ୍ତି।

# ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନକଲା ୟୁଜିସି

ଭୁବନେଶ୍ୱର,୧୫।୭(ସୁଚିସ୍ମିତା ସାହୁ)

ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାକୁ ଗୁରୁତ୍ୱର ସହ ନେଇଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)। ତଦନ୍ତ ପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇଛି। ଏନେଇ ମଙ୍ଗଳବାର ୟୁଜିସି ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ପ୍ରଫେସର ରାଜ ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଅହମ୍ମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟ କୁଳପତି ଡ. ନୀର୍ଜା ଗୁପ୍ତା ଏବଂ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଳା ସଂଯୋଜକ ଅଧିକାରୀ ଭାବେ ରହିଛନ୍ତି। କମିଟି ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରି ୭ଦିନ ଭିତରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ୟୁଜିସି ସଚିବ ସୁଦୀପ ସିଂହ ଜୈନ ଜାରି କରିଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ଯେ, ଛାତ୍ରୀମୃତ୍ୟୁ ଘଟଣାର ସ୍ଥିତି ଅନୁଧ୍ୟାନ, ଘଟଣା ପରିପ୍ରେକ୍ଷୀରେ ଅନୁଷ୍ଠାନର ନୀତି, ଅଭିଯୋଗ ନିରାକରଣ ପ୍ରଣାଳୀ, ଅଭିଯୋଗ ପରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ରହିଥିବା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବେ। ୟୁଜିସି ନିୟମାବଳୀ (ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ଯୌନ ଶୋଷଣ ନିବାରଣ, ନିଷେଧ ଏବଂ ନିରାକରଣ) ଏବଂ ୟୁଜିସି ଦ୍ୱାରା ଜାରି ଅନ୍ୟାନ୍ୟ ମାର୍ଗଦର୍ଶିକା ଅନୁପାଳନ ସ୍ଥିତିକୁ ମଧ୍ୟ କମିଟି ଯାଞ୍ଚ କରିବ। ନିୟମାବଳୀର ଧାରା ୩ ଅନୁଯାୟୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଦାୟିତ୍ୱ ପାଳନ ସମ୍ପର୍କରେ ଅନୁସନ୍ଧାନ କରାଯିବ। ଅନୁଷ୍ଠାନ ଦ୍ୱାରା ମହିଳା ଛାତ୍ରୀଙ୍କ ସୁରକ୍ଷା ଓ କଲ୍ୟାଣ ନୀତି ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ପ୍ରକୃତ କାର୍ଯ୍ୟକାରିତା ଯାଞ୍ଚ କରାଯିବ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ମଙ୍ଗଳବାର ମୃତଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ ସଂଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

# ବିଦ୍ୟାର୍ଥୀଙ୍କ ଅଭିଯୋଗକୁ ଅଗ୍ରପ୍ରାଧାନ୍ୟ ଦିଆଯାଉ

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବି.ଏଡ୍‌ର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ରାଜ୍ୟ ତଥା ଦେଶରେ ଚହଳ ପକାଇଛି। ଅଧ୍ୟାପକଙ୍କ ବିରୋଧରେ ଆଣିଥିବା ଅଭିଯୋଗ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଣଦେଖା ହେବା ପରେ ସେ ନ୍ୟାୟ ପାଇବା ପାଇଁ ପୋଲିସଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ସୋସିଆଲ ମିଡିଆରେ ଜଣାଇଥିଲେ। ସବୁଥିରୁ ବଞ୍ଚିତ ହେବା ପରେ ସେ ଆତ୍ମାହୁତି ଦେଇଥିଲେ ଓ ୧୪ ଜୁଲାଇରେ ତାଙ୍କର ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଯାଇଛି। ଏହି ସାମଗ୍ରିକ ଘଟଣା ପରେ ରାଜ୍ୟର ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ଓ ଛାତ୍ର ନେତାମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେମାନେ କହନ୍ତି..

### ମୃତ୍ୟୁ ଖବର ମର୍ମାହତ କରିଛି, ପୁନରାବୃତ୍ତି ନ ହେଉ



“ଏଫ୍‌ଏମ୍ କଲେଜର ପୀଡିତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଖବର ଆମ ସମସ୍ତଙ୍କୁ ବହୁତ ମର୍ମାହତ କରିଛି। ଏଥିପାଇଁ ଦାୟୀ କଲେଜ ଅଧକ୍ଷ, ବିଭାଗୀୟ ଏଚଓଡି, ଆଇସିସି କମିଟି ସଦସ୍ୟଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଭଉଣୀଙ୍କୁ ଯେପରି ନ୍ୟାୟ ମିଳିବ ସେଥିପାଇଁ ରାଜ୍ୟ ସରକାର ଧ୍ୟାନ ଦିଅନ୍ତୁ। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ, ସେଥିପାଇଁ ସେଭଳି ପଦକ୍ଷେପ ନିଆଯିବା ଦରକାର।

-ବିଶ୍ୱଜିତ ସାହୁ, ଛାତ୍ର, ବିଜେବି କଲେଜ

### ଅଭିଯୋଗକୁ ଗୁରୁତ୍ୱ ଦେଇଥିଲେ ମୂଲ୍ୟବାନ ଜୀବନ ବଞ୍ଚିଯାଇଥାନ୍ତା



“ଜଣେ ଛାତ୍ରୀଙ୍କୁ କଲେଜ ଅଧକ୍ଷ, ଇଣ୍ଟରନାଲ କମିଟିଠାରୁ ଆରମ୍ଭ କରି ଏସ୍‌ପି, ବିଧାୟକ, ଏମ୍‌ପି, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ କେହି ଜଣେ ନ୍ୟାୟ ଦେଇପାରିଲେ ନାହିଁ। ଶେଷରେ ନିରାଶ ହୋଇ ସମସ୍ତଙ୍କଠାରୁ ଭରସା ତୁଟିବା ପରେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଲେ। ଏବେ ଯେଉଁମାନେ ସମବେଦନା ଜଣାଉଛନ୍ତି, ସେତେବେଳେ ଅଭିଯୋଗକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେଇଥିଲେ ଆଜି ଗୋଟିଏ ମୂଲ୍ୟବାନ ଜୀବନ ବଞ୍ଚି ଯାଇଥାନ୍ତା। ତେବେ କଲେଜ ଭିତରକୁ ପେଟ୍ରୋଲ ଓ ଦିଆସିଲି କେମିତି ଗଲା, ତାହାର ତଦନ୍ତ ଆବଶ୍ୟକ। ସମ୍ପୂର୍ଣ୍ଣ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଭବିଷ୍ୟତରେ କୌଣସି ଛାତ୍ରୀଙ୍କ ସହ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ଓ ସରକାର ସଜାଗ ରୁହନ୍ତୁ।

-ଚିନ୍ମୟ କୁମାର ଦାସ, ଛାତ୍ର ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି, ଭଦ୍ରକ

### ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ



“ଏଭଳି ଘଟଣା ରାଜ୍ୟରେ ପ୍ରଥମ ନୁହେଁ। ସୌମ୍ୟାଶ୍ରୀ ଘଟଣା ଅଧିକ ଚର୍ଚ୍ଚାକୁ ଆସିଛି, ହେଲେ ବହୁ କିଛି ସମସ୍ୟା ପ୍ରତିଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ରହିଛି। ଜଣେ ଛାତ୍ରୀ ନିଜ ସମସ୍ୟା ସମାଧାନ ପାଇଁ ସହାୟତା ମାଗିଥିଲେ, ହେଲେ ଏହାକୁ କେହି ବି ଗୁରୁତ୍ୱର ଭାବେ ଗ୍ରହଣ କରି ନ ଥିଲେ ବରଂ ସେ ଆତ୍ମାହୁତି ଦେବା ପରେ ସରକାର ନିଜକୁ କ୍ଲିନ୍ ଚିଟ୍ ଦେବା ପାଇଁ ଲୋକଦେଖାଣିଆ ଭାବେ ଘଟଣାକୁ ଗୁରୁତ୍ୱ ଦେଇଛନ୍ତି, ଯାହାକି ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ। ସରକାର ଏଭଳି ପଦକ୍ଷେପ ନିଅନ୍ତୁ, ଯେପରି ଦ୍ୱିତୀୟ ସୌମ୍ୟଶ୍ରୀ ଏଭଳି ସ୍ଥିତିର ଶୀକାର ନ ହେବେ।

- ଶ୍ରେୟା ଦାସ, ଯୁକ୍ତ ୩ ଦ୍ୱିତୀୟ ଶ୍ରେଣୀ କଳା ବିଭାଗ ଛାତ୍ରୀ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ

### ଉଚ୍ଚସ୍ତରୀୟ ତଦନ୍ତ କରାଯାଉ



“ବାଲେଶ୍ୱର ଏଫ୍‌ଏମ୍ କଲେଜ ପୀଡିତାଙ୍କ ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦ। ତାଙ୍କ ଭଳି ପ୍ରତିଟି କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ନିର୍ଯାତିତ ହେଉଛନ୍ତି। ସରକାର ଏଭଳି ଅଧାପକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେମାନେ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳିବାକୁ ସାହସ କରୁଛନ୍ତି। ତେଣୁ ବାଲେଶ୍ୱର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଘଟଣାରେ ସାମିଲ ଥିବା ସମସ୍ତଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଚାକିରିରୁ ବହିଷ୍କାର କରାଯାଉ।

-ଅରୂପ କୁମାର ରାୟ, ଛାତ୍ର, ବିଜେବି କଲେଜ

### ପ୍ରତି ମାସରେ ଇଣ୍ଟରନାଲ କମିଟି ବୈଠକ ବସୁ



“ବିଭିନ୍ନ କାରଣରୁ ବିଦ୍ୟାର୍ଥୀମାନେ ଶିକ୍ଷାନୁଷ୍ଠାନଗୁଡିକରେ ଶାରୀରିକ ଓ ମାନସିକ ନିର୍ଯାତନର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ସୁରକ୍ଷା ଓ ଅଭିଯୋଗ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉ। ଯେମିତି ଜଣେ ଛାତ୍ରୀ ହେଉ କି ଛାତ୍ର ନିର୍ଭୟରେ ଘଟଣା ସମ୍ପର୍କରେ ଅଧିକାରୀଙ୍କ ସହିତ ଆଲୋଚନା କରିପାରିବ। ବାଲେଶ୍ୱର ଘଟଣାରେ ସମସ୍ତ ଅପରାଧୀଙ୍କୁ ଦଣ୍ଡ ପ୍ରଦାନ କରାଯାଉ। ଶିକ୍ଷାନୁଷ୍ଠାନରେ ପ୍ରତିମାସରେ ଇଣ୍ଟନାଲ କମିଟି ବୈଠକ ବସି ବିଦ୍ୟାର୍ଥୀଙ୍କ ସମସ୍ୟାକୁ ସମାଧାନ କରାଯାଉ।

-ବର୍ଷାରାଣୀ ସାହୁ, ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

### ସହାୟତା ଆଳରେ ଘଟଣାକୁ ଦବାଇବାକୁ ଉଦ୍ୟମ କରାଯାଉଛି



“ଏଫ୍‌ଏମ୍ କଲେଜର ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। କଲେଜ କର୍ତ୍ତୃପକ୍ଷ, ଲୋକ ପ୍ରତିନିଧି, ମନ୍ତ୍ରୀ, ପୋଲିସ ଓ ଜିଲା ପ୍ରଶାସନ କେହି ନ ଶୁଣିବାରୁ ଛାତ୍ରୀ ଜଣଙ୍କ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହେଲେ। କେହି ଶୁଣିଥିଲେ ଏଭଳି ଅଘଟଣ ଘଟି ନ ଥାନ୍ତା। ଏବେ ସରକାର ସହାୟତା ଆଳରେ ସମବେଦନା ଦେଖାଇ ଘଟଣାକୁ ଦବାଇବାକୁ ଉଦ୍ୟମ କରୁଛନ୍ତି।

ଅଚ୍ୟୁତାନନ୍ଦ ବେହେରା, ଛାତ୍ର କଂଗ୍ରେସ ନେତା,କେନ୍ଦୁଝର

### ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଚିହ୍ନଟ କରନ୍ତୁ



“ସାମାନ୍ୟତମ ଅବହେଳାରୁ ଚାଲିଗଲା ନୀରିହ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଜୀବନ। ତାଙ୍କ ଅଭିଯୋଗକୁ ଯଦି ଗୁରୁତ୍ୱର ସହିତ ଗ୍ରହଣ କରାଯାଇଥାନ୍ତା ତାହାହେଲେ ଆଜି ସେ ଆମ ଗହଣରେ ଥାନ୍ତେ। ବେଳେ ବେଳେ ଏଭଳି କିଛି ଘଟଣା ହାଲୁକା ଭାବେ ଗ୍ରହଣ କରିବା ଫଳରେ ବଡବଡ ଘଟଣା ଘଟିଯାଉଛି। ଏହି ଘଟଣାକୁ ନେଇ ସରକାର ଶାସନ କଡାକଡି କରିବା ସହିତ ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ସଚେତନ ରହିବାର ଆବଶ୍ୟକତା ରହିଛି। ଏଥିସହିତ କଲେଜଗୁଡିକରେ ଥିବା ତଦନ୍ତ କମିଟି ସବୁକ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ ନ କରି ନିରପେକ୍ଷ ତଦନ୍ତ କରି ଉପଯୁକ୍ତ ଦୋଷୀଙ୍କୁ ଚିହ୍ନଟ କରନ୍ତୁ।

-ଭରତ ଚନ୍ଦ୍ର ସାହୁ, ବିଜୁ ଛାତ୍ର ଜନତା ଦଳ ସଭାପତି, ଚୌଦ୍ୱାର-କଟକ

### ଦୋଷୀ ଦଣ୍ଡ ନ ପାଇଲେ ଏଭଳି ଘଟଣା ବଢ଼ିବ



“ଏଫ୍‌ଏମ କଲେଜର ନିର୍ଯାତିତା ଛାତ୍ରୀଙ୍କ ଗୁହାରି କେହି ଶୁଣି ନ ଥିଲେ। ପ୍ରିନ୍ସିପାଲ, କଲେଜ କମିଟି ସଦସ୍ୟଙ୍କଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ବିଭାଗ, ନେତା, ମନ୍ତ୍ରୀ ଓ ପୋଲିସ ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ। ସରକାର ପ୍ରକୃତ ଦୋଷୀକୁ ଉଚିତ ଦଣ୍ଡ ନ ଦେଲେ ଏମିତି ଘଟଣା ଆଗକୁ ବଢ଼ିଚାଲିବ। କଲେଜରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଉ। ଅଧାପକ, ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉ।

-ପୂର୍ଣ୍ଣିମା ସାହୁ , ଛାତ୍ରୀ, ଏକାମ୍ର କଲେଜ

### ଦୋଷୀଙ୍କୁ କଠୋର ଦଣ୍ଡ ମିଳିବା ଦରକାର



“ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ଏଭଳି ଘଟଣା ଆଉ କେଉଁଠି ନ ଘଟୁ। ଛାତ୍ରୀ କିମ୍ବା ଛାତ୍ରଙ୍କଠାରୁ ଆସୁଥିବା ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ନେଇ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହାର ତ୍ୱରିତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଏଥିସହ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଦୋଷୀଙ୍କୁ କୋଠର ଦଣ୍ଡ ପ୍ରଦାନ କରାଯାଉ।

-ରିତିକା ବେହେରା, ଯୁକ୍ତ ୩ ଛାତ୍ରୀ ଅନୁଗୋଳ କଲେଜ

### ସରକାର ଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ



“ଆତ୍ମହତ୍ୟା ପୂର୍ବରୁ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ। ଦୋଷୀଙ୍କୁ ନିଲମ୍ବନ ନୁହେଁ ବହିଷ୍କାର କରିବା ଉଚିତ। ଭାଜପା ସରକାର ଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ। ପରେ ବେଟି ପଢ଼ାଓ-ବେଟି ବଞ୍ଚାଅ ନାରା ଦିଅନ୍ତୁ।

- ଯତୀନ ବାନରା, ଛାତ୍ର ନେତା, ଏଆଇଡିଏସ୍‌ଓ, ବାରିପଦା, ମୟୂରଭଞ୍ଜ

### ବିଚାର ବିଭାଗୀୟ ତଦନ୍ତ ହେଉ



“ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ଅଧାପକଙ୍କ ନିର୍ଯାତନା ସହି ନ ପାରି ଯେଭଳି ଭାବେ ଆତ୍ମାହୁତି ଦେଲେ ତାହା ଛାତ୍ରସମାଜ ପ୍ରତି କୁଠାରାଘାତ କରିଛି। ଏହାର ବିଚାର ବିଭାଗୀୟ ତଦନ୍ତ ହେବା ଉଚିତ। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନେଲେ ଛାତ୍ରସମାଜ ଅସୁରକ୍ଷିତ ହୋଇପଡିବ। ମୁଖ୍ୟତଃ ଛାତ୍ରୀମାନଙ୍କ ସୁରକ୍ଷା ଜରୁରୀ।

-ପୂଜା ଭୂୟାଁ, ଛାତ୍ରୀ, ହିଞ୍ଜିଳିକାଟୁ ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଞ୍ଜାମ

### ବିଦ୍ୟାର୍ଥୀଙ୍କ ଅଭିଯୋଗକୁ ଅଣଦେଖା କରା ନ ଯାଉ



“ଯୁବପିଢ଼ିଙ୍କୁ ଦୃଢ଼ ମାନସିକତାର ଆବଶ୍ୟକ ରହିଛି। କାହା କଥାରେ ପ୍ରେରିତ ହୋଇ ଭୁଲ ନିଷ୍ପତ୍ତି ନେବା ପୂର୍ବରୁ ନିଜ ପରିବାର ଏବଂ ସ୍ୱପ୍ନ କଥା ଭାବିବା ଦରକାର। ସେହିପରି ବିଦ୍ୟାର୍ଥୀମାନେ କରୁଥିବା ଅଭିଯୋଗକୁ ଅଣଦେଖା ନ କରି ତୁରନ୍ତ ସମାଧାନ କରିବାକୁ କଲେଜ ଓ ବିଶ୍ୱବିଦ୍ୟାଳୟର ଇଣ୍ଟରନାଲ କମିଟି ସଦସ୍ୟମାନେ ତତ୍ପରତା ଦେଖାଇବା ଦରକାର। ଛାତ୍ରୀଙ୍କ ସହ ଅମାନୁଷିକ ଘଟଣା ଘଟାଉଥିବା ଗୁରୁଙ୍କ ଉପରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

-ଶାଶ୍ୱତୀ ପ୍ରିୟଦର୍ଶିନୀ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ

### ଅଧକ୍ଷ, ଏଚ୍‌ଓଡିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ



“ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ବଡ଼ ଦୁଃଖଦ ଘଟଣା। ସେ ସମସ୍ତଙ୍କ ନିକଟରେ ଅଭିଯୋଗ କରି ନିଜର ସାହସ ଦେଖାଇଥିଲେ। ଏତେ ସାହସ ଦେଖାଇବା ପରେ ପଦକ୍ଷେପ ନିଆ ନ ଯିବାରୁ ସେ ନିଜକୁ ଜାଳିଦେଲେ। ନିଜ ଭବିଷ୍ୟତକୁ ନେଇ ଛାତ୍ରୀ ଜଣକ ଦେଖିଥିବା ସ୍ୱପ୍ନ ଅଧାପକଙ୍କ ନିର୍ଯାତନା ନିଆଁରେ ଜଳିପୋଡ଼ି ପାଉଁଶ ହୋଇଗଲା।

-ଲଭ୍‌ଲି ମହାପାତ୍ର, ସାଇକୋଲୋଜି ବିଭାଗର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ, ଭଦ୍ରକ କଲେଜ

### ସରକାର ଓ ବିରୋଧୀଙ୍କ ଭୂମିକା ଶୂନ



“ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏଭଳି ସମସ୍ୟା ରହିଛି। ହେଲେ କିଛି ଘଟଣା ସାମ୍ନାକୁ ଆସୁଛି ତ କିଛି ଚାପି ଦିଆଯାଉଛି। ଫଳରେ ଛାତ୍ରୀଛାତ୍ରମାନେ ମରଣ ମୁହଁକୁ ଯାଉଛନ୍ତି। ସରକାର ଓ ବିରୋଧୀ ଦଳ ଏଦିଗରେ କେବେ ଗୁରୁତ୍ୱ ଦେଇ ନାହାନ୍ତି। ଉଭୟଙ୍କ ଭୂମିକା ଶୂନ ରହିଛି। ଏଭଳି ଘଟଣା ବଖାଣୁଛି ଯେ ପ୍ରତିଟି ମହାବିଦ୍ୟାଳୟରେ ଛାତ୍ର ସଂଘ ରହିବ, ଯଦ୍ୱାରା ସମସ୍ତଙ୍କ ମନରେ ଭୟ ରହିବ।

ଡା. ଚିନ୍ମୟ ପ୍ରଧାନ, ସଭାପତି, ଜୁନିୟର ଡାକ୍ତର ସଂଘ, ଏସ୍‌ସିବି

### କଠୋର ଦଣ୍ଡବିଧାନ ହେବା ଦରକାର



“ଫକୀର ମୋହନ କଲେଜର ଛାତ୍ରୀଙ୍କ ଆତ୍ମାହୁତି ଘଟଣା ଛାତ୍ର ସମାଜ ପାଇଁ କଳଙ୍କ। ଏହାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦରକାର। ଯେଉଁମାନେ ତାଙ୍କୁ ନିର୍ଯାତନା ଦେଇଛନ୍ତି, ସେମାନଙ୍କ ପ୍ରତି କଠୋର ଦଣ୍ଡବିଧାନ ହେବା ଉଚିତ। ନଚେତ ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମନେ କରିବେ।

-ସାଇ କୁମାର ଯାଦବ, ପିଜି ଛାତ୍ର (ଫିଲୋସଫି), ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

# ଭାରତୀୟ ମୂଲ୍ୟବୋଧକୁ ଦୀକ୍ଷା ଭାବେ ଗ୍ରହଣ କର: ରାଷ୍ଟ୍ରପତି

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ତ୍ରୟୋଦଶ ସମାବର୍ତ୍ତନ ସମାରୋହ

**କଟକ,୧୫।୭(କାର୍ତ୍ତିକ ସାହୁ)**

ସମାବର୍ତ୍ତନ ଉତ୍ସବ ଏକ ପ୍ରାଚୀନ ପରମ୍ପରା। ଶିକ୍ଷା, ଦୀକ୍ଷା ଶେଷରେ ଗୁରୁମାନେ ବିଦ୍ୟାର୍ଥୀମାନଙ୍କ ଉପଦେଶ ଦେଇ କହୁଥିଲେ, ସତ୍ୟ ପ୍ରତି ନିଷ୍ଠା ରଖ। କର୍ତ୍ତବ୍ୟ ପାଳନ କର। ସେମାନଙ୍କ ଉପଦେଶର ମର୍ମ ଥିଲା, ବିଦ୍ୟାର୍ଥୀମାନେ ନିଜେ ବଢ଼ନ୍ତୁ, ତା ସହ ସମାଜକୁ ଗଢ଼ନ୍ତୁ, ଦେଶର ସେବା କରନ୍ତୁ। ତୁମେ ଏହି ଭାରତୀୟ ମୂଲ୍ୟବୋଧକୁ ଜୀବନର ଦୀକ୍ଷା ଭାବେ ଗ୍ରହଣ କର ବୋଲି ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁର୍ମୁ କହିଲେ, ଆସ୍ଥା, ବିଶ୍ୱାସ, ସ୍ନେହ ଓ ସଂପ୍ରୀତି ବଳରେ ଶିଳା ଶାଳଗ୍ରାମ ପାଲଟିଯାଏ। ଆଜି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶାଳଗ୍ରାମ ପାଲଟି ଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଟା, ପଥରରେ ଗଢ଼ା ଏକ ନିର୍ଜୀବ ଇମାରତ ନୁହେଁ, ଏହା ଓଡ଼ିଶାର ଜୀବନ୍ତ ଇତିହାସ। ଏହାର ପ୍ରାଣସ୍ପନ୍ଦନ ଅଛି। ଏହା କେବଳ ଇତିହାସର ମୂକସାକ୍ଷୀ ନୁହେଁ, ଓଡ଼ିଶା ଓ ଭାରତ ଇତିହାସର ସକ୍ରିୟ ଅଂଶୀଦାର ମଧ୍ୟ। ଏହି ମହାନ୍ ଶିକ୍ଷାନୁଷ୍ଠାନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଆନ୍ଦୋଳନ ଓ ସ୍ୱାଧୀନତା ସହ ଓତପ୍ରୋତ ଭାବେ ଜଡ଼ିତ। ଶିକ୍ଷା ବିକାଶ ଓ ନାରୀ ଜାଗୃତିରେ ପ୍ରମୁଖ କେନ୍ଦ୍ର ହୋଇ ରହିଆସିଛି।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୈଜ୍ଞାନିକ ଡ. ଅଜିତ କୁମାର ମହାନ୍ତିଙ୍କୁ ଡି.ଲିଟ୍. ଉପାଧି ପ୍ରଦାନ କରୁଛନ୍ତି। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଅଛନ୍ତି।

ଅନେକ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, ଦାର୍ଶନିକ, ନେତା, ସମାଜ ସଂସ୍କାରକ, ପ୍ରଶାସକ, ବୈଜ୍ଞାନିକ, କଳାକାର ଏଠାରେ ଅଧ୍ୟୟନ କରି ଦେଶବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି ଏବଂ ଦେଶର ଟେକ ରଖିଛନ୍ତି। ଏ ମାଟିର ପୁଅ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରେଭେନ୍‌ଶା କଲେଜରୁ ଆସି ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ସ୍ୱାଧୀନତା ସଂଗ୍ରାମ ସହ ଯୋଡ଼ିଥିଲେ। ଭାରତ ଛାଡ଼ ଆନ୍ଦୋଳନରେ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ବ୍ରିଟିଶ ସରକାରଙ୍କ ୟୁନିୟନ ଜ୍ୟାକ ଅବନତ କରିଥିଲେ। ଏଣୁ ଏହି ଐତିହାସିକ ଅନୁଷ୍ଠାନର ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ପୁରାତନ ଅଧ୍ୟାପିକା, ଅଧ୍ୟାପକବୃନ୍ଦ ନିଶ୍ଚିତ ଭାବରେ ସୌଭାଗ୍ୟଶାଳୀ। ଛାତ୍ରୀଛାତ୍ରଗଣ ଆଜିଠାରୁ ତୁମ ଜୀବନର ମୋଡ଼ ବଦଳିବାକୁ ଯାଉଛି। ତୁମେ ଏ ବିଶ୍ୱବିଦ୍ୟାଳୟରୁ ବାହାରି ଜୀବନ ଓ ସମାଜ ନାମକ ଆହୁରି ବିଶାଳ ବିଶ୍ୱବିଦ୍ୟାଳୟରେ ପାଦ ଦେବ। ତୁମର ପରିଶ୍ରମ, ଅଧ୍ୟାପିକା, ଅଧ୍ୟାପକମାନଙ୍କ ମାର୍ଗଦର୍ଶନ ଏବଂ ମାତାପିତାଙ୍କ ଆଶୀର୍ବାଦ ବଳରେ ତୁମେ ଡିଗ୍ରୀଲାଭ କରିଛି। ତୁମେ ଜୀବନରେ ଯାହା ବି ହୁଅ, ଚାକିରି କରିବା ଅପେକ୍ଷା ଚାକିରି ଦେବା ଆହୁରି ବଡ଼ କଥା। ତୁମେ ଚାହିଁଲେ ଶିଳ୍ପୋଦ୍ୟୋଗୀ ହୋଇପାରିବ। ମଧୁବାବୁ ୧୨୦ ବର୍ଷ ତଳେ ଉତ୍କଳ ଟେନେରୀ ପ୍ରତିଷ୍ଠା କରିଥିଲେ। ଶିଳ୍ପ ଜଗତରେ ପ୍ରବେଶ କରିବା ଉଦ୍ୟମ କର। ଉଦ୍‌ଯୋଗୀ ଲୋକ ପାଖକୁ ସଫଳତା ଆପେ ଆପେ ଆସେ।

ସେହିପରି ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ କହିଲେ, ରେଭେନ୍‌ଶା ଏକ ପୁରୁଣା ଶିକ୍ଷାନୁଷ୍ଠାନ, ମାତ୍ର ପୁରୁଣାକାଳିଆ ନୁହେଁ। ଏହା ନିତ୍ୟ ନୂତନ ଶିକ୍ଷାନୁଷ୍ଠାନ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମୟ ସହ ତାଳଦେଇ ଚାଲୁଛି ଜାଣି ଖୁସି ହେଲି। ଆଜିର ସମୟ ପ୍ରଯୁକ୍ତିବିଦ୍ୟାର ସମୟ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଥ୍ରୀଡି ପ୍ରିଣ୍ଟିଂ, କ୍ଲାଉଡ୍ କମ୍ପ୍ୟୁଟିଂ ଆଦି ମଣିଷର ଚିନ୍ତାଚେତନାକୁ ବଦଳାଇ ଦେଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏସବୁର ବ୍ୟାପକ ଉପଯୋଗ କରୁଛି। ଆହୁରି ବ୍ୟାପକ କରିବ ବୋଲି ଆଶା ପୋଷଣ କରୁଛି। ତେବେ ଏସବୁ ଅତ୍ୟାଧୁନିକ ଜ୍ଞାନ କୌଶଳର ଦୁରୁପଯୋଗ ପ୍ରତି ସତର୍କ ରହିବା ଉଚିତ। ଭାରତକୁ ସୁପର ପାୱାରରେ ପରିଣତ କରିବା ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଉଚ୍ଚଶିକ୍ଷା ସଂସ୍ଥାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତ ବିଶ୍ୱର ଜ୍ଞାନକେନ୍ଦ୍ର ଥିଲା। ଭାରତର ଆଚାର୍ଯ୍ୟମାନେ ଦେଶବିଦେଶରେ ଆଦର ଲାଭ କରୁଥିଲେ। ଗଣିତ, ଜ୍ୟୋତିର୍ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଆୟୁର୍ବେଦ ଓ ଭେଷଜ ବିଜ୍ଞାନ ଆଦି ଅନେକ କ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଥିଲା। ଆମର ସେହି ସମୃଦ୍ଧ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ପ୍ରତିପାଦନ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ବିଦ୍ୟାର୍ଥୀମାନେ ଚାକିରି ଦେବାର ସୃଜନ କରିବା ଦରକାର। ରେଭେନ୍‌ଶା ଯାହା ଆଜି ଭାବେ ଓଡ଼ିଶା ୧୫ ଦିନ ପରେ ଭାବେ ତାହା ସତ ପ୍ରମାଣିତ କରିବାକୁ ପଡ଼ିବ। ୨୧ତମ ନିଉ ଗ୍ଲୋବାଲ ଆହ୍ୱାନକୁ ଆମ ଅଞ୍ଚଳରେ ବାନ୍ଧି ରଖିବାର ପ୍ରୟୋଗଶାଳା ରେଭେନ୍‌ଶା ହେଉ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ମଣିଷଗଢ଼ା ମହତ କାର୍ଯ୍ୟ ପାଇଁ ରେଭେନନ୍‌ଶା ବିଶ୍ୱବିଦ୍ୟାଳୟ ଖ୍ୟାତି ଅର୍ଜନ କରିଛି। ଭାରତର ପ୍ରାଚୀନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ସମସାମୟିକହେଉଛିରେଭେନ୍‌ଶା। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସବୁବେଳେ ଓଡ଼ିଆମାନଙ୍କ ପାଇଁ ରେଭେନ୍‌ଶାର ଅବଦାନ ଅତୁଳନୀୟ।

ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ଡ. ହରେକୃଷ୍ଣ ମହତାବ, ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ଓଡ଼ିଶାର ତମାମ ବରପୁତ୍ର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ପାଠ ପଢ଼ିଛନ୍ତି। ଭିତ୍ତିଭୂମିର ଉନ୍ନତି କରି ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ସର୍ବଦା ପ୍ରସ୍ତୁତ ଅଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଅଧକ୍ଷତା କରିଥିଲେ। କୁଳପତି ଡ. ସଞ୍ଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଏବଂ କୁଳସଚିବ କାହ୍ନୁଚରଣ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆଣବିକ ବୈଜ୍ଞାନିକ ଡ. ଅଜିତ କୁମାର ମହାନ୍ତି, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପ୍ରସିଦ୍ଧ ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତୀ ଏବଂ ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ୍ ପ୍ରତିଷ୍ଠାତା ତଥା ଦୃଷ୍ଟିହୀନ ସାମାଜିକ କର୍ମୀ ବିଜୟ କୁମାର ରଥଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧି ପ୍ରଦାନ କରାଯାଇଥିଲା। ଏଥିସହ ୨୦୨୩, ୨୦୨୪ ଓ ୨୦୨୫ ବର୍ଷପାଇଁ ବିଶ୍ୱବିଦ୍ୟାଳୟର ମୋଟ ୩୨୯ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ, ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨ ପାରା ଶିକ୍ଷକଙ୍କ ଗଳାକାଟି ହତ୍ୟାକଲେ ମାଓବାଦୀ

## ପୋଲିସ ଇନ୍‌ଫର୍ମର ସନ୍ଦେହ

**ମାଲକାନଗିରି,୧୫।୭ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୁଣି ମାଓବାଦୀଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ୨ ପାରା ଶିକ୍ଷକଙ୍କ ଗଳାକାଟି ହତ୍ୟା କରିଛନ୍ତି ମାଓବାଦୀ। ବିଜାପୁର ଜିଲା ପିଲୁରୁ ଗ୍ରାମ ନିକଟରେ ମାଓବାଦୀମାନେ ଜଣେ ଶିକ୍ଷକଙ୍କୁ ହତ୍ୟା କରିଥିବାବେଳେ ଟେକାମେଟା ଗ୍ରାମ ନିକଟରେ ଅନ୍ୟ ଜଣେ ଶିକ୍ଷକଙ୍କ ଗଳାକାଟି ହତ୍ୟା କରିଛନ୍ତି। ମୃତ ଏହି ୨ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କ ନାମ ବିନୋଦ ମାଡେ ବୋଲି ଜଣାପଡ଼ିଛି। ମାଓବାଦୀମାନେ ୨ ଶିକ୍ଷକଙ୍କୁ ସୋମବାର ମଧ୍ୟରାତ୍ରରେ ଘରୁ ଉଠାଇ ନେଇଥିଲେ। ଏହି ୨ଜଣ ପୋଲିସକୁ ସୂଚନା ଦେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ମାଓବାଦୀମାନେ ଏକ ପୋଷ୍ଟରରେ ଲେଖି ମୃତଦେହ ନିକଟରେ ଛାଡ଼ିଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।




# ଲୋକସେବା ଭବନରୁ ହଟିବ 'ଆଇଡିଲ୍ ଆସେଟ୍'


## ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ୩ ଜଣିଆ କମିଟି

**ଭୁବନେଶ୍ୱର,୧୫।୭ (ରବିନାରାୟଣ ଜେନା)**

ଲୋକସେବା ଭବନର ପ୍ରତ୍ୟେକ ବିଭାଗ ଏବେ ଅଦରକାରୀ ଆସବାବପତ୍ର(ଆଇଡିଲ୍ ଆସେଟ୍)ରେ ଭରି ଗଲାଣି। ପରିସ୍ଥିତି ଏପରି ହେଲାଣି ଯେ, କର୍ମଚାରୀ କଡ଼ ଲେଉଟାଇବା ତଥା କରିଡରରେ ଚାଲିଯିବା ଅଣନିଃଶ୍ୱାସୀ ହୋଇ ପଡୁଛି। ଏହାକୁ ଦୃଷ୍ଟିରେ ରଖି ସବୁ ବିଭାଗରୁ ଅଦରକାରୀ ସମ୍ପତ୍ତିକୁ ତୁରନ୍ତ ହଟାଇବା ଲାଗି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସଚିବସ୍ତରୀୟ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ଆଧାର କରି ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଚଳିତ ମାସ ୪ରେ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ବିଭାଗୀୟ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଡି. କେ. ଜେନା ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ ପାଇଁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସଭ୍ୟ ରହିଛନ୍ତି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଦରକାରୀ ସମ୍ପତ୍ତିର ଠିକ୍ ଆକଳନ କରିବା ସହିତ ତା'ର ସୁପରିଚାଳନା ଲାଗି ଏକ ସାଧାରଣ ଘରୋଇ ସହଭାଗିତା(ପିପିପି) ସେଲ୍ ଗଠନ ହେବ। ଉକ୍ତ ସେଲ୍‌ର ନାମ ଆସେଟ ମନିଟାଇଜେଶନ ଆଣ୍ଡ ଇନୋଭେଟିଭ ଫାଇନାନ୍ସିଂ ସେଲ୍ ରଖାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହିତ ପ୍ରଶାସନିକ ସଂସ୍କାର କିଭଳି ଆସିବ ତାକୁ ଦୃଷ୍ଟିରେ ରଖି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଭାଜପା ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଏବେ ନବୀକରଣ କାର୍ଯ୍ୟ ଜୋରଦାର ଚାଲିଛି। କେଉଁଠି ସଚିବଙ୍କ ପ୍ରକୋଷ୍ଠର ନବୀକରଣ ହେଉଛି ତ ଆଉ କେଉଁଠି ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସେକ୍ସନ କାର୍ଯ୍ୟ ନବୀକରଣ ହେଉଛି। ଏଥିପାଇଁ ବିଭାଗରେ ଥିବା ବିଭିନ୍ନ ଚେୟାର, ଟେବୁଲ, ଗଡରେଜ୍ ଭଳି ଆସବାବପତ୍ରଗୁଡ଼ିକ ଲୋକସେବା ଭବନର ଚଲାପଥଗୁଡ଼ିକରେ ଠୁଳ କରାଯାଉଛି। ପ୍ରତ୍ୟେକ ବିଭାଗରେ ଏହିଭଳି କାର୍ଯ୍ୟ ହେବା ଯୋଗୁ ରାସ୍ତାରେ ଚଳପ୍ରଚଳ କରିବା ଏକପ୍ରକାର ସମସ୍ୟା ସୃଷ୍ଟି କରୁଛି। ଲୋକସେବା ଭବନର ସୌନ୍ଦର୍ଯ୍ୟକରଣ ଲାଗି ଯେତିକି ଅର୍ଥ ବିନିଯୋଗ ହେଉଛି ତାହା ଯେପରି ଅକୃତକାର୍ଯ୍ୟ ନ ହେବ ସେଥିପାଇଁ ସରକାର ଏହି ସେଲ୍ ଜରିଆରେ ତାହାର ସୁପରିଚାଳନା କରିବେ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।




# ମାଓବାଦୀଙ୍କ ସୂଚନା ଦେବାକୁ ଜାରି ହେବ ଟୋଲ୍ ଫ୍ରି ନମ୍ବର

## ଆଣ୍ଟି ନକ୍ସଲ ଅପରେଶନ ଏଡିଜି ଦାୟିତ୍ୱ ନେଲେ ସଞ୍ଜୀବ ପଣ୍ଡା

**ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)**

ରାଜ୍ୟର ଆଣ୍ଟି ନକ୍ସଲ ଅପରେଶନ ଏଡିଜି ଭାବେ ୧୯୯୪ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ମାଓବାଦୀ ଅପରେଶନ୍ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସଞ୍ଜୀବ କହିଛନ୍ତି, ରାଜ୍ୟରେ ମାଓବାଦୀ ବିରୋଧୀ ଅପରେଶନ ଜୋରଦାର କରାଯିବ। ଆଗକୁ ନୂଆ ରଣନୀତି ସହ ଗୋଇନ୍ଦା ସକ୍ରିୟ ଉପରେ ଧ୍ୟାନ ଦିଆଯିବ। ମାଓବାଦୀ ଉପସ୍ଥିତି ନେଇ ସୂଚନା ଦେବା ଲାଗି ଜନସାଧାରଣଙ୍କ ପାଇଁ ଏକ ଟୋଲଫ୍ରି ନମ୍ବର ଜାରି କରାଯିବ। ସୂଚନାଦାତାଙ୍କ ସମ୍ପୂର୍ଣ୍ଣ ତଥ୍ୟ ଗୋପନୀୟ ରହିବ। ଏଥିପାଇଁ ସୂଚନାଦାତାଙ୍କୁ ପୁରସ୍କାର ମଧ୍ୟ ଦିଆଯିବ। ଏବେ କନ୍ଧମାଳ, ରାୟଗଡା ଓ କଳାହାଣ୍ଡିରେ ମାଓବାଦୀମାନେ ଅଧିକ ସକ୍ରିୟ ରହିଛନ୍ତି। ତେବେ ହିଂସାର ବାଟ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସଞ୍ଜୀବ ମାଓବାଦୀଙ୍କୁ ଆହ୍ୱାନ ଦେଇଛନ୍ତି।

# ଖୋଲିଲା ରେଙ୍ଗାଳି ଡ୍ୟାମ୍ ତୃତୀୟ ଗେଟ୍



**ପବିତ୍ରନଗର,୧୫।୭ (ନିରୋଜ ପ୍ରଧାନ)**

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଜଳଭଣ୍ଡାରସ୍ଥିତ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳ ଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ହୋଇଥିବାବେଳେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଏଠାରେ ଜଳସ୍ତର ୧୨୦.୯୮ ମିଟର ଛୁଇଁଛି। ଫଳରେ ଡ୍ୟାମ୍ କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବାବେଳେ ମଙ୍ଗଳବାର ତୃତୀୟ ଗେଟ୍ ଖୋଲି ବନ୍ୟା ଜଳ ନିଷ୍କାସନ କରିଛନ୍ତି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫୬୪୧.୭୫ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ହାଉସ ଓ ଖୋଲାଯାଇଥିବା ଗେଟ୍ ମାଧ୍ୟମରେ ମୋଟ ୪୨୦୦.୦୦ ଘନମିଟର ଜଳ ନିଷ୍କାସିତ ହେଉଛି ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜଳ ଭଣ୍ଡାର ତଳମୁଣ୍ଡରେ ଥିବା ଗାଁଗୁଡ଼ିକର ଲୋକଙ୍କୁ ସତର୍କ ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ପୂଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଶା ବନ୍ଦକୁ ସମର୍ଥନ କରି ସିପିଆଇର ଶୋଭାଯାତ୍ରା, ସ୍ଥାନ: ସିଟି ବସ୍‌ଷ୍ଟାଣ୍ଡରୁ ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ନବମ ପରିପୂର୍ଣ୍ଣା ନାୟିକା ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଭଗବାନ ମହାପାତ୍ରଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ମହାପାତ୍ର ହାଇସ୍କୁଲ, ରୂପ୍‌ସା, ବାଲେଶ୍ୱର, ସମୟ:ଅପରାହ୍ନ ୪ଟା।
- ସିଭିଲ୍ ସୋସାଇଟି ପକ୍ଷରୁ ପରିବର୍ଦ୍ଧିତ ବୈଠକ, ସ୍ଥାନ:ଷ୍ଟେସନ କ୍ଲବ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ
- ବିଜେଡି ପକ୍ଷରୁ ତାରାରୋପଣ, ସ୍ଥାନ: ଦୋଵଲ ବେଲମଳା ସ୍କୁଲ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ନାଟକ 'ହେ ମଣିମା ଶୁଣିବା ହେଉ' ମଞ୍ଚସ୍ଥ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଉଦୟପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ମହାକାଳପଡ଼ା ପଞ୍ଚାୟତ ସମିତି ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ସିଦ୍ଧେଶ୍ୱର ମହାଦେବଙ୍କ ପାର୍ଶ୍ୱ ପରିବର୍ତ୍ତନ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ରୋଟାରି କ୍ଲବ୍ ଅଫ ଜୟପୁର ପ୍ରାଇଡର ସମାବେଶ, ସ୍ଥାନ: ବିଜ୍ଞାନ ଇଣ୍ଟର ନ୍ୟାଶନାଲ ପ୍ରାଇମେରି ସ୍କୁଲ, ତାରଣି ଛକ, ଜୟପୁର, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୭ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ନିର୍ଗୁଣ ପଡା ବିଦ୍ୟାଳୟ ରାସ୍ତା, ସମୟ : ସକାଳ ୮ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଲୋଇସିଂହା ନୂଆପଡ଼ା ବସ୍ତି ରାସ୍ତା ରେଳ ଫାଟକ ବନ୍ଦ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଲୋଇସିଂହା ଚାରିଛକ, ସମୟ: ସକାଳ ୯ଟା।

## ରାଉରକେଲା
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ,ସମୟ: ସକାଳ ୯ଟା।

## କଳାହାଣ୍ଡି
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଶ୍ରୀ ଗୁରୁ ପୂଜନ ଉତ୍ସବ, ସ୍ଥାନ: କେଳାକଟା ଖେଳ ପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରିଂ ରୋଡର ଉଭୟ ପାର୍ଶ୍ୱ, ସମୟ: ସକାଳ ୯ଟା।
- କଂଗ୍ରେସ ଦଳ ତରଫରୁ ପ୍ରସ୍ତାବିତ ଓଡ଼ିଶା ବନ୍ଦ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର ଅସ୍ଥାୟୀ କଂଗ୍ରେସ କାର୍ଯ୍ୟାଳୟ ଚମ୍ପାପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଓ ନୂତନ ରାଶନ କାର୍ଡ ପ୍ରଦାନ ସମାରୋହ, ସ୍ଥାନ: ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

---

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳ


# ଭୂତଳ ଜଳରେ ୧୪ ଗୁଣ ଅଧିକ କ୍ରୋମିୟମ

**ଯାଜପୁର,୧୫।୭(ହର୍ଷବର୍ଦ୍ଧନ ବେହେରା)**

- ସିଜିଡବ୍ଲ୍ୟୁବି ରିପୋର୍ଟରେ ସ୍ପଷ୍ଟ
- ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଏନ୍‌ଜିଟିର ନିର୍ଦ୍ଦେଶ

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ଭୂତଳ ଜଳରେ ବିଷାକ୍ତ କ୍ରୋମିୟମ୍ ଅଂଶ ରହିଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିର୍ଦ୍ଦେଶ ଅନୁସାରେ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲ୍ୟୁବି ) ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ସିଜିଡବ୍ଲ୍ୟୁବି ଟିମ୍ ଏହି ଅଞ୍ଚଳର ବିଭିନ୍ନ ଖଣି ଅଞ୍ଚଳରୁ ୨୩୩ଟି ଭୂତଳ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିଥିଲେ। ସେଥିରେ ଅନୁମୋଦନୀୟ ବା ପରମିଶିବୁଲ ଲିମିଟ ଭାବେ ଲିଟର ପ୍ରତି ୦.୦୫ ମିଲିଗ୍ରାମ(ଏମଜି)ଠାରୁ ବର୍ଷା ଋତୁ ପୂର୍ବରୁ ୩୭ଟି ନମୁନା ଏବଂ ବର୍ଷା ଋତୁ ପରେ ୨୮ଟି ନମୁନାରେ ଅଧିକ କ୍ରୋମିୟମ ଥିବା ଜଣାପଡିଛି। ଚିଙ୍ଗୁଡିପାଲଠାରୁ ସଂଗୃହୀତ ନମୁନାରେ ସର୍ବାଧିକ ୦.୭୩୧୩ ମିଲିଗ୍ରାମ ପର୍ଯ୍ୟନ୍ତ କ୍ରୋମିୟମ ରହିଛି, ଯାହାକି ଅନୁମୋଦନୀୟ ରିପୋର୍ଟଠାରୁ ପ୍ରାୟ ୧୪ ଗୁଣ ଅଧିକ। ଏହି ଭୂତଳ ଜଳ ବ୍ୟବହାର କରି ସୁକିନ୍ଦା ଅଞ୍ଚଳବାସୀ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିବା ନେଇ ଅଭିଯୋଗକାରୀଙ୍କ ଏନ୍‌ଜିଟି ମାମଲାରେ ଶତପ୍ରତିଶତ ସତ୍ୟତା ଥିବା ପ୍ରମାଣିତ ହୋଇ ସାରିଛି। ଏହି କ୍ରମରେ ଯାଜପୁର ଜିଲାପାଳଙ୍କୁ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ବା ଆକ୍ସନ ପ୍ଲାନ ପ୍ରସ୍ତୁତ କରି ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରାୟ ୨୩୦ କୋଟି ଟଙ୍କା ଖର୍ଚ୍ଚ କରି ସୁକିନ୍ଦା ଅଞ୍ଚଳରେ ନିର୍ମାଣ ହୋଇଥିବା ୩ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପରୁ ସମସ୍ତ ଅଞ୍ଚଳବାସୀ ଉପକୃତ ହୋଇ ପାରି ନ ଥିବାରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି।

ସୁକିନ୍ଦା ଭୂତଳ ଜଳରେ କ୍ରୋମିୟମ ଅଂଶ ରହୁଥିବା ନେଇ ପୂର୍ବରୁ ଷ୍ଟେଟ ଆନର୍ଭାମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି(ଏସଇଆଇଏଏ) ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ ସତର୍କ କରି ଆସୁଥିଲେ ହେଁ ପ୍ରତିକାର ବ୍ୟବସ୍ଥା ନୈରାଶ୍ୟଜନକ ରହିଛି। ତେବେ ଏନ୍‌ଜିଟିରେ ୭୩/୨୦୨୪/ଇଜେଡ ନମ୍ବର ମାମଲାର ନିର୍ଦ୍ଦେଶ ଅନୁସାରେ ହୋଇଥିବା ତଦନ୍ତ ରିପୋର୍ଟରେ ଏହି ସମ୍ବେଦନଶୀଳ ତଥ୍ୟ ଜଣାପଡିଛି। ଖଣି କମ୍ପାନୀଗୁଡିକ ବ୍ରାହ୍ମଣୀ ନଦୀରୁ ଆବଶ୍ୟକତା ମେଣ୍ଟାଇବାକୁ ନିର୍ମଳ ପାଣି ନେଇ ଡମଶାଳା ନାଳକୁ ବିଷାକ୍ତ କରୁଛନ୍ତି। ଫଳରେ ନଦୀନାଳ ସମେତ ବିଭିନ୍ନ ପୋଖରୀ ଏବଂ ଭୂତଳ ଜଳ ଅତି ମାତ୍ରାରେ ପ୍ରଦୂଷିତ ହେଉଛି। ଏହି ବିଷାକ୍ତ ପାଣିକୁ ବ୍ୟବହାର କରି ଅଞ୍ଚଳର ଶତାଧିକ ଲୋକ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି।



ଏନେଇ ହୋଇଥିବା ଅଭିଯୋଗକୁ ଭିତ୍ତି କରି ଏନ୍‌ଜିଟି ଏକ ୪ ଜଣିଆ ସ୍ୱତନ୍ତ୍ର ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସିଜିଡବ୍ଲ୍ୟୁବି ରିପୋର୍ଟ ଦାଖଲ କରିବାରେ ବିଳମ୍ବ କରିଥିଲା। ଏନ୍‌ଜିଟି ପକ୍ଷରୁ ସିଜିଡବ୍ଲ୍ୟୁବି କର୍ତ୍ତୃପକ୍ଷଙ୍କୁ ତୁରନ୍ତ ନିର୍ଦ୍ଧାରିତ ସମୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ୪।୭।୨୦୨୪ରେ କଡା ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସିଜିଡବ୍ଲ୍ୟୁବିର ଆଞ୍ଚଳିକ ନିର୍ଦ୍ଦେଶକ ବି.କେ. ସାହୁଙ୍କ ତତ୍ତ୍ୱାବଧାନରେ ବୈଜ୍ଞାନିକ ମୌସୁମୀ ସାହୁ, ବିଭୂତି ଭୂଷଣ ସାହୁ, ସିନୋସ ପି.କେ. ପ୍ରମୁଖ ବୈଜ୍ଞାନିକ ତଦନ୍ତ କରି ଗତ ଜୁନରେ ଏନ୍‌ଜିଟିରେ ରିପୋର୍ଟ ଦାଖଲ କରିଛନ୍ତି। ତେବେ ଭୂତଳ ଜଳ ନମୁନାରେ ୨ ପ୍ରକାର ତଥା ହେକ୍ସାଭେଲେଣ୍ଟ କ୍ରୋମିୟମ ଓ ଟ୍ରାଇଭେଲେଣ୍ଟ କ୍ରୋମିୟମ ଥିବା ଦେଖିବାକୁ ମିଳିଛି। ଏହାପରେ ଉକ୍ତ ରିପୋର୍ଟରେ ସିଜିଡବ୍ଲ୍ୟୁବି ପକ୍ଷରୁ ସୁକିନ୍ଦା ଖଣି ଅଞ୍ଚଳର ପ୍ରତ୍ୟେକ ପରିବାରଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ଏହାସହ ଏହି ଅଞ୍ଚଳରେ ଯଦି ନୂତନ ନଳକୂପ ଖନନ ହେଉଛି, ତେବେ ଉକ୍ତ ପାଣି ନମୁନାକୁ ଉପଯୁକ୍ତ ଭାବେ ପରୀକ୍ଷା କରିବା ପରେ ବ୍ୟବହାର କରିବା, ଖଣି ଅଞ୍ଚଳରେ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି)କୁ ସ୍ଥାପନ ଏବଂ ଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା କଡାକଡି ଭାବେ ନଜର ରଖିବା, ଖଣି ଅଞ୍ଚଳରେ ପ୍ରଭାବିତ ହେଉଥିବା ଡମଶାଳା ନାଳ ପାଣିକୁ ସ୍ୱଚ୍ଛ ରଖିବା ଇତ୍ୟାଦି ପରାମର୍ଶ ଦିଆଯାଇଛି। ଡମଶାଳା ନାଳ ପାଣିରେ ମଧ ବହୁ ଗୁଣ ଅଧିକ କ୍ରୋମିୟମ ରହିଥିବା ପରୀକ୍ଷାରେ ଜଣାପଡିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ବିଷାକ୍ତ ପାଣି ଯୋଗୁ ସୁକିନ୍ଦା ବ୍ଲକର କମର୍ଦ୍ଦା, ମଶାସାହି, ହାତୀସାହି, ସରୁଆବିଲ, ଗୁରୁଜଙ୍ଗ, ଓସ୍ତପାଳ, କୁଚିଡାବାଙ୍କ, କୁସୁମଘୁଟ, କଳରଙ୍ଗୀ ଓ ରାମସୋଲ ଏବଂ ଢେଙ୍କାନାଳ ଜିଲା ଭୁବନ ବ୍ଲକର କୃଷ୍ଣପୁର, ଓଡିଶ, ବାରୁଆ, ମଠଖୋକସା, ବାଲିଝାଟି ଆଦି ଗ୍ରାମର ପ୍ରାୟ ୫୦ ହଜାର ଲୋକ ପ୍ରଭାବିତ ହେଉଛନ୍ତି। ତେଣୁ ତୁରନ୍ତ ସିଜିଡବ୍ଲ୍ୟୁବି ରିପୋର୍ଟକୁ ଗୁରୁତ୍ୱ ଦେଇ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

---

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଲାଉରେ ଲାଉ**
**ଲାଉ ମାଛ କରି ତିଅଣ କରିଛ**
**ମୋ ବନ୍ଧୁ ଗାଧୋଇ ଯାଉ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଲାଉ ମାଛ ବେସର ଦିଆ ତରକାରି ପାଟିକୁ ଭାରି ସୁଆଦିଆ ଲାଗୁଥିବା ବେଳେ ବନ୍ଧୁର ମନ ଜାଣି ଭୋଜନ ପ୍ରସ୍ତୁତ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲାଭ ଖାଇବାକୁ ମାଧ ମହାନ୍ତି**
**ବୋଝ ବୋହିବାକୁ ଗୋଦରା ତନ୍ତୀ।**

ଜଣେ କଷ୍ଟ କରି କାମ କରେ ଆଉଜଣେ ସେ ଶ୍ରମର ଫଳ ଅନାୟାସରେ ଭୋଗ କରେ। ସମାଜରେ ଏଭଳି ଅନ୍ୟାୟର ଚିତ୍ର ଆଜି ଅନେକ ପରିଣାମରେ ଜୀବନକୁ ଗ୍ରାସ କରି ଚାଲିଛି। ଶାରୀରିକ ସ୍ତରରେ ଅକ୍ଷମ, ଦୁର୍ବଳ ତଥା ଦରିଦ୍ର ଲୋକଙ୍କୁ ପ୍ରୟୋଗ କରି ସବଳ ଲୋକେ ଫାଇଦା ଉଠାଇ ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

---

## ଫେରିଲେ ଶୁଭାଂଶୁ...

ପ୍ରଥମ ପୃଷ୍ଠାରୁ...

ଅବତରଣ କରିଛନ୍ତି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୧୮ ଦିନର ରହଣି ଏବଂ ସମୁଦାୟ ୨୦ ଦିନର ଯାତ୍ରାପରେ ମିଶନର ୪ କ୍ରିଉ ସଦସ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ସୋମବାର ଭାରତୀୟ ସମୟ ଅପରାହ୍ନ ୪.୩୦ରେ ଡ୍ରାଗନ୍ ମହାକାଶଯାନ ଆଇଏସ୍‌ଏସ୍‌ରୁ ଅଲଗା ହୋଇଥିଲା। ମଙ୍ଗଳବାର ବାୟୁମଣ୍ଡଳରେ ପ୍ରବେଶ ସମୟରେ ଏହାର ବେଗ ଘଣ୍ଟା ପ୍ରତି ୨୭ ହଜାର କି.ମି. ରହିଥିଲା। ବାୟୁମଣ୍ଡଳରେ ପ୍ରବେଶ ପରେ ସୁରକ୍ଷିତ ଜଳାବତରଣ ପାଇଁ ଡ୍ରାଗନ୍ ସ୍ପେସକ୍ରାଫ୍ଟ ନିଜ ଗତିକୁ ଧିମା କରିବା ଉଦ୍ଦେଶ୍ୟରେ ୪ଟି ପାରାଚ୍ୟୁଟ ନିୟୋଜିତ କରିଥିଲା ଏବଂ କାଲିଫର୍ନିଆ ଉପକୂଳରେ ସୁରକ୍ଷିତ ଜଳାବତରଣ କରିଥିଲା। ଏହାପରେ ସ୍ପେସ୍‌ଏକ୍ସ'ର ବୈଷୟିକ ଟିମ୍ ପକ୍ଷରୁ ଡ୍ରାଗନ୍ ସ୍ପେସକ୍ରାଫ୍ଟର ଯାଞ୍ଚ କରାଯାଇଥିଲା। ସ୍ପେସ୍‌ଏକ୍ସର ଗ୍ରାଉଣ୍ଡ ଷ୍ଟାଫ୍‌ମାନେ ଡ୍ରାଗନ୍ ମହାକାଶ ଯାନକୁ ରିକୋଭରି ଜାହାଜ ସାନୋନ୍ ଉପରକୁ ଆଣିଥିଲେ। ପରେ ସେମାନେ ସ୍ପେସକ୍ରାଫ୍ଟର ହ୍ୟାଚ୍‌କୁ ଖୋଲିଥିଲେ ଏବଂ ଆକ୍ସିଓମ୍-୪ ମିଶନର ୪ ମହାକାଶଚାରୀ ଜଣେ ପରେ ଜଣେ କରି ମହାକାଶଯାନରୁ ବାହାରିଥିଲେ। ଏହାପରେ ରିକୋଭରି ଜାହାଜ ସାନୋନ୍‌କୁ ସ୍ଥଳଭାଗକୁ ଅଣାଯାଇଥିଲା।

ଆଇଏସ୍‌ଏସ୍‌ରେ ୧୮ ଦିନର ରହଣି ମଧ୍ୟରେ ମିଶନର ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିଛନ୍ତି। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷଣ କରିଛନ୍ତି। ପୂର୍ବ ଯୋଜନା ମୁତାବକ ଶୁଭାଂଶୁ ଆଇଏସ୍‌ଏସ୍‌ରେ ମେଥି ଏବଂ ମୁଗ ବିହନର ଅଙ୍କୁରୀକରଣ, ସାଇନୋ ବ୍ୟାକ୍ଟେରିଆ, ଭୋଏଜର ପ୍ରଦର୍ଶନ, ଟାର୍ଡିଗ୍ରେଡ୍‌ସ, ମାୟୋଜେନେସିସ୍, ଅଣୁ ଶୈବାଳ ଏବଂ ଫସଲ ବିହନ ଆଦି ଉପରେ ସଫଳତାର ସହ ପରୀକ୍ଷଣ ଶେଷ କରିଥିବା ଇସ୍ରୋ କହିଛି। ଆକ୍ସିଓମ୍-୪ ମିଶନ ଯୋଗେ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ। ସେହିପରି ରାକେଶ ଶର୍ମାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶ ଯାତ୍ରା କରିଥିଲେ। ଏହି ମିଶନ ପାଇଁ ଭାରତ ୭୦ ମିଲିୟନ ୟୁଏସ୍ ଡଲାର (ପ୍ରାୟ ୬୦୦ କୋଟି ଟଙ୍କା) ଖର୍ଚ୍ଚ କରିଛି। ନାସା ଏବଂ ଆକ୍ସିଓମ୍ ସ୍ପେସ୍ ଦ୍ୱାରା ମିଳିଥିବା ତାଲିମ, ଲଞ୍ଚ ଲଜିଷ୍ଟିକ୍ସ, ଆଇଏସ୍‌ଏସ୍‌ରେ ରହଣି ଏବଂ ବିଭିନ୍ନ ଗବେଷଣା ଏବଂ ବୈଜ୍ଞାନିକ ପରୀକ୍ଷଣ ପାଇଁ ଇସ୍ରୋ ଏହି ଖର୍ଚ୍ଚ କରିଥିବା ନେଇ ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି।

## ତେଜିଲା ବିରୋଧୀ...

ନିଆଁ ନ ଯିବାର ପ୍ରତିବାଦରେ ଜୁଲାଇ ୧୭ ଗୁରୁବାର 'ଓଡ଼ିଶା ବନ୍ଦ' କରିବା ପାଇଁ ବିରୋଧୀ ଡାକରା ଦେଇଛନ୍ତି। କଂଗ୍ରେସ ନେତୃତ୍ୱରେ ବାମପନ୍ଥୀଙ୍କ ସମେତ ୮ ବିରୋଧୀ ଦଳ ଏହି ବନ୍ଦ ପାଳନରେ ସାମିଲ ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଛାତ୍ରୀ ପେଟ୍ରୋଲ ଆଣି ନିଜ ଉପରେ ଢାଳିବା ସହ ଦେହରେ ନିଆଁ ଲଗାଇଦେଲେ ଏବଂ ସମସ୍ତେ ନୀରବଦ୍ରଷ୍ଟା ସାଜିଥିଲେ। କେହି କିଛି କଲେନାହିଁ। ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି ବୋଲି ଭକ୍ତ କହିଛନ୍ତି।

---

# ଆଜି ଲୋକସେବା ଭବନ ଘେରିବ, ବାଲେଶ୍ୱର ବନ୍ଦ ପାଳନ କରିବ ବିଜେଡି

**ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)**

- କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ସରକାର
- ମାଷ୍ଟରକ୍ୟାଣ୍ଟିନ୍‌ରୁ ରାମମନ୍ଦିର ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳର କ୍ୟାଣ୍ଡେଲ ଶୋଭାଯାତ୍ରା

ଏଫ୍‌ଏମ୍ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ପରେ ବିଜେଡି ରାଜ୍ୟ ସରକାରଙ୍କୁ ଦାୟୀକରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକରିବା ସହ ଉକ୍ତ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି। ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବି କରି ମଙ୍ଗଳବାର ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କରାଯାଇଛି। ବୁଧବାର ଲୋକସେବା ଭବନ ଘେରାଉ କରାଯିବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ତାଙ୍କୁ ନ୍ୟାୟଦେବା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ରାମମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ପୀଡ଼ିତା ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଜଣାଇ ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ମଧ ରାଜ୍ୟ ସରକାର ଅଣଦେଖା କରିବାରୁ ଏପରି ଅଭାବନୀୟ କାଣ୍ଡ ଘଟିଲା। ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରିଛି। ପୀଡ଼ିତା ଛାତ୍ରୀ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଗ୍ରାମକରି ବିଫଳହେବା ପରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟକରି ନ୍ୟାୟ ଭିକ୍ଷା କରିଥିଲେ। ସମସ୍ତ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଫଳହେବା ପରେ ଛାତ୍ରୀ ଜଣକ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଏହା ବିରୋଧରେ ବୁଧବାର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ପାଳନ କରାଯିବ। ଦାବି ପୂରଣ ହେବା ଯାଏଁ କଲେଜ ଷ୍ଟ୍ରାଇକ୍ ଜାରି ରହିବ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧ୍ୟକ୍ଷଙ୍କ ବ୍ୟତୀତ ମୃତ ଛାତ୍ରୀ ଯେଉଁମାନଙ୍କ ନିକଟରେ ଅଭିଯୋଗ କରିଥିଲେ ସେହି ବ୍ୟକ୍ତିମାନଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରିବା ଦରକାର। ଏହାଛଡ଼ା ଏହି ଘଟଣା ଘଟିବା ବେଳକୁ ଯେଉଁମାନେ ଭିଡିଓ କରୁଥିଲେ, ଯେଉଁମାନେ ତାକୁ ଉସ୍‌କାଉଥିଲେ ଓ ଯେଉଁମାନେ କଲେଜ ଦ୍ୱାରା ଗଠିତ ତଦନ୍ତ କମିଟିରେ ରହି ତଦନ୍ତକୁ ବାଟବଣା କରିଥିଲେ, ସେମାନେ ମଧ ଏହି ଘଟଣାରେ ଦାୟୀ। ତେଣୁ ସେମାନେ ମଧ ତଦନ୍ତ ପରିସରଭୁକ୍ତ ହେବା ଦରକାର। ଏହି ଘଟଣାର ତଦନ୍ତ ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାରବିଭାଗୀୟ ତଦନ୍ତ କରିବାକୁ ବିଜେଡି ଦାବି କରୁଥିବା ସେ କହିଛନ୍ତି।

---

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଯେଉଁ ବନ୍ଧୁ ପାଖ ମାଡୁ ନ ଥିଲେ ଆଜି ନିଜ ତରଫରୁ ମିଶିବାକୁ ଆଗେଇ ଆସିବେ। ଶୁକ୍ର ନକ୍ଷତ୍ରସ୍ଥ ମଙ୍ଗଳଙ୍କ ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ସହ ଦୁର୍ବଳତା ଦୂର ହେବ। ପୁରୁଣା କଥାକୁ ନେଇ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ପାରିବାରିକ ସ୍ଥିତି, ବାଣିଜ୍ୟ ବ୍ୟବସାୟ, ଯାତ୍ରା ଏବଂ ସାଂଗଠନିକ ଆଲୋଚନା ମନ୍ଦ ହେବନି।

**ବୃଷ**
ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ସହ ଦିନଟି ଆନନ୍ଦରେ କଟିବ। ସମ୍ପର୍କୀୟମାନେ ଦୂରେଇ ଯାଉଥିବାରୁ ପର ଲୋକଙ୍କୁ ଆପଣା କରିବାକୁ ବାଧ ହେବେ। ପାରିବାରିକ କ୍ଷେତ୍ର, ବନ୍ଧୁସମ୍ପର୍କ, ନୂତନ କର୍ମାରମ୍ଭ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କ ନିକଟରୁ ଯଥାସମ୍ଭବ ଦୂରେଇ ରହିବା ଭଲ ହେବ।

**ମିଥୁନ**
ରବିଙ୍କ ପ୍ରଭାବରୁ ଅନ୍ତରଙ୍ଗ ବନ୍ଧୁଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବାରେ ସମର୍ଥ ହେବେ। ଅତୀତରେ ଯାହାର ଉପକାର କରିଥିଲେ ସେ ହିଁ ସମସ୍ୟାର କାରଣ ହେବ। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ଆଜି ସନ୍ଧ୍ୟାରେ ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ**
ଦୃଢ଼ ମାନସିକତା ସଙ୍ଗକୁ ଆନୁଷଙ୍ଗିକ ସହଯୋଗ କାର୍ଯ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢ଼ିବାର ଚେଷ୍ଟା ଅବ୍ୟାହତ ରଖିଲେ ସଫଳତା ପାଇବେ। ଆଲୋଚନା ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବ। ସଙ୍ଗଠନ, ଗବେଷଣା, ଅଦାଲତ ଏବଂ ନିର୍ମାଣ କ୍ଷେତ୍ରରେ ସଫଳତା ମିଳିବ।

**ସିଂହ**
ରାହୁଙ୍କ କୁପ୍ରଭାବରୁ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ କୌଶଳରେ କାମ ହାସଲ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେଇପାରେ। ନୂତନ ଘର, ଗାଡ଼ି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଆପଣଙ୍କ କାର୍ଯ୍ୟକଳାପକୁ ଅନ୍ୟମାନେ ନାପସନ୍ଦ କରିବେ।

**କନ୍ୟା**
ଧନାଧିପତି ଶନି ଦୃଷ୍ଟିରେ ଥିବା ଯୋଗୁ ଅର୍ଥସମ୍ବନ୍ଧୀୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରରେ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଜଗିରଖି ଆଗକୁ ପାଦ ବଢ଼ାନ୍ତୁ। ବାଣିଜ୍ୟ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ।

**ତୁଳା**
ଶନିଚନ୍ଦ୍ର ସଂଯୋଗରୁ ଦୁଃଖ ଓ ଅଭିମାନକୁ ମନରେ ରଖି କାମ କରିବାକୁ ବାଧ ହେବେ। ଆର୍ଥିକ ସ୍ଥିତି ମଜଭୁତ ରହିବ ଏବଂ କୌଣସି ଯୁବ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଜିନିଷ ଅଦଳବଦଳ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ।

**ବିଛା**
ଗ୍ରହଙ୍କ ପ୍ରତିକୂଳ ସ୍ଥିତି ଶାରୀରିକ ଏବଂ ମାନସିକ କ୍ଷେତ୍ରକୁ ପ୍ରଭାବିତ କରିବ। ସାଧାରଣ କଥାକୁ କେନ୍ଦ୍ର କରି ବନ୍ଧୁଟି ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ସାମ୍ବାଦିକତା ଓ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପ୍ରତିଯୋଗିତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି।

**ଧନୁ**
ଅଷ୍ଟମାଧିପତି ଚତୁର୍ଥସ୍ଥ ହେତୁ ପାରିବାରିକ ସ୍ଥିତି ଭଲ ରହିବ ନାହିଁ ଏବଂ ଲୋକପ୍ରିୟତା ହ୍ରାସ ପାଇବ। ନିଜ ପରିସରରେ ବନ୍ଧୁଙ୍କ ଦ୍ୱାରା ଆଦୃତ ହେବେ। ନୂଆ ଯୋଜନା, ଅବହେଳିତ କାମ, ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ। ନିଜ ଲୋକ ଦାଉ ସାଧୁଥିବାରୁ ସତର୍କ ରହିବା ଭଲ ହେବ।

**ମକର**
ଆଜି ଧନସ୍ଥାନରେ ରାହୁଥିବାରୁ ଯାତ୍ରା ସମୟରେ ସତର୍କତା ରକ୍ଷା ନ କଲେ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ବାଣିଜ୍ୟ, ସଭାସମିତି, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ।

**କୁମ୍ଭ**
ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ମତାନ୍ତରଜନିତ ମନ ମାନ୍ଦା ରହିବ। ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ବାଣିଜ୍ୟ ଓ କଳା ସାହିତ୍ୟ, କ୍ରୀଡ଼ା,ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ସଭାସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିପାରନ୍ତି।

**ମୀନ**
ଆଜି ରାଶିରେ ଶନିଙ୍କ ସହ ଚନ୍ଦ୍ରଙ୍କ ଅବସ୍ଥିତି ହେତୁ ମାନସିକ ଶିଥିଳତା ଯୋଗୁ କାମ ଉତ୍ସାହପ୍ରଦ ନ ହୋଇପାରେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ବିଶେଷ ଭାବରେ ପିଲାମାନଙ୍କ ଆଚରଣ ଓ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହେବ।

ଆଜି ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି। ନଦୀ ରଜସ୍ୱଳା, ବର୍ଷାଋତୁ ପ୍ରବେଶ, ଶ୍ରୀମନ୍ଦିରରେ ଦକ୍ଷିଣାୟନ ବନ୍ଦାପନା, ଜୁଲାଇ ୧୬ ତାରିଖ, ଶ୍ରାବଣ କୃଷ୍ଣ ଷଷ୍ଠୀ ବୁଧବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୦ମି. ଗତେ ଘ.୦୭.୦୫ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ।

# ୧୯ ଯାଏ ବର୍ଷା, ୬ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର, ୧୫।୭(ଅନୁରାଧା ମହାରଣା)

ସାରା ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ମଙ୍ଗଳବାର ଜଗତ୍‌ସିଂହପୁରରେ ସର୍ବାଧିକ ୨୯.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଝାରସୁଗୁଡ଼ାରେ ୧୬.୦ ମିମି, ବରଗଡ଼ରେ ୧୫.୬ ମିମି, ଭବାନୀପାଟଣାରେ ୧୧.୮ ମିମି, ସୋନପୁରରେ ୧୧.୬ ମିମି ଓ ନୟାଗଡ଼ରେ ୧୦.୦ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ୧୯ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗିରହିବ। ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ୬ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ନୂଆପଡ଼ା, ବଲାଙ୍ଗୀର, ସୋନପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

# ବେଦାନ୍ତ କମ୍ପାନୀ ନାଁରେ ସିଜିମାଳି ଖଣି ଲିଜ୍‌କୁ ବିରୋଧ




ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିଭିନ୍ନ ଗଣତାନ୍ତ୍ରିକ, ମାନବାଧିକାର ଓ ରାଜନୈତିକ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଭୁବନେଶ୍ୱର, ୧୫।୭(ଅନୁରାଧା ମହାରଣା)

ବେଦାନ୍ତ କମ୍ପାନୀ ସ୍ୱାର୍ଥରେ କୋରାପୁଟ ଏବଂ କଳାହାଣ୍ଡି ଜିଲାର ସିଜିମାଳି ଅଞ୍ଚଳରେ ସରକାରୀ ଦମନ ବନ୍ଦ କରିବା, ବିନା ଗ୍ରାମସଭାରେ ବେଦାନ୍ତକୁ ଦିଆଯାଇଥିବା ଖଣି ଲିଜ୍ ବାତିଲ କରିବା, ପ୍ରକୃତି ଓ ପରିବେଶ ସୁରକ୍ଷା ସହିତ ଆଦିବାସୀ, ଦଳିତ ଓ ଗରିବଙ୍କ ଜୀବନ ଜୀବିକା ବଞ୍ଚାଇବା ଆଦି ଦାବିରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ମଙ୍ଗଳବାର ବିଭିନ୍ନ ଗଣତାନ୍ତ୍ରିକ, ମାନବାଧିକାର ଓ ରାଜନୈତିକ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରତିବାଦକାରୀମାନେ ନଦୀ, ଚାଷ ଜମି ଓ ଜଙ୍ଗଲ ଉପରେ ଆଦିବାସୀ ତଥା ସାଧାରଣ ଲୋକଙ୍କୁ ଅଧିକାର ଦେବାକୁ ଦାବି କରିଛନ୍ତି। ସେହିପରି ଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ଚାଲିଥିବା ସରକାରୀ ଦମନକୁ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି। ଏଥିସହିତ ବିଭିନ୍ନ ଆନ୍ଦୋଳନକାରୀଙ୍କ ନାମରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ନରେନ୍ଦ୍ର ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

## ବାତିଲ ଦାବିରେ ରାଜଧାନୀରେ ଗଣବିକ୍ଷୋଭ

ଏହି ଗଣ ପ୍ରତିବାଦରେ ବସ୍ତି ସୁରକ୍ଷା ମଞ୍ଚ, ଚାଷୀମୂଲିଆ ସମିତି, ଜନ ଅଧିକାର ମଞ୍ଚର ଓଡ଼ିଶା ଶାଖା, ଅଖିଳ ଭାରତ ଜନମଞ୍ଚ, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ, ଲୋକଶକ୍ତି ଅଭିଯାନ, ପୁରୀର ଜୀବନ-ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ, ରାଷ୍ଟ୍ରୀୟ ଯୁବା ସଂଗଠନର ସଦସ୍ୟମାନଙ୍କ ସମେତ ସିପିଆଇଏମଏଲ- ଲିବରେଶନ, ଫରୱାର୍ଡ ବ୍ଲକ, ସିପିଆଇଏମ୍ଏଲ୍(ରେଡ ଷ୍ଟାର୍), ସିପିଆଇଏମ୍ଏଲ୍, ସିପିଆଇ ଭଳି ବାମପନ୍ଥୀ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇଥିଲେ। ସେହିପରି କୋରାପୁଟର କାଶୀପୁର ବ୍ଲକ ଏବଂ କଳାହାଣ୍ଡି ଜିଲାର ଥୁଆମୂଳ-ରାମପୁର ବ୍ଲକର 'ମା' ମାଟି ମାଳି ସୁରକ୍ଷା ମଞ୍ଚ'ର ସଦସ୍ୟମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଲୋକସେବା ଭବନ ସମେତ ତିନି ଭବନ ସୁରକ୍ଷା କଡ଼ାକଡ଼ି ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର, ୧୫।୭
(ରବିନାରାୟଣ ଜେନା)

- ବିଜେଡିର ଲୋକସେବା ଭବନ ଘେରାଉ ଡାକରା
- ସକାଳ ୯.୩୦ ସୁଦ୍ଧା କର୍ମଚାରୀ କାର୍ଯ୍ୟାଳୟରେ ପହଞ୍ଚିବାକୁ ତାଗିଦା
- ଭିଜିଟର୍ସଙ୍କ କଟକଣା ବଢ଼ିଲା

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଉ ଡାକରା ଦିଆଯାଇଛି। ଏହି ସମୟରେ କାଳେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବ ତାକୁ ଦୃଷ୍ଟିରେ ରଖି ଗୃହ ବିଭାଗ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରିଛି।

ଗୃହବିଭାଗ ସ୍ୱତନ୍ତ୍ର ସଚିବ ଆର. କେ. ଶର୍ମା ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏଫ୍.ଏମ୍. କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟାରେ ଲୋକସେବା ଭବନ ଘେରାଉ କରିବାକୁ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଲୋକସେବା ଭବନ, ଖାରବେଳ ଭବନ ଏବଂ ରାଜୀବ ଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ବୁଧବାର ସକାଳ ସାଢ଼େ ୯ଟା ସୁଦ୍ଧା ପହଞ୍ଚିବାକୁ ହେବ। ଲୋକସେବା ଭବନର ୧ ନମ୍ବର ଗେଟ୍ ୯ଟା ୩୦ରେ ବନ୍ଦ ହେବ।

ସ୍ୱତନ୍ତ୍ର ସଚିବ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ ଗେଟ୍‌ରେ କର୍ମଚାରୀଙ୍କ ପରିଚୟପତ୍ର ଠିକଣା ଭାବେ ଯାଞ୍ଚ କରାଯିବା ଆବଶ୍ୟକ। ବିନା ପ୍ରମାଣପତ୍ରରେ କୌଣସି ଗାଡ଼ିକୁ ଲୋକସେବା ଭବନ ଭିତରକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଏହି ସମୟ ମଧ୍ୟରେ ଭିଜିଟର୍ସଙ୍କୁ ପ୍ରବେଶ ଉପରେ କଟକଣା ଲାଗୁ କରାଯିବ। ଯଦି କୌଣସି ଭିଜିଟର୍ସଙ୍କୁ ବିଭାଗ ପକ୍ଷରୁ ପୂର୍ବରୁ ଅନୁମତି ଦିଆଯାଇଥିବ ସେ କ୍ଷେତ୍ରରେ କୋହଳ କରାଯିବ। ସରକାରଙ୍କ ଏହି ନିଷ୍ପତ୍ତିକୁ ଆଧାର କରି କର୍ମଚାରୀ ଓ ଅଧିକାରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟାଳୟରେ ପହଞ୍ଚିବାକୁ ସେ ଦର୍ଶାଇଛନ୍ତି।

# କାନ୍ଥ ପଡ଼ି ବୃଦ୍ଧା ମୃତ

ଟେନ୍‌ସା, ୧୫।୭
(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ କାଲଟା ଫାଣ୍ଡି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ କାନ୍ଥ ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ହେଲେ କାନ୍ଧେଇ ବାଗ(୭୦)। ଏନେଇ କୋଇଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ କୋଇଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ପାଣି କାନ୍ଧେଇଙ୍କ ଘରେ ପଶି ଯାଇଥିଲା। ଫଳରେ ସେ ଶୋଇଥିବା ଅବସ୍ଥାରେ ମାଟି କାନ୍ଥ ଭୁଶୁଡି ପଡିଥିଲା। କାନ୍ଥ ତଳେ ଚାପି ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଖବର ପାଇ କାଲଟା ଫାଣ୍ଡି ଅଧିକାରୀ ସି.ଆର୍ ପାଣ୍ଡେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ଡାକ୍ତରଖାନାକୁ ପଠାଇଥିଲେ। ଉଲ୍ଲେଖଯୋଗ୍ୟ,ଗତ କିଛି ଦିନ ତଳେ କାନ୍ଧେଇଙ୍କ ସ୍ୱାମୀ ଜୋନାସ ବାଗଙ୍କ ମୃତ୍ୟୁ ଘଟିଥିଲା। ଏକାକୀ ସେ ସେହି ମାଟି ଘରେ ରହୁଥିଲେ।

# ତାମିଲନାଡୁରେ ଟ୍ରକ ଧକ୍କାରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଦାରିଙ୍ଗବାଡି,
୧୫ ।୭ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡି ପଞ୍ଚାୟତର ଜଣେ ଯୁବକ ତାମିଲନାଡୁକୁ ରୋଜଗାର ପାଇଁ ଦାଦନ ଖଟିବାକୁ ଯାଇ ଟ୍ରକ ଧକ୍କାରେ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରୀନବାଡି ଗ୍ରାମର ରଘୁନାଥ ନାୟକ ଓରଫ ଦାସିଆ (୨୭)। ରଘୁନାଥ ପରିବାର ଚଳାଇବାକୁ ଗତବର୍ଷ ପରିବାର ଧରି ତାମିଲନାଡୁ ଚାଲିଯାଇଥିଲେ। ସେଠାରେ ସେ ତ୍ରିପୁର ଅଞ୍ଚଳରେ ରହି ଏକ କମ୍ପାନୀରେ କାମ କରୁଥିଲେ। ଗତ ସପ୍ତାହରେ ରଘୁନାଥ ବାଇକ୍‌ରେ ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡକୁ ଶକ୍ତ ଧକ୍କା ଲାଗିଥିବାରୁ ସେ କୋମାକୁ ଚାଲିଯାଇଥିଲେ। ପରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଦୁର୍ଘଟଣା ପରେ ସମ୍ପୃକ୍ତ



ରଘୁନାଥ ନାୟକ ଓରଫ ଦାସିଆ
(ଫାଇଲ ଫଟୋ)।

ଟ୍ରକଟି ଫେରାର ହୋଇଯାଇଛି। ବର୍ତ୍ତମାନ ତାମିଲନାଡୁରୁ ନିଜ ଗ୍ରାମକୁ କିଭଳି ମୃତଦେହ ଅଣାଯିବ ସେନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି। ରଘୁନାଥଙ୍କ ସ୍ତ୍ରୀ ଜନପ୍ରିୟା ଓ ଦୁଇ ବର୍ଷର ପୁତ୍ର ସନ୍ତାନ ଅଛନ୍ତି। ଗାଁରେ ବିଧବା ମା'ଜାନକୀ ପୁଅର ମୃତ୍ୟୁ ଖବର ଶୁଣି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଗ୍ରାମର ଭ୍ରାତୃମ ଶୋଭାସୁନ୍ଦର କହିଛନ୍ତି।

# ଟାଟାର ବିଦ୍ୟୁତ୍ ସେବା:୧ କୋଟି ଉପଭୋକ୍ତା ଦେବେ ମତ

ଭୁବନେଶ୍ୱର, ୧୫।୭
(ରବିନାରାୟଣ ଜେନା)

- ଜନଶୁଣାଣି ବେଳେ ଓଇଆର୍‌ସି ଅଧ୍ୟକ୍ଷ କ୍ଷୁବ୍ଧ
- ଅଗଷ୍ଟ ୨୯ରେ ଟାଟା ନିଷ୍ପତ୍ତି

ରାଜ୍ୟରେ ଟାଟାର ବିଦ୍ୟୁତ୍ ସେବାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବାବେଳେ ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ( ଓଇଆର୍‌ସି)ରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଏକ ମାମଲାର ଶୁଣାଣି ବେଳେ ଓଇଆର୍‌ସିର ପୂର୍ବତନ ସଭ୍ୟ ବିଜୟ ଚନ୍ଦ୍ର ଜେନା ଭାଗନେଇ ଟାଟାର ବିଦ୍ୟୁତସେବା ଉପରେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ଅଧ୍ୟକ୍ଷ ପ୍ରଦୀପ ଜେନା ମଧ୍ୟ କ୍ଷୁବ୍ଧ ହୋଇଥିଲେ। ଏହାକୁ ନେଇ ଅଧ୍ୟକ୍ଷ ରାଜ୍ୟର ୧କୋଟି ଉପଭୋକ୍ତାଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଆସନ୍ତା ଏକମାସ ମଧ୍ୟରେ ଉପଭୋକ୍ତାଙ୍କ ମତାମତ ଆସିବା ପରେ ଟାଟାର ସେବା ଉପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ମଙ୍ଗଳବାର ଓଇଆର୍‌ସି ଜନଶୁଣାଣିରୁ ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଟାଟା ଆବଣ୍ଟନ କମ୍ପାନୀଗୁଡ଼ିକର (ଟିପିସିଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ, ଟିପିଏସ୍‌ଓଡିଏଲ ଓ ଟିପିଏନ୍‌ଓଡିଏଲ) ବିଦ୍ୟୁତସେବା ବିରୋଧରେ ଉପଭୋକ୍ତାଙ୍କ ଅସନ୍ତୋଷ ଓ ଅଭିଯୋଗ ପାଇବା ପରେ ଓଇଆରସିର ନିର୍ଦ୍ଦେଶକ (ନିୟାମକ ବ୍ୟାପାର) ଏକ କେସ୍ ୫୧/୨୦୨୫ ପଞ୍ଜୀକରଣ କରି ମାମଲା ଦାୟର କରିଥିଲେ। ଏହି କେସ୍‌ର ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଓଇଆର୍‌ସିର ପୂର୍ବତନ ସଭ୍ୟ ବିଜୟ ଚନ୍ଦ୍ର ଜେନା ଶୁଣାଣିରେ ଭାଗନେଇ ଟାଟାର ବିଦ୍ୟୁତ ସେବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରମାଣ ସ୍ୱରୂପ ୧୦ଟି ଉଦାହରଣ ଆୟୋଗଙ୍କ ସମ୍ମୁଖରେ ଥିବା ଏଲ୍‌ଇଡି ସ୍କ୍ରିନରେ ଦର୍ଶାଇଥିଲେ। ବିଦ୍ୟୁତ ସବ୍‌ଷ୍ଟେଶନ, ଖୁଣ୍ଟ ଓ ତାର ଉପରେ ଗଛ ମାଡିଯିବାରୁ କିଭଳି ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇଛି ତା'ର ଅସଲ ଚିତ୍ର ଦେଖାଇଥିଲେ। ବିଦ୍ୟୁତସେବାର ଏସବୁ ଚିତ୍ର ଶକ୍ତିକ୍ଷେତ୍ରର ବିଧିବ୍ୟବସ୍ଥା ଓ ନୀତିନିୟମର ଘୋର ପରିପନ୍ଥୀ ବୋଲି ସେ କହିଥିଲେ।

ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଏହି ଅଭିଯୋଗକୁ ଗ୍ରହଣ କରି ଏହା ଉପରେ ଅଧିକରୁ ଅଧିକ ଉପଭୋକ୍ତାଙ୍କ ମତାମତ ଆବଶ୍ୟକ ଥିବା ଅନୁଭବ କରିଥିଲେ ଓ ଏହାକୁ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏନେଇ ଏକ ସାଧାରଣ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଆୟୋଗଙ୍କ ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ବିଜ୍ଞପ୍ତି ପ୍ରକାଶ ପାଇବାର ଏକମାସ ମଧ୍ୟରେ ଓଡ଼ିଶାର ଏକ କୋଟି ଉପଭୋକ୍ତା ଟାଟା ବିଦ୍ୟୁତସେବା ଉପରେ ନିଜ ନିଜର ମତାମତ ପ୍ରଦାନ କରିବା ପାଇଁ ସକ୍ଷମ ହେବେ। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୯ ତାରିଖକୁ ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ଟାଟାର ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ଶୁଣାଣିରୁ ଜଣାଯାଇଛି।

## ଅପରାଧ

# ବଡ଼ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଗୋଲାମୁଣ୍ଡା/କେଗାଁ, ୧୫।୭(ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମଙ୍ଗଳବାର କଳାହାଣ୍ଡି ଜିଲା କେଗାଁ ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ସାନଭାଇଙ୍କ ଟାଙ୍ଗିଆ ଚୋଟରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋକୁଳ କେତକୀ (୪୫)। ସୂଚନା ଅନୁଯାୟୀ, କେଗାଁ ଥାନା ମହାଲିଙ୍ଗ ଗ୍ରାମର କୋଳିଆପଡାଠାରେ ଥିବା ବିଲରେ ମଙ୍ଗଳବାର ତିନି ଭାଇ ମିଶି ଚାଷ କାର୍ଯ୍ୟ କରୁଥିଲେ। ତିନି ଭାଇଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଚାଷକାର୍ଯ୍ୟ ସମୟରେ ପୁରୁଣା ବିବାଦ ଉଗ୍ରରୂପ ନେଇଥିଲା। ପ୍ରତିଶୋଧ ପରାୟଣ ହୋଇ ସାନଭାଇ ଚିତ୍ରସେନ କେତକୀ ନିଜ ବଡ଼ ଭାଇ ଗୋକୁଳଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣା ପରେ ଅଭିଯୁକ୍ତ ଚିତ୍ରସେନ ଥାନାରେ ଆତ୍ମସମର୍ପଣ କରିଥିଲେ। ପରିବାରଠାରୁ ଅଭିଯୋଗ ପାଇ କେଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ତେବେ ମୃତକଙ୍କ ଆଉ ଜଣେ ଭାଇ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ କେଗାଁ ଥାନାଧିକାରୀ ମୁକୁନ୍ଦ ନାୟକଙ୍କୁ ପଚାରିବାରୁ ତଦନ୍ତ ପରେ ସବିଶେଷ ତଥ୍ୟ ଦେଇହେବ ବୋଲି ସୂଚନା ଦେଇଥିଲେ।

## ଜମି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ

# ଲୁଟ୍ ଘଟଣାରେ ୪ ଗିରଫ

ଆଠମଲ୍ଲିକ, ୧୫।୭ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ମାନଜୋର ଡ୍ୟାମ୍ ନିକଟରୁ ଗତ ୮ ତାରିଖରେ ରାଜିଙ୍ଗ ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ମାଡ଼ମାରି ଟଙ୍କା ଲୁଟି ନିଆଯିବା ଘଟଣାରେ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଶୋରନଗର ଥାନା ଅଞ୍ଚଳର ତାରିଣୀ ପ୍ରସାଦ ବିଶ୍ୱାଳ, ବଳରାମ ସାହୁ, ଟୁକୁନା ବେହେରା, ଆକାଶ ନାୟକ।

ପୋଲିସ କହିଛି, ଗୋବିନ୍ଦ କିଶୋରନଗର ଅଞ୍ଚଳର ସିମିର ପ୍ରଧାନଙ୍କଠାରୁ ଆଣିଥିବା ଧାର ଟଙ୍କା ଫେରାଇବା ପାଇଁ ସହଯୋଗୀଙ୍କ ସହ ଯାଉଥିଲେ। ଏହି ସମୟରେ ମାନଜୋର ଡ୍ୟାମ୍ ନିକଟରେ ୪ ଅଭିଯୁକ୍ତ ତାରିଣୀ ପ୍ରସାଦ, ବଳରାମ, ଟୁକୁନା, ଅକାଶ ୨ଟି ବାଇକ୍ ଯୋଗେ ଆସି ଗୋବିନ୍ଦଙ୍କୁ ଅଟକାଇଥିଲେ। ସେମାନେ ଗୋବିନ୍ଦଙ୍କୁ ମାଡ଼ ମାରିବା ସହ ୨୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହ ଫୋନ ପେ ମାଧ୍ୟମରେ ୫ ହଜାର ଓ ତାଙ୍କ ସ୍ତ୍ରୀଙ୍କୁ ଫୋନ କରି ଫୋନ ପେ ଜରିଆରେ ୯ ହଜାର ଟଙ୍କା ଅଭିଯୁକ୍ତମାନେ ନେଇଯାଇଥିଲେ। ଏପରି କି ଗୋବିନ୍ଦଙ୍କ ମୋବାଇଲ ଓ ହାତ ଘଣ୍ଟାକୁ ନେଇ ପଳାଇ ଯାଇଥିଲେ। ଏ ନେଇ ଗୋବିନ୍ଦ ଆଠମଲ୍ଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୯୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଏସଆଇ ସତୀଶ କୁମାର ଲେଙ୍କା, ଏସ୍‌ଆଇ କାର୍ତ୍ତିକେଶ୍ୱର ବେହେରା, ଏଏସ୍‌ଆଇ ମନୋଜ କୁମାର ସାହୁ, ଏଏସ୍‌ଆଇ ମିଥୁନ ମଲ୍ଲିକ ପ୍ରମୁଖ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ଠାରୁ ୫ଟି ମୋବାଇଲ, ୧୭୦୦ ଟଙ୍କା, ଗୋଟିଏ ବାଇକ୍, ପୋଲିସ ଜବତ କରିଛି।



ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ।

# ୩ ବାଘଛାଲ ଜବତ,୭ ଅଟକ

ବାରିପଦା, ୧୫।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରେ ସୋମବାର ବନ ବିଭାଗ ଚଢ଼ାଉକରି ୩ଟି କଲରାପତରିଆ ବାଘଛାଲ ଜବତ କରିବା ସହ ୭ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ତଦନ୍ତରେ ବାଧା ଉପୁଜିବା କାରଣରୁ ଅଭିଯୁକ୍ତମାନଙ୍କ ପରିଚୟ ଗୋପନ ରଖାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି। ସୂଚନାଯୋଗ୍ୟ, ବାଘଛାଲ କାରବାର ହେଉଥିବା ନେଇ ବନ ବିଭାଗର ସ୍ୱତନ୍ତ୍ର ଗୋଇନ୍ଦା ଟିମ୍ ଖବର ପାଇଥିଲା। ବିଭାଗୀୟ କର୍ମଚାରୀମାନେ ଗ୍ରାହକ ସାଜି ମୂଲଚାଲ କରିଥିଲେ। ଯୋଜନା ମୁତାବକ ସୋମବାର ବିଳମ୍ବିତ ରାତିରେ କର୍ମଚାରୀମାନେ ବଡ଼ସାହି ଥାନା ପାଉଁଶିଆ ଗ୍ରାମର ଗୁରୁପ୍ରସାଦ ପାତ୍ରଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୨ଟି ବାଘଛାଲ ଜବତ କରିଥିଲେ। ସେହିପରି ଖୁଣ୍ଟା ଥାନା ଅଧୀନ ପଶୁଦା ଗ୍ରାମରେ ଚଢ଼ାଉକରି ଗୋଟିଏ ବାଘଛାଲ ଜବତ କରିଥିଲେ। ଏହି ଦୁଇଟି ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କୁ ଅଟକ ରଖି ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

DSPL-171



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡେଙ୍ଗୁ ନିରାକରଣ ସଚେତନତା ମାସ
ଜୁଲାଇ ୨୦୨୫

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡ଼େଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଡେଙ୍ଗୁ ଏକ ଋତୁକାଳୀନ ଭୁତାଣୁ ଜନିତ ରୋଗ। ଏଡ଼ିସ୍ ମଶା କାମୁଡିବା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ।ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ଆଖପାଖରେ ଜମିରହୁଥିବା ସ୍ଥିର ଓ ପରିଷ୍କାର ପାଣିରେ ଏଡିସ୍ ମଶା ଡିମ୍ବ ଦେଇ ବଂଶ ବିସ୍ତାର କରିଥାଏ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଢ଼ୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଏଡିସ୍ ମଶା ସାଧାରଣତଃ ଘର ଭିତରେ ସୋଫା, ଖଟ, ଆଲମିରା ଓ ଥାକ ତଳେ ଅନ୍ଧାରୁଆ ସ୍ଥାନରେ ବିଶ୍ରାମ ନେଇଥାଏ
- ଏହି ମଶା ସାଧାରଣତଃ ସକାଳ ଏବଂ ଅପରାହ୍ନ (ଗୋଧୂଳି) ସମୟରେ କାମୁଡ଼ିଥାଏ। ମନୁଷ୍ୟ ଶରୀରର ବାହାର ଅଙ୍ଗ ଯଥା; ଗୋଡ, ହାତ, ମୁହଁ, ନାକ ଏବଂ କାନକୁ ଏହି ମଶା କାମୁଡିଥାଏ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର ସହିତ ଆଣ୍ଠୁ-ଗଣ୍ଠି ବିନ୍ଧା, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ, ଡେଙ୍ଗୁ ରୋଗରୁ ନିଜକୁ ସୁରକ୍ଷିତ ରଖନ୍ତୁ
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0234/2526

ମନୁଷ୍ୟମାନେ ଭଗବାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସେମାନେ ପ୍ରାୟ ସବୁବେଳେ ହିଁ ଦୂରେଇ ଯାନ୍ତି। କିନ୍ତୁ ପରମକାରୁଣିକ ଭଗବାନଙ୍କ ପକ୍ଷରେ ମନୁଷ୍ୟଠାରୁ ଦୂରେଇ ଯିବା ଅସମ୍ଭବ ବ୍ୟାପାର। -ଶ୍ରୀମା

-ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଓ ହଳ ନିଷେଧ

# ପୋଲ ନ ଭାଙ୍ଗୁ

ଅବ୍ୟବସ୍ଥିତ ଜୀବନଶୈଳୀ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଜୀବନ ପାଇଁ ବିପଦ ପାଲଟିଲାଣି। ଏହାଯୋଗୁ ବିଭିନ୍ନ ପ୍ରକାର ଅଣ-ସଂକ୍ରାମକ ରୋଗ ଯଥା ମଧୁମେହ, ମେଦବହୁଳତା, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ ଦ୍ରୁତ ଗତିରେ ବଢ଼ିଚାଲିଛି। ଯେତେ ରୋଗ ଭାରତୀୟମାନଙ୍କୁ ପ୍ରଭାବିତ କରୁଛି ତନ୍ମଧ୍ୟରୁ ୫୬% ଏହିଭଳି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ସହ ସମ୍ପୃକ୍ତ ରୋଗ ବୋଲି ଇଣ୍ଡିଆନ କାଉନ୍‌ସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ୨୦୨୪ ରିପୋର୍ଟରୁ ଜଣାପଡ଼ିଛି । ଏହାକୁ ଲକ୍ଷ୍ୟ କରି ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ ସାର୍ବଜନୀନ ସ୍ଥାନରେ ପ୍ରସ୍ତୁତ ଖାଦ୍ୟ ଯଥା ସିଙ୍ଗଡ଼ା, କଚୋଡ଼ି, ପିଜା, ବର୍ଗର, ଜିଲାପି ଏବଂ ଗୋଲାପଜାମୁ ଆଦିରେ କେତେ ସୁଗାର ଓ ଫ୍ୟାଟ ରହୁଛି ସେ ସମ୍ପର୍କିତ ବୋର୍ଡ କିମ୍ବା ଡିଜିଟାଲ ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପଦକ୍ଷେପର ଲକ୍ଷ୍ୟ ହେଉଛି ଲୋକେ କିଭଳି ସୁସ୍ଥ ଜୀବନଶୈଳୀ ଆପଣାଇବେ ଏବଂ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତ ହେବେ। ଏହା ପୂର୍ବରୁ ମଧ୍ୟ ୨୧ ଜୁନ୍‌ରେ କାର୍ଯ୍ୟାଳୟଗୁଡ଼ିକରେ ବ୍ୟବହାର କରାଯାଉଥିବା ଲେଟରହେଡ୍, ଏନ୍‌ଭଲ୍‌ପ ଏବଂ ନୋଟ୍‌ପ୍ୟାଡ୍ ଆଦିରେ ମେଦବହୁଳତା ରୋକିବା ସମ୍ପର୍କିତ ବାର୍ତ୍ତା ଉଲ୍ଲେଖ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଥିଲା। ଏବେ ଆଇସିଏମ୍‌ଆର୍ ଓ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନ (ଏନ୍‌ଆଇଏନ୍) ତରଫରୁ ପ୍ରସ୍ତୁତ କରାଯାଇଥିବା ମଡେଲ ବୋର୍ଡରେ ଦର୍ଶାଯାଇଛି ଯେ, ଦିନକୁ ଅତିବେଶିରେ ଜଣେ ବ୍ୟକ୍ତି ୨୫ ଗ୍ରାମ୍ ସୁଗାର ଓ ୩୦ଗ୍ରାମ୍ ଫ୍ୟାଟ୍ ଖାଇପାରିବେ। ଏହି ବୋର୍ଡ ସାର୍ବଜନୀନ ସ୍ଥାନରେ ଲଗାଗଲେ ଖାଇବା ପୂର୍ବରୁ ଲୋକେ ଚିନ୍ତା କରିବେ ବୋଲି କୁହାଯାଇଛି। ଆଇସିଏମ୍‌ଆର୍ ବୈଜ୍ଞାନିକଙ୍କ ମତରେ ବୋର୍ଡ ଦେଖିଲେ ତିନୋଟି ସିଙ୍ଗଡ଼ା ଖାଉଥିବା ଜଣେ ଲୋକ ଗୋଟିଏରେ ଅଟକି ଯିବ। କିନ୍ତୁ ଏହି ତାଲିକାରେ ଚିପ୍ସ, କୁର୍‌କୁରେ ଭଳି ପ୍ୟାକେଟରେ ମିଳୁଥିବା ଖାଦ୍ୟକୁ ବାରଣ କରିବା ପାଇଁ ଉପଦେଶ ଦିଆଯାଇ ନାହିଁ। ଅର୍ଥାତ ବଡ଼ କମ୍ପାନୀ ସୁରକ୍ଷିତ ରହି ବିଷାକ୍ତ ଖାଦ୍ୟ ବିକି ପାରିବେ। ଅନ୍ୟ ପଟେ ରାସ୍ତକଡ଼ର ସିଙ୍ଗଡ଼ା ଏବଂ ଜିଲାପି ବିକୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ସରକାର କଳର ଚଢ଼ାଉ ଆରମ୍ଭ ହେବ।

ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ, ସିଙ୍ଗଡ଼ା ଖାଉଥିବା ଲୋକଙ୍କୁ ସଂଖ୍ୟା ପରିବର୍ତ୍ତେ ଆକାର ବେଶି ପ୍ରଭାବିତ କରିଥାଏ। ଭୋକ ହେଉଥିବାବେଳେ ୫ରୁ ୭ ସିଙ୍ଗଡ଼ା ଖାଇଦେବା କୌଣସି ଗୋଟେ ବଡ଼ କଥା ନୁହେଁ। ଯଦି ସିଙ୍ଗଡ଼ାରେ ଅଧିକ ଲଙ୍କା ପଡ଼ିଥିବ, ତେବେ ସେହି ରାଗ ସମ୍ଭାଳିବା ପାଇଁ ୪/୫ଟି ଜିଲାପି ଖାଇହୁଏ। ଏଠାରେ ମନେପଡ଼େ ବିହାରରୁ ଆସିଥିବା ଏକ ରାଜନୈତିକ ଧ୍ୱନି, ଯାହା ହେଲା ''ଯବ୍‌ତକ୍ ରହେଗା ସମୋସେ (ସିଙ୍ଗଡ଼ା)ମେ ଆଲୁ, ତବ୍‌ତକ୍ ରହେଗା ବିହାର ମେ ଲାଲୁ''। ଏଭଳି ପରିସ୍ଥିତିରେ ସମସ୍ତେ ଜାଣନ୍ତି ଯେ, ଆଳୁରେ ମଧ୍ୟ ସୁଗାର ବା ଚିନି ଅଂଶ ଥାଏ, ଯେଉଁଥିପାଇଁ ମଧୁମେହ ବା ଡାଇବେଟିସ ରୋଗୀଙ୍କୁ ଆଳୁ ଓ ଭାତ ଖାଇବାକୁ ମନା କରାଯାଏ। କେବଳ ସିଙ୍ଗଡ଼ା କିମ୍ବା ଜିଲାପି ଉପରେ ନୋଟିସ ଲଗାଇ ବିକ୍ରି କରିଦେଲେ ଦେଶ ସୁସ୍ଥ ହେବ ନାହିଁ। ଭାରତୀୟ ଯୁବତୀଯୁବକଙ୍କୁ ଦେଖିଲେ ସେମାନଙ୍କ ଶାରୀରିକ ପରିସ୍ଥିତି ଉପରେ ଦୟା ଆସେ। ଅଧିକାଂଶ ପ୍ରକାରର ଖାଦ୍ୟ ହଜମ କରିବାର ଶକ୍ତି ମଣିଷ ଦେହରେ ଅଛି। କିନ୍ତୁ ଶରୀର ପାଇଁ ଅତ୍ୟନ୍ତ ଆବଶ୍ୟକ ହେଉଛି କଠିନ ବ୍ୟାୟାମ। ଖାଦ୍ୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଧାରଣ କରୁଛି ଶାରୀରିକ ବ୍ୟାୟାମ। ଏଠାରେ ବ୍ୟାୟାମ କହିବାର ଅର୍ଥ ନୁହେଁ ଜଣେ ଜିମ୍‌କୁ ଯାଇ ଓଜନ ଉଠାଇବ। ନିଜର ସବୁ କାର୍ଯ୍ୟ କରିବା ସହିତ ଯଦି ଘର କାମ ଏବଂ ବାହାର କାମ କରିବା ପାଇଁ ସାଧାରଣରେ ଯୁବଶକ୍ତି ସକ୍ରିୟ ହୋଇପାରିବ, ତେବେ ପେଟ ବାହାରିବ ନାହିଁ କିମ୍ବା ଗେଣ୍ଡା ଭଳିଆ କେହି ଦେଖାଯିବେ ନାହିଁ। ସବୁ ପ୍ରକାର ଖାଦ୍ୟ ଉପରେ କଟକଣା ଲଗାଇ ସେଥିରେ ମିଶୁଥିବା ଅଖାଦ୍ୟ ସମ୍ପର୍କରେ ଲିଖିତ ଭାବେ ଦିଆଗଲେ ମଧ୍ୟ ଅଧିକାଂଶ ନାଗରିକ ସେଗୁଡ଼ିକ ବୁଝିପାରିବେ ନାହିଁ। ସୁପ୍ରିମକୋର୍ଟ ହେଉ କିମ୍ବା ପାର୍ଲାମେଣ୍ଟ ସିଗାରେଟ ଭଳି ଖାଦ୍ୟ ଉପରେ ଅରୁଚିକର ଚିତ୍ର ମାରିଲେ କେହି ଖାଦ୍ୟ ତ୍ୟାଗ କରିପାରିବେ ନାହିଁ। ଜୀବନଶୈଳୀ ଏବଂ ଖାଦ୍ୟ ପସନ୍ଦ କରିବା ହେଉଛି ବ୍ୟକ୍ତିଗତ ବିଷୟ। ଆଜିକାଲି ପିଲାମାନେ ମଧ୍ୟ ଅତ୍ୟଧିକ ମୋଟା ହେବା ପଛରେ ସ୍ୱିଗି ଏବଂ ଜୋମାଟୋ ଭଳି ଘରେ ଆଣି ତେଲିଆ ଖାଦ୍ୟ ଯୋଗାଉଥିବା ବ୍ୟବସ୍ଥା ଦାୟୀ। ସେଥିପାଇଁ ଲିଫ୍ଟ ପରିବର୍ତ୍ତେ ଶିଡ଼ି ଚଢ଼ିବା, ଶୋଷ ହେଲେ ନିଜେ ଉଠିକରି ପାଣି ଗ୍ଲାସ ପିଇବା ଭଳି ସହଜ ଏବଂ ସାଧାରଣ କାର୍ଯ୍ୟ କରିବା ସହିତ ନିଜର ସୁସ୍ଥତା ପାଇଁ ବ୍ୟାୟାମ କରିବା ଅତ୍ୟନ୍ତ ଆବଶ୍ୟକ। ସେଥିରେ ସରକାର କିମ୍ବା ଦେଶର ବ୍ୟବସ୍ଥା ମୁଣ୍ଡ ପୂରାଇବା ପରିବର୍ତ୍ତେ ଜନସାଧାରଣ ନିଜ ତରଫରୁ ସଜାଗ ହୋଇ ପରିଶ୍ରମ କରିବା ଦରକାର। ଏହାଛଡ଼ା ସରକାର ନିଜ କାମକୁ ଯଥା ବ୍ରିଜ ନିର୍ମାଣ, ରାସ୍ତା ତିଆରି ଭଳି କାର୍ଯ୍ୟକୁ ଗୁରୁତ୍ୱ ଦେବା ସହିତ ଦେଶ ଏବଂ ମହିଳାଙ୍କ ସୁରକ୍ଷାକୁ ଅଧିକ ଧ୍ୟାନ ଦେଇ ପାରିଲେ ତାହା ନାଗରିକଙ୍କ ପାଇଁ ମଙ୍ଗଳମୟ ହେବ। ନାଗରିକଙ୍କ ଦୈନନ୍ଦିନ ଜୀବନରୁ ସରକାର ଦୂରେଇ ଯିବା ଅତ୍ୟନ୍ତ ଆବଶ୍ୟକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | 9 | 7 | 8 | | |
| | | 7 | 3 | | | | | 4 |
| | | 2 | | | | | | |
| 4 | | 1 | | | | | | 7 |
| | 5 | | | | | | 3 | |
| | 8 | | | 4 | 5 | 2 | | |
| | | | | 1 | | | | |
| | 7 | | | | 6 | | 9 | |
| | | | 9 | | 8 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 1 | 7 | 2 | 9 | 4 | 8 | 5 |
| 8 | 2 | 9 | 6 | 5 | 4 | 7 | 1 | 3 |
| 4 | 7 | 5 | 8 | 3 | 1 | 2 | 6 | 9 |
| 1 | 4 | 7 | 9 | 6 | 3 | 5 | 2 | 8 |
| 5 | 6 | 2 | 1 | 7 | 8 | 9 | 3 | 4 |
| 3 | 9 | 8 | 5 | 4 | 2 | 6 | 7 | 1 |
| 9 | 1 | 4 | 2 | 8 | 6 | 3 | 5 | 7 |
| 7 | 8 | 6 | 3 | 9 | 5 | 1 | 4 | 2 |
| 2 | 5 | 3 | 4 | 1 | 7 | 8 | 9 | 6 |

ଗତକାଲିର ଉତ୍ତର

# ସମବାୟ ଓ ଅନ୍ତର୍ଭୁକ୍ତି ବିକାଶ



ପ୍ରତାପ ଚନ୍ଦ୍ର ସାମଲ

ଊନବିଂଶ ଶତାବ୍ଦୀରେ ବ୍ରିଟେନ୍‌ରେ ଦେଖାଦେଇଥିବା ଉଦ୍ୟୋଗିକ ବିପ୍ଳବର ସମାଲୋଚନା ପ୍ରକାଶ ପାଇଥିଲା 'ଅନ୍.ଟୁ.ଦି.ଲାଷ୍ଟ' ପୁସ୍ତକରେ। ଗାନ୍ଧିଜୀ ଏହି ପୁସ୍ତକଟି ପଢ଼ିବାରୁ ତାଙ୍କ ମନରେ ଏହା ଗଭୀରଭାବେ ପ୍ରଭାବ ପକାଇଥିଲା। ଗାନ୍ଧିଜୀ ଉକ୍ତ ପୁସ୍ତକଟି ଅନୁବାଦକରି ନାମ ଦେଇଥିଲେ 'ସର୍ବୋଦୟ'। ଯାହାର ମୁଖ୍ୟ ସାରାଂଶ ଥିଲା ସମସ୍ତଙ୍କ କଲ୍ୟାଣରେ ହିଁ ବ୍ୟକ୍ତିର ମଙ୍ଗଳ ହୁଏ। ଗାନ୍ଧୀ ଏହି ଅନ୍ତର୍ଭୁକ୍ତିକୁ ଠିକ୍ ଭାବରେ ବୁଝିଥିଲେ ଏବଂ ତାହା ହିଁ ତାଙ୍କର 'ସ୍ୱରାଜ୍ୟ'ର ପରିକଳ୍ପନା ଥିଲା।

ଆମେ ବର୍ତ୍ତମାନ ମିଛ ବାହାନାର ସାହାରା ନେଇ 'ଅନ୍ତର୍ଭୁକ୍ତି ବିକାଶ'ର କଥା କହୁଛୁ। କିନ୍ତୁ ବହୁ ଲୋକ ଏହି ଅନ୍ତର୍ଭୁକ୍ତି ବିକାଶର ବହୁ ଦୂରରେ। କାରଣ ସମାଜରେ ଦିନକୁ ଦିନ ଅର୍ଥନୈତିକ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ୪୦ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି। ମାନବ ବିକାଶ ମାନଦଣ୍ଡରେ ଭାରତୀୟମାନେ ବହୁ ପଛରେ। ଏହା ଗୋଟିଏ ଦେଶର ଗୁଣାତ୍ମକ ମାନକୁ ସୂଚିତ କରୁଛି। ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ଆମକୁ ଆଗକୁ ଯିବାକୁ ହେବ। କାରଣ ଅନ୍ତର୍ଭୁକ୍ତି ହିଁ ଆମର ଭବିଷ୍ୟତ। ଲୋକମାନଙ୍କ ନିକଟକୁ କ୍ଷମତା ଯିବା ଆମର ଭବିଷ୍ୟତ। ଆମେ ପଞ୍ଚାୟତିରାଜ ଶାସନକୁ ଗ୍ରହଣ କରିଛୁ। ଯଦି ସମ୍ବିଧାନ ସଂଶୋଧନକୁ ୭୦ % ଗରିବ ଓ ଚରମ ଅବହେଳାର ଶିକାର ହେଉଥିବା ଲୋକମାନଙ୍କ ସହ ସମପରିମାଣରେ ଭାଗ କରିପାରିବା, ତେବେ ବିକାଶ ଓ ନ୍ୟାୟ ସେମାନଙ୍କୁ ମିଳିପାରିବ ଏବଂ ସେମାନେ ଅନ୍ତର୍ଭୁକ୍ତି ବିକାଶର ଅଂଶ ହୋଇପାରିବେ। ଅନ୍ତର୍ଭୁକ୍ତି ବିକାଶ କେବଳ ସମ୍ଭବ ସମବାୟ ଆନ୍ଦୋଳନ ମାଧ୍ୟମରେ। ସମବାୟକୁ ଶକ୍ତିଶାଳୀ କରିପାରିଲେ ଏହା ଅର୍ଥନୈତିକ ଅନ୍ତର୍ଭୁକ୍ତି ମାର୍ଗକୁ ଉନ୍ମୋଚିତ ଓ ପ୍ରଶସ୍ତ କରିବ।

ସମବାୟ ଆନ୍ଦୋଳନକୁ ଅର୍ଥନୈତିକ ଜଗତୀକରଣ ସମୟରେ କିପରି ଶକ୍ତିଶାଳୀ କରିପାରିବା ଏହା ଆମ ପାଇଁ ଏକ ଆହ୍ୱାନ। ଏ ଆହ୍ୱାନକୁ ମୁକାବିଲା କରିବା ପାଇଁ ଯେଉଁ ପ୍ରତିଯୋଗିତା ଲୋଡ଼ା ତାହା ସମବାୟ ଦ୍ୱାରା ସମ୍ଭବ କି? ଯଦି ସମ୍ଭବ ତେବେ ତାହା କିପରି କରାଯାଇପାରିବ? କେବଳ ସମ୍ବିଧାନ ସଂଶୋଧନ କରିଦେଲେ କିମ୍ବା ସମ୍ବିଧାନରେ ନୂତନ ବ୍ୟବସ୍ଥା ଯୋଡ଼ିଦେଲେ ଏହା ସଫଳ ହେବନାହିଁ। ତାହା ଯଦି ହୋଇପାରୁଥାନ୍ତା ତେବେ ବାରମ୍ବାର ସମ୍ବିଧାନ ସଂଶୋଧନ ହେଉ ନ ଥାନ୍ତା।

୨୦୧୨ ମସିହାକୁ ମିଳିତ ଜାତିସଂଘ ତରଫରୁ ଭାରତରେ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ପାଳନ କରାଯାଇଥିଲା। ପୁଣି ଚଳିତ ୨୦୨୫କୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଭାରତରେ ପାଳନ କରାଯାଉଛି। ମାତ୍ର ୧୩ ବର୍ଷ ମଧ୍ୟରେ ସମବାୟରେ ବିକାଶ ପରିବର୍ତ୍ତେ ବିନାଶ ହୋଇଛି।



୨୦୧୨ ବର୍ଷକୁ ସଫଳ କରିବା ପାଇଁ ଅନେକ କାଗଜପତ୍ର ପ୍ରସ୍ତୁତ ହେଲା, ସେମିନାର ହେଲା, ପ୍ରଚାର ଓ ପ୍ରସାର ହୋଇ ବହୁ କୋଟି ଟଙ୍କା ଖର୍ଚ୍ଚ ହେଲା, କିନ୍ତୁ ବାସ୍ତବତା କ'ଣ ତାହା ପ୍ରକାଶ ପାଇଲା ନାହିଁ। ପ୍ରଥମ ପ୍ରଶ୍ନ ହେଉଛି ମାନସିକ ସ୍ତରରେ ଏହା ପ୍ରବେଶକଲା କି? ଯଦି ପ୍ରବେଶ କଲାନାହିଁ, ତେବେ କାହିଁକି ପ୍ରବେଶ କଲାନାହିଁ ? ଯଦି ପ୍ରବେଶ କଲା ତେବେ ସମବାୟ ଆନ୍ଦୋଳନରେ ତାହା କିପରି ପରିବର୍ତ୍ତନ ଆଣିଲା ? ଗତ ୧୩ ବର୍ଷ ମଧ୍ୟରେ ଏହାର ତର୍ଜମା ସହ ପ୍ରତିକାର କରିବାର ଥିଲା, କିନ୍ତୁ ତାହା ହେଲା ନାହିଁ। ଆର୍ଥିକ ଅନ୍ତର୍ଭୁକ୍ତି କ୍ଷେତ୍ରରେ ସମବାୟର ଯଥେଷ୍ଟ ଭୂମିକା ରହିଥିଲେ ତାହା ଫଳପ୍ରଦ ହୋଇପାରିଲା ନାହିଁ। କାରଣ କେତେଜଣ ଦୁର୍ନୀତଗ୍ରସ୍ତ ପେସାଦାରମାନଙ୍କ ଦ୍ୱାରା ଯେଉଁ ହାରରେ ସ୍ୱୟଂ ସହାୟକ ସମବାୟ ସଂସ୍ଥାଗୁଡ଼ିକ ଲୋକମାନଙ୍କୁ ଠକି ଅମାପ ଅର୍ଥର ଅଧିକାରୀ ହେଲେ, ତାହା ସମବାୟ ଆନ୍ଦୋଳନ ପ୍ରତି ଏକ ଶକ୍ତ ଧକ୍କା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆନ୍ତର୍ଜାତିକ ସମବାୟ ବର୍ଷରେ ଓଡ଼ିଶାରେ ଏହି ଘଟଣା ଘଟିଲା, ଗରିବ ଲୋକମାନେ ଲୋଭର ବଶବର୍ତ୍ତୀ ହୋଇ ଜମା କରିଥିବା ଅର୍ଥ ହରାଇଲେ। ଫଳରେ ସରକାର ସମବାୟ ଆଇନରେ ପୁନଶ୍ଚ ସଂଶୋଧନ ଆଣିବା ପାଇଁ ବାଧ୍ୟ ହେଲେ।

ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଯୋଜନା କମିଶନ (କୃଷି ଡିଭିଜନ) ଗଠନ କରାଯାଇ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଋଣ ଓ ପରିଚାଳନା ସମ୍ପର୍କରେ ସେମାନଙ୍କ ସୁପାରିସ ପ୍ରଦାନ କରିଥିଲେ। ଏହାର ସାରମର୍ମ ଥିଲା ସମବାୟ ସମ୍ପର୍କିତ ଋଣ ଦେବାର କୌଶଳ କୃଷିର ବିକାଶ କୌଶଳକୁ ଦୃଷ୍ଟିରେ ରଖି ସଂଖ୍ୟାତ୍ମକ ଋଣ ପ୍ରବାହର ଲକ୍ଷ୍ୟ ପୂରଣ ହେବା ଦରକାର। ଯଦିଓ ଏହା ଅନ୍ତର୍ଭୁକ୍ତି ବିକାଶ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଏଥିପାଇଁ ଏଥିରେ ପ୍ରାଥମିକ କୃଷିଋଣ ସମବାୟ ସମିତିଠାରୁ ରାଜ୍ୟ ସମବାୟ ବ୍ୟାଙ୍କ ପର୍ଯ୍ୟନ୍ତ କେବଳ କୃଷିକ୍ଷେତ୍ରକୁ ଋଣ ନ ଦେଇ ଗ୍ରାମୀଣ ଜୀବନ ଜୀବିକା ପାଇଁ ଋଣଦେବା ଉପରେ ଗୁରୁତ୍ୱାରୋପ କରାଯିବାର ଥିଲା, ତାହା ମଧ୍ୟ ହୋଇପାରିଲା ନାହିଁ।

ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକରେ ସଭ୍ୟ ସଂଖ୍ୟା ତୁଳନାରେ ଋଣ ଅତ୍ୟନ୍ତ ନ୍ୟୂନ, ଯଦିଓ ଏ ଦିଗରେ ବୈଦ୍ୟନାଥନ୍ କମିଟି ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲେ। ଏହାର ଅର୍ଥ ଥିଲା ସବା ତଳସ୍ତରରେ ଥିବା ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକ ପ୍ରତି ଗ୍ରାମାଞ୍ଚଳର ଗରିବ ଓ କୋଣଠେସା ହେଉଥିବା ଲୋକଙ୍କୁ ଆକୃଷ୍ଟକରି ସଭ୍ୟ ସଂଖ୍ୟା ବୃଦ୍ଧି ସହ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି କରିବା। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ, ସମବାୟ ଏକ ସଶକ୍ତ ଆନ୍ଦୋଳନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିନାହିଁ। ବର୍ତ୍ତମାନ ଏହା ସରକାରଙ୍କ ଏକ ବିଭାଗରେ ପରିଣତ ହୋଇଯାଇଛି ଯେଉଁଠି ଫାଇଲ୍ କଥା କହୁଛି, ମଣିଷ କଥା କହୁନାହିଁ। 'ଅନ୍ତର୍ଭୁକ୍ତି ବିକାଶ' ପାଇଁ ସମବାୟ ଏକ ଆନ୍ଦୋଳନ ହେବା ଅପରିହାର୍ଯ୍ୟ। ଆନ୍ଦୋଳନ ମଧ୍ୟକୁ ସବୁ ଶ୍ରେଣୀ ଓ ସବୁ ବର୍ଗର ଲୋକମାନେ ପ୍ରବେଶ କରିବାର ଆବଶ୍ୟକତା ଅଛି। ସେମାନେ ସେମାନଙ୍କ ଶକ୍ତିମତେ ଶାରୀରିକ, ମାନସିକ ଓ ଆର୍ଥିକ ସହଯୋଗ ଯୋଗାଇଦେଲେ ଆନ୍ଦୋଳନ ଶକ୍ତିଶାଳୀ ହେବ।


ବର୍ତ୍ତମାନ ଦେଶର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅବସ୍ଥାକୁ ଦୃଷ୍ଟିରେ ରଖି ସମବାୟ ଆନ୍ଦୋଳନକୁ ପରିଚାଳନା କରିବା ଦରକାର। ଜଗତୀକରଣର ବଜାରୀକରଣରୁ ମୁକ୍ତି ପାଇବାର ବାଟ ହେଉଛି ସମବାୟ। କିନ୍ତୁ ସମବାୟ ତା' ବାଟରେ ଠିକ୍ ରୂପେ ନ ଯାଇପାରି ମଝିରେ ମଝିରେ ଝୁଣ୍ଟୁଛି। ଫଳରେ ସମ୍ବିଧାନ ସଂଶୋଧନ, ବିଭିନ୍ନ କମିଟି ଗଠନ ଓ ରିପୋର୍ଟ ପ୍ରଦାନ, କମିଟିଗୁଡ଼ିକର ସୁପାରିସ ଇତ୍ୟାଦିରେ ସମୟ ଓ ଶ୍ରମଶକ୍ତି ଅପଚୟ ହେଉଛି। ଆମେ ଯେତେ ଜୋର୍‌ରେ ରଡ଼ି ଛାଡୁଥିଲେ ମଧ୍ୟ ମିଳିତଭାବେ ସଂଘବଦ୍ଧ ପ୍ରଚେଷ୍ଟାର ଅଭାବ ଦେଖାଦେଇଛି। ବହୁକ୍ଷେତ୍ରରେ କେତେଜଣ ନ୍ୟସ୍ତସ୍ୱାର୍ଥ ରାଜନୈତିକ ବ୍ୟକ୍ତି ସମବାୟର ଅର୍ଥ ନ ବୁଝି ବହୁ କ୍ଷେତ୍ରରେ ଆଡ୍ଡାସ୍ଥଳୀ ଜମାଇ ଏହାକୁ କରାୟତ୍ତ କରିପାରିଛନ୍ତି। ସ୍ୱାର୍ଥକୁ ଆଖି ଆଗରେ ରଖି ଖଣ୍ଡ ବିଖଣ୍ଡିତ ନିୟମକାନୁନ ପ୍ରଣୟନକରି ସମବାୟକୁ ପରିଚାଳନା କରାଯାଇପାରେନା।

ଅନ୍ତର୍ଭୁକ୍ତି ବିକାଶ ପାଇଁ ଲୋଡ଼ା ଅନ୍ତର୍ଭୁକ୍ତି ଚିନ୍ତନ ଓ କାର୍ଯ୍ୟ ପ୍ରଣାଳୀ। ଏ ଦିଗରେ ସବା ତଳସ୍ତରର ଲୋକମାନଙ୍କ ସହ ଅଧିକ ଆଲୋଚନା, ପର୍ଯ୍ୟାଲୋଚନା, ଗ୍ରାମ୍ୟ ସ୍ତରରେ ସେମାନଙ୍କଠାରୁ ତଥ୍ୟ ସଂଗ୍ରହକରି ଠିକ୍ ସିଦ୍ଧାନ୍ତ ଗ୍ରହଣ କରିପାରିଲେ ସମବାୟ ସଫଳ ହେବ ଏବଂ ଅନ୍ତର୍ଭୁକ୍ତି ବିକାଶର ମାର୍ଗ ସୁଗମ ହେବ। କେବଳ ବ୍ୟାଙ୍କଗୁଡ଼ିକରେ ଜମାଖାତା ବା ଋଣ ଖାତା ଖୋଲିବାରେ ସୀମିତ ନ ରହି ଦେଶ ତଥା ରାଜ୍ୟର ପ୍ରତ୍ୟେକ ପରିବାର ଆର୍ଥିକ ଉନ୍ନତିରେ ଅନ୍ତର୍ଭୁକ୍ତି ମିଶନ ମାଧ୍ୟମରେ ଦେଶର ସମସ୍ତ ଲୋକ ଯେପରି ବ୍ୟାଙ୍କ ସେବା ସୁରୁଖୁରୁରେ ପାଇପାରିବେ ସେ ବ୍ୟବସ୍ଥା ଠିକ୍ ରୂପେ କଲେ ଏହାର ସୁଫଳ ଉପଲବ୍ଧି ହୋଇପାରିବ।

ଦୁର୍ନୀତିଖୋର କର୍ମଚାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଦୀର୍ଘଦିନ ଧରି ବିଭିନ୍ନ ସମବାୟ ସମିତିର ପରିଚାଳନା ପରିଷଦରେ ସାମିଲ ଥିବା ସଚ୍ଚୋଟ ବ୍ୟକ୍ତିବିଶେଷଙ୍କୁ ବିଶ୍ୱାସକୁ ନେଇ ବିଭିନ୍ନ ସମବାୟ ଅନୁଷ୍ଠାନର ପରିଚାଳନାରେ ସାମିଲ କରିପାରିଲେ ସମବାୟର ବିକାଶ ଧାରା ଆପେ ଆପେ ଆଗେଇପାରିବ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଦୁର୍ନୀତିର ଚେର



ପୁଷ୍ପାରାଣୀ ମିଶ୍ର

ଚାରିଆଡେ ଖାଲି ଦୁର୍ନୀତିର ଗନ୍ଧ, ଭିଜିଲାନ୍ସର ଚଢ଼ଉ, ପୁଳାପୁଳା ଟଙ୍କା। ପରବର୍ତ୍ତୀ ପିଢି ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ। ଅଧୁନା ହାଇସ୍କୁଲରେ ଭଲ ନମ୍ବର ରଖି ପାସ୍ କରିଥିବା ମେଧାବୀ ପିଲାଏ ଭବିଷ୍ୟତରେ ଇଞ୍ଜିନିୟର କି ଭାରତୀୟ ପ୍ରଶାସନିକ ସେବାରେ ଭର୍ତ୍ତିହେବାକୁ ଆଶା ରଖିଲେଣି। କୁହାଯାଏ ଯେତିକି ଧରାପଡୁଛନ୍ତି ତା'ଠାରୁ କୁଆଡେ ଅନେକ ସଂଖ୍ୟାରେ ବଡ଼ମାଛ ଖସି ଯାଉଛନ୍ତି। ତେଣୁ ପ୍ରଶ୍ନ ଉଠେ, ଏତେ ଚଢ଼ାଉ, ଗିରଫ ସତ୍ତ୍ୱେ ପୁଣି କେମିତି ଧରା ପଡୁଛନ୍ତି ? କାରଣ ଧଣ୍ଡସାପ ବେଙ୍ଗ ଗିଳିଲା ପରି ପଞ୍ଝାଏ ଦୁର୍ନୀତିଗ୍ରସ୍ତ ଏମିତି ପେଟ ଭରିଛନ୍ତି ଯେ ନା ହଜମ କରି ପାରୁଛନ୍ତି ନା ବାନ୍ତି କରିପାରୁଛନ୍ତି। ଚାକିରି ଜୀବନର ଶେଷ ସମୟକୁ ବିଡ଼ା ବିଡା ଟଙ୍କା ପଡୋଶୀଙ୍କ ଛାତକୁ ଫୋପାଡିବା ହିଁ ସାର ହେଉଛି। ଆଉ ପଞ୍ଝାଏ ଏହାକୁ ଦେଖି ଚାକିରି ଆରମ୍ଭରୁ ହିଁ ଲାଞ୍ଚମିଛରେ ଏମିତି ମାତି ଯାଉଛନ୍ତି ସତେ ଅବା ଏ ବାବଦରେ ସ୍ୱତନ୍ତ୍ର ତାଲିମ ନେଇ ଆସିଛନ୍ତି, କମ୍ ଦିନ ଭିତରେ ଲକ୍ଷ୍ୟ ହାସଲ କରିନେବା ପାଇଁ। ଏଣୁ ଯଦି କି ନୂଆ କି ପୁରୁଣା ସମସ୍ତେ ଲାଞ୍ଚଖୋରିରେ ମାତିବେ ତେବେ ବିକାଶ ପାଇଁ ଆସୁଥିବା ଅର୍ଥରାଶି ବାଟମାରଣା ହୋଇ ଗୁପ୍ତରେ ସ୍ୱିସ୍ ବ୍ୟାଙ୍କମାନଙ୍କୁ ହିଁ ଯିବ। ଏଥିକୁ ଦୋଷ ବା ଦେବା କାହାକୁ?

କାଁ ଭାଁ ଦୁର୍ନୀତିଗ୍ରସ୍ତଙ୍କୁ ଧରି ପକାଇଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇ ପାରିବ କି? ଏଥିପାଇଁ ବ୍ୟବସ୍ଥାକୁ ସଜାଡିବା ଆବଶ୍ୟକତା ନାହିଁ କି? ଲାଞ୍ଚଗ୍ରହୀତାଙ୍କ ପରି ଲାଞ୍ଚ ଦାତାମାନେ ତ ସମପରିମାଣରେ ଦୋଷୀ, କିନ୍ତୁ ଧରା ହେଉଛନ୍ତି କେତେଜଣ? ଆଇନ ବ୍ୟବସ୍ଥାକୁ ମୋଡ଼ିମକଚି ପେଞ୍ଚୁଆ ଅଧିକାରୀମାନେ ଯେତେବେଳେ ଦୁର୍ନୀତିକୁ ନୀତିରେ ପରିଣତ କରି ସ୍ପଷ୍ଟ ଦିବାଲୋକରେ ଆଇନକୁ ଆଖିଠାର ମାରି ଲୁଟୁଛନ୍ତି, ସେତେବେଳେ ଏଥିରେ ଲାଞ୍ଚଦାତା ଏବଂ ଅନୁଗୃହୀତ ହେଉଥିବା ବ୍ୟକ୍ତିଙ୍କର ଅବାଧ ସହଭାଗିତା ରହୁଛି। ଉଦାହରଣସ୍ୱରୂପ ଥରେ ମାଛ ବିକ୍ରି କରି ପେଟ ପୋଷୁଥିବା ବ୍ୟକ୍ତିଟିଏ ପ୍ରତିଦିନ ପରି ସକାଳୁ ତା'ର ମାଛଧରା ଯନ୍ତ୍ର ପାଖକୁ ଯାଇ ଦେଖେ ଗୋଟିଏ ଧଣ୍ଡସାପ ଭିତରେ ପଶି ମାଛ ଯାକ ଖାଇ ଦେଇଥିବାରୁ ଆଉ ବାହାରି ନ ପାରି ଛଟପଟ ହେଉଛି। ତା'ର ସେଦିନର ରୋଜଗାର ହେରେଇଥିବା ରାଗରେ ଲୋକଟି ଧଣ୍ଡ ସାପର ମୁଣ୍ଡକୁ ଧରି ବୁଲାଇ ବୁଲାଇ ଦୂରକୁ ଫିଙ୍ଗିଦିଏ। ସାପଟି ନିକଟସ୍ଥ ଏକ ବୁଦା ପାଖରେ ପଡି କଷ୍ଟରେ ଆର୍ତ୍ତଚିତ୍କାର କରିବାରୁ ପାଖ ଗାତରେ ରହୁଥିବା ନାଗସାପଟିଏ ଘଟଣା କ'ଣ ଜାଣିବାକୁ ବାହାରକୁ ମୁଣ୍ଡକାଢ଼େ। ବିଚ୍ରା ଜଖମି ଧଣ୍ଡସାପଠାରୁ ସମସ୍ତ ବୃତ୍ତାନ୍ତ ଶୁଣିସାରି ତାକୁ ନିଜ ଗାତରେ



ସାଷ୍ଟାମହେବା ପାଇଁ ଉପଦେଶ ଦେଇ ପ୍ରତିଶୋଧ ଆଶାରେ ମାଛଧରା ଯନ୍ତ୍ର ପାଖକୁ ବୀରଦର୍ପରେ ଯାଇ ମାଛ ଖାଏ। ପରଦିନ ସକାଳେ ବ୍ୟକ୍ତିଟି ଆସି ପୁନଶ୍ଚ ସାପଟିଏ ଦେଖି ରାଗରେ ଧରିବାକୁ ଉଦ୍ୟତ ହୁଅନ୍ତେ ନାଗସାପଟି ଫଣା ଟେକି ଗର୍ଜନ କରେ। ତହୁଁ ବ୍ୟକ୍ତିଟି ହାତରେ ଗାମୁଛାକୁ ଗୁଡାଇ ପାଟିରେ ଗଦ ଜାକି ନାଗର ମୁଣ୍ଡକୁ ଧରିନେଇ ଘେରାଏ ବୁଲାଇ ଫିଙ୍ଗିଦିଏ। ସାପଟି ସେଇ ବୁଦା ପାଖରେ ଭୁସ କରି ପଡି ବିକଳରେ ଚିତ୍କାର କରନ୍ତେ, ପୂର୍ବରୁ ବିଶ୍ରାମ ନେଉଥିବା ଧଣ୍ଡସାପଟି ପଦାକୁ ବାହାରି କାରଣ ପଚାରେ। ନାଗସାପଟି ମନ୍ତବ୍ୟ ରଖେ, ନାଇଁ ଭାଇ, ଏହା ସେ ଯନ୍ତ୍ର କରାମତି, ତା' ଭିତରକୁ ଧଣ୍ଡ ଯାଉ କି ନାଗ ସମସ୍ତଙ୍କର ଏହି ସମ ଅବସ୍ଥା ହିଁ ହେବ। ଅତଏବ ଆମ ବ୍ୟବସ୍ଥାରେ ଭଲ ଛାତ୍ର ଆସନ୍ତୁ କି ଖରାପ ଛାତ୍ର ଏକା ପ୍ରକାରେ ଦୁର୍ନୀତିରେ ହିଁ ଲିପ୍ତ ହେବେ। ତେଣୁ ବ୍ୟବସ୍ଥାରେ ପରିବର୍ତ୍ତନ ଆଜି ଜରୁରୀ ହୋଇପଡିଛି। ପ୍ରବେଶିକା ପରୀକ୍ଷା ହେଉ କି ଚାକିରି ପାଇଁ ଲିଖିତ ପରୀକ୍ଷା ପ୍ରତିଟିରେ ପାସ୍ କରାଇ ନେବା ପାଇଁ ଦଲାଲ ଗୋଷ୍ଠୀ ଜାଲ ବିଛାଉଛନ୍ତି। ସରକାର କାଁ ଭାଁ ଦଲାଲଙ୍କୁ ଧରି ବାହାଦୁରି ନେଲାବେଳେ ଲାଞ୍ଚଦାତାମାନଙ୍କୁ ଧରିବା ନଜିରରେ ଆସୁନାହିଁ। ଏତେ ଘଟଣା ସତ୍ତ୍ୱେ ଆଜି ବି ଲୋକେ ଚାକିରି କରାଇବା ପାଇଁ ଲାଞ୍ଚର ଆଶ୍ରୟ ନେଇ ଠକେଇ ହେଲେ ଥାନାକୁ ଦୌଡୁଛନ୍ତି।

ଲାଞ୍ଚ ଦେବା କ'ଣ ଅପରାଧ ନୁହେଁ, ଆମେ ପଇସା ଦେଇ ଯଦି ଚାକିରିଟି ହାତେଇ ନେବା ତେବେ ବର୍ଷବର୍ଷ ଧରି ପରିଶ୍ରମ କରୁଥିବା ଗରିବ ମେଧାବୀ ପିଲାଏ ଯିବେ କୁଆଡ଼େ? ସରକାରଙ୍କ ଅନେକ ସଞ୍ଚୟ ଯୋଜନାକୁ ଅଣଦେଖା କରି ଯେଉଁମାନେ ରାତାରାତି କୋଟିପତି ହେବା ଆଶାରେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ କଷ୍ଟଲବ୍ଧ ଅର୍ଥ ଜମାରଖି ଠକେଇ ହେବା ବେଳକୁ ଯାଇ ଚିତ୍କାର କରୁଛନ୍ତି, ସେମାନେ କ'ଣ ଦେଶ ଭକ୍ତ? ଆୟକରରୁ ବଞ୍ଚିବା ପାଇଁ ବ୍ୟବସ୍ଥାର ଆଶ୍ରୟ ନେଉନାହାନ୍ତି ତ? ଅତଏବ ଦୁର୍ନୀତିର ମୂଳଉତ୍ସଗୁଡିକୁ ଚିହ୍ନଟ କରି ଯଦି ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇପାରନ୍ତା ତେବେ କେଜାଣି ଏହା କେତେକାଂଶ କମିପାରନ୍ତା। ନଚେତ୍ ଯେତେଦିନ ଯାଏ ଲାଞ୍ଚ ଦେଇ କାମ କରାଇ ନେବାର ମନୋବୃତ୍ତି ଆମ ପାଖରେ ଥିବ ସେତେଦିନ ଯାଏ ପିଢି ପରେ ପିଢି ଲାଞ୍ଚ ଗ୍ରହୀତାମାନେ ଜନ୍ମ ନେଉଥିବେ ଏବଂ ଏହି ଧାରା ସୁବ୍ୟବସ୍ଥିତ ଢଙ୍ଗରେ ଚାଲୁଥିବ। ଏହି ଲାଞ୍ଚଦାତାମାନଙ୍କର ମାନସିକ ପରିବର୍ତ୍ତନ ଘଟିଲେ ଯାଇ ସମାଜରୁ ଦୁର୍ନୀତି ଧୀରେ ଧୀରେ ଲୋପପାଇବ, ଯାହା ସମୟ ସାପେକ୍ଷ।

**ଭକ୍ତମଧୁନଗର, ଗଣ୍ଡମୁଣ୍ଡା, ଭୁବନେଶ୍ୱର**
**ମୋ:୬୩୭୧୯୪୭୧୧୭**

## ଏଇ ଭାରତରେ

ଗୁଜରାଟର ୨୭ ବର୍ଷୀୟ ନିଷ୍ଠା ଚୌହାଣ 'କାଫେ ଆରମ୍ଭ' ନାମକ ବର୍ଜ୍ୟବିହୀନ କାଫେରୁ ମାସକୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଠାରେ ମାଣ୍ଡିଆ ଓ ବାଜରା ଜାତୀୟ ଶସ୍ୟରୁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ନିଷ୍ଠା ଇଞ୍ଜିନିୟରିଂ ପରେ ଅଜିସ୍ତ ଏରୋସ୍ପେଶରେ କାମ କରୁଥିଲେ। ୨୦୨୧ରେ ଚାକିରି ଛାଡ଼ି ପିଲାଙ୍କ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଅହମ୍ମଦାବାଦର ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟ ଏଜୁକେଶନ (ସିଇଇ) କ୍ୟାମ୍ପସରେ କାଫେ ଖୋଲିଥିଲେ। କାଫେରେ ମାଣ୍ଡିଆ ଦୋସା, ବାଜରା ଓ ଯଅ ମୋମୋ, ପାଉରୁଟି ଆଦି ୧୨ ପ୍ରକାର ଖାଦ୍ୟ ପରଷୁଛନ୍ତି। ଏଠାରେ ଗୁଆ ପତ୍ରରୁ ତିଆରି ପ୍ଲେଟ୍, ଗିନା, ଗ୍ଲାସ ବ୍ୟବହାର କରାଯାଉଛି। ସେ କାଫେ ମାଧ୍ୟମରେ କର୍ମଶାଳା ଆୟୋଜନ କରି ସ୍କୁଲପିଲା ଓ ଯୁବକଙ୍କୁ ମିଲେଟ ପ୍ରସ୍ତୁତ ଖାଦ୍ୟ ତଥା ବର୍ଜ୍ୟ ପରିଚାଳନା ସମ୍ପର୍କରେ ସଚେତନ କରୁଛନ୍ତି। ଏଯାବତ୍ ସେ ୨୦୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଶିକ୍ଷା ଦେଇସାରିଲେଣି। ସିଇଇ କ୍ୟାମ୍ପସ ବ୍ୟତୀତ ଭଗବତ ବିଦ୍ୟାପୀଠ ମନ୍ଦିରରେ ସେ ଦ୍ୱିତୀୟ କାଫେ ଖୋଲିଛନ୍ତି। ନିଷ୍ଠା କୁହନ୍ତି, ଏସବୁ କାଫେ ଏବେସୁଦ୍ଧା ୧.୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ଦୂର କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୬ ଜୁଲାଇ ୧୯୭୬

- ବାଲେଶ୍ୱର ମହିଳା କଲେଜକୁ କୁନ୍ତଳା କୁମାରୀଙ୍କ ନାମରେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଶିକ୍ଷା ବିଭାଗ ଭର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।
- ରାଷ୍ଟ୍ର ବିରୋଧୀ ଷଡ଼ଯନ୍ତ୍ର ଓ ଦୁର୍ନୀତି ଅଭିଯୋଗରେ ଦୁଇ ଜଣ ଉଚ୍ଚପଦସ୍ଥ ସାମରିକ ଅଫିସରଙ୍କ ସମେତ ଇଥିଓପିଆର ମୋଟ ୧୯ ଜଣ ଲୋକଙ୍କୁ ଫାଶୀ ଦଣ୍ଡ।

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମଘଟ ଡାକରା ପୂର୍ବରୁ ସରକାରଙ୍କୁ ସୂଚିତ କରାଯାଉ

ମହାଶୟ,
ଧର୍ମଘଟ ଡାକରା ଦେଉଥିବା ବିଭିନ୍ନ ଦଳ ବା ସଂସ୍ଥା ପକ୍ଷରୁ ସେମାନଙ୍କ ବିଭିନ୍ନ ଦଫା ସମ୍ବଳିତ ଦାବି ପୂରଣ କରିବାକୁ ନେଇ ସରକାରଙ୍କୁ ଆଗୁଆ ସୂଚିତ କରାଇବା ଉଚିତ। ଏହାଦ୍ୱାରା ସରକାର ନିଜ ତରଫରୁ ସତର୍କତାମୂଳକ ପଦକ୍ଷେପ ନେବା ପୂର୍ବକ ସନ୍ତୋଷଜନକ ଆଲୋଚନା ମାଧ୍ୟମରେ ସେମାନଙ୍କ ଦାବିକୁ ସମୀକ୍ଷା କରି ବିଚାରକୁ ନେବାରେ ଅଗ୍ରାଧିକାର ଦେଲେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ବା ଦୈନନ୍ଦିନ ଚଳଣି ପ୍ରଭାବିତ ହୁଅନ୍ତା ନାହିଁ। ଗଣତନ୍ତ୍ର ରାଷ୍ଟ୍ରର ସାମ୍ବିଧାନିକ ମର୍ଯ୍ୟାଦା ଭିତରେ ଧର୍ମଘଟ କରିବାରେ ସ୍ୱତନ୍ତ୍ର ସ୍ଥାନ ଅଛି। ଧର୍ମଘଟ ଜରିଆରେ ଦାବି ଉପସ୍ଥାପନ କରିବା ଯଦିଓ ଯଥାର୍ଥ, ତାହା ପୁଣି ଏପରିହେବା ଉଚିତ ଯେ, ଯେପରି ଭାରତର ସମସ୍ତ ନାଗରିକ ଦୈନନ୍ଦିନ ଚଳଣିରେ ଦୁଃଖ ଯନ୍ତ୍ରଣା ଭୋଗିବେ ନାହିଁ। ଯେଉଁ ଆନ୍ଦୋଳନ,ବିକ୍ଷୋଭ କିମ୍ବା ଧର୍ମଘଟ ନ୍ୟାୟୋଚିତ ନୁହେଁ ଏବଂ ସମଗ୍ର ରାଜ୍ୟ ବା ଦେଶର ସାଧାରଣ ଲୋକଙ୍କ ଜୀବନକୁ ଘୋର ସଙ୍କଟ ଭିତରକୁ ଟାଣିନେଇଥାଏ ସେ ଧର୍ମଘଟର ସଂଜ୍ଞାର ଅର୍ଥ କିଛି ନୁହେଁ। ଦେଶକୁ ଅସ୍ଥିର ମୁଖରୁ ବଞ୍ଚାଇବା ନିମନ୍ତେ ସରକାର ଏଥିପାଇଁ ନୀତିସୁଧାରକ ହେବା ଆବଶ୍ୟକ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଲବଣ ଜୁଆର ଯେବେ ପେଶଇ ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନରାଶି ତୁ ଲୋ
ନିବେଦନ କରୁ କାହା ଚରଣତଳର ?
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପରିବେଶ ସହଯୋଗୀ

## 'ସମ୍ମାନ କର, ଭୟ କରନାହିଁ : ପ୍ରକୃତିର ନୀରବ ମୁରବିଙ୍କୁ ସୁରକ୍ଷା ଦିଅ'

ସାପ କେବଳ ଅନିଷ୍ଟକାରୀ ନୁହେଁ ପରିବେଶର ବନ୍ଧୁ ଆଉ ମଣିଷ ସମାଜ ପାଇଁ ଏହାର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ। ତେଣୁ ଏମାନଙ୍କ ସୁରକ୍ଷା ତଥା ସମୁଚିତ ପରିଚାଳନା ସମ୍ପର୍କରେ ଜାଣିବା ଜରୁରୀ। ସାପ ସମ୍ପର୍କିତ ସଚେତନତା ପାଇଁ ଜୁଲାଇ ୧୬ରେ ପାଳିତ ହୋଇଆସୁଛି 'ବିଶ୍ୱ ସର୍ପ ଦିବସ'। ତେବେ ଚଳିତ ବର୍ଷ ଏହି ଦିବସର ବିଷୟ ବସ୍ତୁ ରହିଛି 'ସମ୍ମାନ କର, ଭୟ କରନାହିଁ : ପ୍ରକୃତିର ନୀରବ ମୁରବିଙ୍କୁ ସୁରକ୍ଷା ଦିଅ'।

ମାନବସମାଜପ୍ରତିସାପ କେତେକାଂଶରେ ବିପଦ ସାଜୁଥିଲେ ହେଁ ସେମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ପରିବେଶ ସନ୍ତୁଳନ ରକ୍ଷା କରିବାରେ ସେମାନଙ୍କର ଭୂମିକା ଉଲ୍ଲେଖନୀୟ। ସେହିପରି ସାପ ବିଷରୁ ଅନେକ ଔଷଧ ମଧ୍ୟ ତିଆରି ହେଉଛି। କିନ୍ତୁ ସାପ ନାଁ ଶୁଣିଲେ ଲୋକଙ୍କ ମନରେ ଛନକା ପଶିଯାଏ। ସାଧାରଣତଃ ସାପ ବିଷଧର ହୋଇଥିବାରୁ ଏହାକୁ ନେଇ ଆବଶ୍ୟକତାଠାରୁ ଅଧିକ ଭୟ ରହିଆସିଛି। ତେଣୁ ସଚେତନତା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଭୟ, ଅନ୍ଧବିଶ୍ୱାସ ଏବଂ ଭ୍ରାନ୍ତଧାରଣାକୁ ଦୂରେଇବା ପାଇଁ ଜୁଲାଇ ୧୬ ତାରିଖରେ 'ବିଶ୍ୱ ସର୍ପ ଦିବସ' ପାଳନ କରାଯାଇଆସୁଛି। ସାପଙ୍କୁ ନେଇ ଲୋକଙ୍କ ମନରେ କାହିଁ କେଉଁ କାଳରୁ ଅନେକ ଅନ୍ଧବିଶ୍ୱାସ ରହିଆସିଛି। ସାପ କାମୁଡ଼ାର ଚିକିତ୍ସା କ୍ଷେତ୍ରରେ ହେଉ ଅବା ସାପକୁ ନେଇ ହେଉ ଭିନ୍ନ ଲୋକଙ୍କର ଭିନ୍ନ ମତ। ଯାହାକି ଧୀରେଧୀରେ ଭ୍ରାନ୍ତଧାରଣା ଜନ୍ମାଉଛି। ଫଳରେ କେତେକ ସ୍ଥାନରେ ଲୋକଙ୍କର ଜୀବନହାନି ହେଉଥିବାବେଳେ ଆଉ କେତେକ ସ୍ଥଳରେ ସାପମାନଙ୍କୁ ମାରି ଦିଆଯାଉଛି। ବିଶେଷକରି ଘରୁ କିମ୍ବା ଆଖପାଖରୁ ସାପଟିଏ ବାହାରିଲେ ତାକୁ ଲୋକେ ବାଡେଇ ବାଡେଇ ମାରି ଦେଉଛନ୍ତି। ତାହା ବିଷଧର ସାପ କି ନୁହେଁ ସେଇଟା ମଧ୍ୟ ଦେଖୁ ନାହାନ୍ତି। ତେଣୁ ସାପକୁ ସୁରକ୍ଷିତ ଭାବେ ଧରିବା ଏବଂ ତାକୁ ନେଇ ସେମାନଙ୍କର ବାସସ୍ଥଳୀରେ ଛାଡିବା ଏକ ମହାନ୍ କାର୍ଯ୍ୟ। ବିଶ୍ୱ ସର୍ପ ଦିବସ ଅବସରରେ ସାପକୁ ଉଦ୍ଧାର କରିବା ତଥା ସେମାନଙ୍କ ସୁରକ୍ଷା ପାଇଁ କାମ କରୁଥିବା କିଛି ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନର କାର୍ଯ୍ୟଧାରାକୁ ନେଇ ଧରିତ୍ରୀର ବିଶେଷ ଉପସ୍ଥାପନା।



### ଓଡ଼ିଶାରେ ଦେଖାଯାଉଥିବା ସାପ

ଓଡ଼ିଶାରେ ସାଧାରଣତଃ ଦେଖାଯାଉଥିବା ସାପଙ୍କ ମଧ୍ୟରେ ନାଗ, ତମ୍ପ, ଚିତି, ରଣା, ଚନ୍ଦନ ବୋଡ଼ା (ରସଲ ଭାଇପର୍), ଧୂଳିଆ ବୋଡ଼ା (ସ' ସ୍କେଲ୍ଡ ଭାଇପର୍), ତାଲୁଆ ବୋଡ଼ା (ବାମ୍ବୋ ପିଟ୍ ଭାଇପର୍), ଅହିରାଜ (କିଙ୍ଗ୍‌କୋବ୍ରା)ଆଦି ବିଷଧର ଅଟନ୍ତି। ସେହିପରି ବିଷହୀନ ସାପଙ୍କ ମଧ୍ୟରେ ଧଣ୍ଡ, ଢମଣା, ମାଟି ବିରାଡ଼ି, ଅଜଗର, କାଣ୍ଡନାଳ, ବାଲିବୋଡ଼ା, ଦୋମୁଣ୍ଡିଆ ଆଦି ରହିଛନ୍ତି। ଏମାନଙ୍କ ବ୍ୟତୀତ ଲାଉ ଡଙ୍କିଆ, ତାଳି ଆଦି କିଛି ସାପ ସ୍ୱଳ୍ପ ବିଷଧାରୀ। ଏମାନେ ଏଣ୍ଡୁଅ, ଝିଟିପିଟି ଏବଂ ଛୋଟଛୋଟ ପକ୍ଷୀମାନଙ୍କ ପାଇଁ ବିଷଧର ଥିବାବେଳେ ମଣିଷଙ୍କ କ୍ଷେତ୍ରରେ ସେତେଟା ବିଷାକ୍ତ ନୁହନ୍ତି।

### ସାପଙ୍କ ସାଥୀ 'ସାଥୀ ପରିବାର'

ସାପଙ୍କ ସୁରକ୍ଷା ପାଇଁ ୨୦୧୮ରୁ କାମ କରି ଆସୁଛି 'ସାଥୀ ପରିବାର'। ଅନୁଗୋଳ ଜିଲାରେ ସାପକାମୁଡା ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବା ଲାଗି ସ୍ନେକ ବାଇଟ୍ ଡେଥ୍ ଫ୍ରି ଡିଷ୍ଟ୍ରିକ୍ଟ ଅନୁଗୋଳ ନାମରେ ଏକ ସଚେତନତା କ୍ୟାମ୍ପେନ ଆରମ୍ଭ କରାଯାଇଥିଲା। ଏବେସୁଦ୍ଧା ୨୦୦ରୁ ଅଧିକ ଗ୍ରାମ, ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହ ଏମାନେ ସାପଙ୍କ ସାଥୀ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ମଧ୍ୟରୁ ୩୦% କେବଳ ସାପକାମୁଡ଼ାରେ ଜୀବନ ଯାଉଛି। ସରକାରୀ ରିପୋର୍ଟ ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରୁ ୯୪୧୯ଜଣ ଲୋକ ସାପକାମୁଡ଼ାରେ ପ୍ରାଣ ହରାଇଛନ୍ତି। ଡାକ୍ତରୀ ଚିକିତ୍ସାରେ ବିଶ୍ୱାସ ନକରି ଗୁଣିଗାରେଡ଼ି ଓ ଝଡ଼ାଫୁଙ୍କା ଭଳି ଅନ୍ଧବିଶ୍ୱାସ ଉପରେ ବିଶ୍ୱାସ କରିବା ଫଳରେ ଏତେ ସଂଖ୍ୟାରେ ସାପକାମୁଡ଼ାରେ ମୃତ୍ୟୁବରଣ କରୁଛନ୍ତି ବୋଲି ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଛନ୍ତି। ଓଡ଼ିଶାରେ ବିଶେଷକରି ଚିତି ଓ ନାଗ ସାପ କାମୁଡ଼ାରେ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ଅଧିକାଂଶ ଲୋକଙ୍କୁ ରାତିରେ ଶୋଇବା ଅବସ୍ଥାରେ ଏହି ସାପ କାମୁଡ଼ିଥାନ୍ତି। ଫଳରେ ଶରୀରରେ ବିଷକ୍ରିୟା ଯୋଗୁ ଲୋକର ଜୀବନ ଚାଲିଯାଇଥାଏ। ତେଣୁ ସାପଙ୍କ ପ୍ରତି ସତର୍କ ରହିବା ଆବଶ୍ୟକ। ବିଶେଷକରି ସାପ କାମୁଡ଼ିବା ଜାଣିବା ମାତ୍ରେ ଭୟଭୀତ ନ ହୋଇ ଏବଂ ଆଦୌ ସମୟ ନଷ୍ଟ ନ କରି ଡାକ୍ତରଙ୍କଖାନାକୁ ଯିବା ଆବଶ୍ୟକ। ସେହିପରି ପରିବେଶ ତଥା ଚିକିତ୍ସା ବିଜ୍ଞାନ ପାଇଁ ସାପଙ୍କ ସୁରକ୍ଷା ନିହାତି ଜରୁରୀ। ଏହାକୁ ଗୁରୁତ୍ୱ ଦେଇ ରାଜ୍ୟର ଅନେକ ସ୍ୱେଚ୍ଛାସେବୀ ସର୍ପ ଉଦ୍ଧାର କରିବାକୁ ଆଗେଇ ଆସୁଛନ୍ତି। ତେବେ ଅନେକ ଲୋକ ସାପଙ୍କୁ ଉଦ୍ଧାର କରିବା ନାମରେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସାପ ଓ ସାପ ବିଷ ଚୋରା ଚାଲାଣ କରିବା, ସାପ ସହ ଷ୍ଟଣ୍ଟ କରିବା ଏବଂ ସେଗୁଡ଼ିକର ଭିଡିଓ ଅପ୍‌ଲୋଡ୍ କରି ସୋସିଆଲ ମିଡିଆ ଜରିଆରେ ଅର୍ଥ ଉପାର୍ଜନ କରୁଛନ୍ତି। ତେଣୁ ଏସବୁ କାର୍ଯ୍ୟରୁ ନିବୃତ୍ତ ରହିବା ଆବଶ୍ୟକ। ସେହିପରି ସରକାର ଓ ବନବିଭାଗ ପ୍ରକୃତ ସର୍ପ ଉଦ୍ଧାରକାରୀଙ୍କୁ ଯଥାସମ୍ଭବ ସହଯୋଗ ସହିତ ସେମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ଆବଶ୍ୟକ ବୋଲି ସିଦ୍ଧାର୍ଥ କହିଛନ୍ତି।


ସିଦ୍ଧାର୍ଥ ପ୍ରଧାନ



## ସାପ ଉଦ୍ଧାରରେ ମହିଳା


ସ୍ନେହାଶ୍ରୀ ସୋରେନ୍

ସାଧାରଣତଃ ପୁରୁଷମାନେ ସାପ ଧରିବା କାମ କରୁଥିବାବେଳେ ଏବେ ମହିଳାମାନେ ମଧ୍ୟ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ୨୦୧୧ରେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବାଳିକା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ ସ୍ନେହାଶ୍ରୀ ସୋରେନ୍। ଗ୍ରାମାଞ୍ଚଳ ହୋଇଥିବାରୁ ସ୍କୁଲର ଆଖପାଖ ଅଞ୍ଚଳରେ ଅଧିକାଂଶ ସମୟରେ ସାପ ବାହାରିଥାନ୍ତି। କାମୁଡ଼ିବା ଭୟରେ ପିଲା ତଥା ଅନ୍ୟମାନେ ସାପକୁ ବାଡ଼େଇ ବାଡ଼େଇ ମାରି ଦେଉଥିଲେ। ଯାହାକୁ ଦେଖି ସ୍ନେହାଶ୍ରୀଙ୍କ ମନ ଆନ୍ଦୋଳିତ ହୋଇଥିଲା। ଏହାପରେ ସେ କୌଣସି ତାଲିମ୍ ନ ନେଇ ମଧ୍ୟ ସାପ ଧରିବା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ପାଣି ସାପ, ବିଷ ନ ଥିବା ସାପ ଧରିଥିଲେ। ପରେ ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ଦେଖି ସାପ ଧରିବା କୌଶଳ ଶିଖିଥିଲେ। ଏବେସୁଦ୍ଧା ସେ ୩ହଜାର ସାପ ଧରି ସାରିଲେଣି। ନାଗଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାପ ଧରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କୁ କୌଣସି ସାପ କାମୁଡ଼ି ନାହାନ୍ତି ବୋଲି ସ୍ନେହାଶ୍ରୀ କହିଛନ୍ତି। ସେହିପରି ଆଉଜଣେ ମହିଳା ସାପ ଉଦ୍ଧାରକାରୀ ହେଉଛନ୍ତି ନୀହାରିକା ମହାପାତ୍ର। ଗ୍ରାଜୁଏଶନ୍ ପଢିବା ସମୟରୁ ସେ ସାପ ଧରିବା ଆରମ୍ଭ କରିଥିଲେ। ୯ମ ଶ୍ରେଣୀରେ ପଢ଼ିବା ସମୟରେ ଏକ ବିଷହୀନ ସାପ ତାଙ୍କ ଘରେ ପଶିଥିଲା। ସାପକୁ ଦେଖି ତାଙ୍କ ମା' ତାକୁ ବାଡ଼େଇ ମାରି ଦେଇଥିଲେ। ଏହାକୁ ଦେଖି ନୀହାରିକା ସେତେବେଳେ ବଡ଼ ହେଲେ ସାପଙ୍କ ସୁରକ୍ଷା ପାଇଁ କାମ କରିବେ ବୋଲି ମନସ୍ଥ କରିଥିଲେ। ଏବେସୁଦ୍ଧା ସେ ଶହେରୁ ଊର୍ଦ୍ଧ୍ୱ ସାପଙ୍କୁ ଉଦ୍ଧାର କରି ସାରିଛନ୍ତି। ସେହିପରି ସାପଙ୍କୁ ନେଇ ବିଭିନ୍ନ ସଚେତନ କାର୍ଯ୍ୟ କରୁଥିବା ନୀହାରିକା କହିଛନ୍ତି।


ନୀହାରିକା ମହାପାତ୍ର

ରିପୋର୍ଟ-ବନ୍ଦନା ସେଠୀ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIREMENT
MARKETING EXECUTIVE with Motor Cycle. Any Graduate in Bhubaneswar. One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

REQUIRED
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

রাজ্য

**ରାଜ୍ୟ ଖବର**

## ବିଦ୍ୟୁତ୍ ଆଘାତରେ ମାମୁଁ, ଭଣଜା ମୃତ

### ମାଙ୍କଡ଼ ଗୋଡ଼ାଇବା ହେଲା କାଳ

ଭଦ୍ରକ,୧୫।୭
(ସନାତନ ରାଉତ)

ମାଙ୍କଡ଼ ଗୋଡ଼ାଇବା ହେଲା କାଳ। ମାଙ୍କଡ଼କୁ ଗୋଡ଼ାଉଥିବା ବେଳେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ ଭଣଜା। ତାଙ୍କୁ ବଞ୍ଚାଇବାକୁ ଯାଇଥିଲେ ମାମୁଁ। ବିଦ୍ୟୁତ୍ ତାର ଲାଗି ମାମୁଁ ଭଣଜାଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ନ ୫ଟା ବେଳେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦୈସିଂ ଆଦିବାସୀ ସାହିରେ। ମୃତକ ହେଲେ ନିଧି ମୁଣ୍ଡା(୩୫) ଓ ତାଙ୍କ ଭଣଜା ନବ ମୁଣ୍ଡା(୧୦)।ସୂଚନା ଅନୁଯାୟୀ, ନବ ଗାଁ ମୁଣ୍ଡରେ ଏକ ମାଙ୍କଡ଼କୁ ଗୋଡ଼ାଉଥିବା ବେଳେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସଂଜ୍ଞାହୀନ ହୋଇ ତଳେ ପଡ଼ି ଯାଇଥିଲେ। ଏହା ଦେଖି ନିଧି ଭଣଜାଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିବା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ କାଟି ଉଭୟଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୋଡ଼ାଇବା ବେଳେ ମାଙ୍କଡ଼ଟି ଡିଆଁ ମାରିବାରୁ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥାଇପାରେ ବୋଲି କୁହାଯାଉଛି। ତେବେ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ କ୍ଷତିପୂରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବଜ୍ରପାତରେ ଚାଷୀ ମୃତ

ସୁନ୍ଦରଗଡ,୧୫।୭
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତଳସରା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀହେଲେ ଭଜମନ କାଲୋ(୫୦)। ତଳସରା ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭଜମନ ଚାଷ କାମ ସାରି ତାଙ୍କ ସାଥୀମାନଙ୍କ ସହ ବିଲରେ ଗୋରୁ ଚରାଉଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ସେଠାରେ ସେ ଟଳି ପଡିଥିଲେ। ଅନ୍ୟମାନେ ଏଥିରୁ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଭଜମନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇପଡିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| ସହସମ୍ପାଦକ | ▸ ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ▸ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ▸ ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। | ଭୁବନେଶ୍ୱର |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

WANTED
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789

WANTED
Honest, Responsible, Home Worker for house. Salary as per Experience. Free Room Utilities, must speak Hindi, English and Odia. Immediate joining in Bhubaneswar.
Send Biodata To : 9438128790

JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

DISTRICT PROJECT OFFICE
SAMAGRA SIKSHYA, SUNDARGARH, ODISHA
Infront of B.S. High School, At/Po/Dist.Sundargarh, Pin-770001
Email-dpcsndgssa.opepa@nic.in Phone No.-06622-273718
No.2143/GE/Date 15.07.25
NOTIFICATION
It is hereby informed to all concerned that in pursuance to the advertisement no. 1757 Dated 11.06.2025 Published in "The Sambad" and "The Samaja" the Draft merit list of all candidates and rejected list who had applied for engagement of staff in different KGBVs of Sundargarh District has been uploaded in the Sundargarh website http://www.sundargarh.odisha.gov.in. The objection if any, the last date of filling of objection is on or before 22.07.2025 in the office of Samagra Shikshya, District Project Office, Sundargarh through DPC Office mail dpcsndgssa.opepa@nic.in or by hand. The objection will not be accepted after 22.07.2025.
Sd./- DEO-cum-DPC, SS,Sundargarh

ଦ.ପୂ. ରେଳପଥ – ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଏସ୍-ବିଏନ୍‌ଡିଏମ୍-୦୨-୨୦୨୫-୨୬, ତାରିଖ: ୧୪।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଟିଆର୍‌ଏସ୍), ବଣ୍ଡମୁଣ୍ଡା, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ବର୍ଣ୍ଣନା: ତିନି ଫେଜ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ କ୍ୟାବ୍‌ଗୁଡ଼ିକର ଥର୍ମାଲ୍ ଇନ୍‌ସୁଲେସନ୍‌ର ବ୍ୟବସ୍ଥା ସହ କ୍ୟାବ୍‌ଗୁଡ଼ିକରେ ଏୟାର କଣ୍ଡିସନିଂର ରେଟ୍ରୋ ଫିଟ୍‌ମେଣ୍ଟ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୧,୨୭,୦୫,୮୭୦/-। ଅମାନତ ରାଶି: ₹୨,୧୩,୬୦୦/- । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୬।୦୮।୨୦୨୫ରିଖ ୧୭.୦୦ ଘଟିକାରେ । ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟରେ ଉପଲବ୍ଧ ହେବ । (PR-397)

OFFICE OF THE PRINCIPAL
PARJANG MAHAVIDYALAYA, PARJANG
DIST-DHENKANAL-759120
Email ID-parjangmahavidyalaya@yahoo.com
Website: parjangmahavidyalaya.org
QUOTATION CALL NOTICE
Sealed quotations are invited from reputed firms/suppliers/ authorized dealers having valid GST registration and PAN/TIN for supply and installation of IT equipments at the College premises as per Letter No. HE-IT-UC-0001-2025: 12655 Dt. 05.03.2025 of FA cum Special Secretary to Govt. Department of Higher Education, Govt. of Odisha, Bhubaneswar. Interested parties are requested to submit their quotations to the undersigned on or before 22/07/2025 by 05 PM positively. The quotation will be opened on 24/07/2025 in the College office at 11.00 A.M. The details specification is available in the College website.
The authority reserves the right to reject/cancel the quotation without assigning any reason thereof.
Sd/-Principal, Parjang Mahavidyalaya, Parjang

DISTRICT PROJECT OFFICE
SAMAGRA SIKSHYA, SUNDARGARH
Email Id: dpcsngssa@nic.in
No.2154/IED/2025 Dated.15.07.2025
NOTICE INVITING TENDER
Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT clearance alongwith registration of firm etc. for supply of equipment for saksham Resource centre of PM Shri Schools. The detailed bid documents can be downloaded from district website i.e. www.sundargarh.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/suppliers/manufacturer may download bid document from the above website and apply accordingly on or before 01.08.25 by 5 PM through regd/speed post only. The tender will be opened on dt.02.08.25 at 10.30 at Collectorate Sundargarh. Corrigendum/addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/ modify or cancel part or whole tender without assigning any reason thereof.
By Order of Collector-cum-Chairperson SS, Sundargarh
Sd./- DEO & DPC, SS, Sundargarh

JHARKHAND BIJLI VITRAN NIGAM LIMITED
(CIN: U40108JH2013SGC001702)
Regd. Office:- Engineering Building, HEC, Dhurwa, Ranchi–834004.
fax # 0651-2400483 e-mail : cesp.jseb@rediffmail.com/gmsp.jbvnl@rediffmail.com
Notice inviting tender for procurement through rate contract
JBVNL invites online e-tender from reputed, technically experienced and financially sound manufacturers/ authorized supplier only for supply of following Material through rate contract :-

| Sr | NIT/Tender notice No. and description of item | Tender fee | Date of publication of tender on website | Document download start date & time | Online Bid Submission start date | Online Bid Submission end date | Technical bid opening date and time |
|---|---|---|---|---|---|---|---|
| 1 | 103/PR/JBVNL/2025-26 ISI marked Three phase PVC insulated copper service cable 4C x 16 sq.mm armoured | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |
| 2 | 104/PR/JBVNL/2025-26 ISI marked, Al. Power cable XLPE insulated 1C x 240 sq.mm (un-armoured), 1C x 120 sq.mm (un-armoured) for DT meter and 1C x 400 sq.mm XLPE insulated Al. cable (un-armoured) | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |
| 3 | 105/PR/JBVNL/2025-26 33 KV Metering unit of different ratio | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |

NOTE:-(i) Only e-tenders will be accepted. Further details can be seen on website http:jharkhand tenders.gov.in and may be contacted on Mobile No. 9431135523/ 9430348596, NIC help line No. 0651-2400178
(ii) Tender fee & EMD must be paid through online mode.
(iii) Tender fee is non-refundable.
स्वहित एवं राष्ट्रहित में ऊर्जा बचायें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।
Sd/- Dy. General Manager (P) JBVNL
PR.NO.357373 Jharkhand Bijlee Vitran Nigam Ltd(25-26):D

URGENTLY REQUIRED FOR OUR VACANT POSITIONS
WE ARE ONE OF THE LEADING OUTDOOR ADVERTISING AGENCY IN ODISHA REQUIRE EXPERIENCE PERSONS AS PER THE FOLLOWINGS FOR BHUBANESWAR LOCATION, INTERESTED CANDIDATES MAY APPLY/SEND THEIR CV "TEAMINHOUSE2022@GMAIL.COM" MAXIMUM WITHIN 7 DAYS FROM THE DATE OF ADVERTISEMENT.
FOR ANY QUERIES CONTACT - 7327932208
1. SR. MARKETING EXECUTIVE - (1 No.)
GRADUATE/ MBA, MINIMUM 5-7 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE AND FEMALE CANDIDATE CAN APPLY). OWN CONVEYANCE MUST.
- SALARY- 18,000 - 20,000 (FUEL & MOBILE COST EXTRA).
- SALARY CAN BE ENHANCED MARGINALLY IF FOUND EXCEPTIONAL
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.
2. MARKETING EXECUTIVE - (3 Nos.)
GRADUATE, MINIMUM 3-4 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE & FEMALE CANDIDATES CAN APPLY) OWN CONVEYANCE MUST.
- SALARY- 12,000 -15,000 (FUEL & MOBILE COST EXTRA)
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.
3. FIELD SUPERVISOR - (3 Nos.)
GRADUATE, MINIMUM 5 YRS. EXPERIENCE, PREFERABLY OUTDOOR FIELD WITH COMPUTER KNOWLEDGE, OWN CONVEYANCE MUST. ONLY MALE CANDIDATES CAN APPLY.
SALARY- 11,000 - 13,000 (FUEL & MOBILE COST EXTRA).
4. FIELD ELECTRICIAN - (3 Nos.)
MATRIC/ ITI, 2-3 YRS. EXPERIENCE, PREFERABLY OUTDOOR FIELD AND OWN CONVEYANCE MUST. PREFERABLY MALE CANDIDATES.
SALARY- 10,000 - 12,000 PM.
"SALARY SLIGHTLY NEGOTIABLE IN CASE OF EXPERIENCE CANDIDATURE"
TEAM ADMARK PVT. LTD.
99/A, SAHID NAGAR, OPP INCOME TAX OFFICE, 1ST LANE, FACING NH, BHUBANESWAR - 751007 || Call/Whats App- 7327932208

# ରାଜେନ୍ଦ୍ର ହେଲେ କେନ୍ଦୁଝର ଜିଲା ପର୍ଯ୍ୟବେକ୍ଷକ

**ଭଦ୍ରକ,୧୫।୭(ସନାତନ ରାଉତ/ରବିନାରାୟଣ ଖ୍ୱଲାର)**

ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଯେନାଙ୍କୁ କେନ୍ଦୁଝର ଜିଲା ପର୍ଯ୍ୟବେକ୍ଷକ ଭାବେ ସୋମବାର ନିଯୁକ୍ତି ଦିଆଯାଇଛି। ଭଦ୍ରକ ଜିଲାର ଦଳିତ ନେତା ରାଜେନ୍ଦ୍ରଙ୍କୁ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଥିଲା। ଏହି ନିଯୁକ୍ତି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ, ପିସିସି ଅନୁସୂଚିତ ଜାତି ବିଭାଗ ରାଜ୍ୟ ସଭାପତି ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ରାଜ୍ୟ ନେତୃବୃନ୍ଦଙ୍କୁ ରାଜେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଯେଉଁ ଗୁରୁଦାୟିତ୍ୱ ଦିଆଯାଇଛି, ତାହାକୁ ସୁଚାରୁରୂପେ ତୁଲାଇବା ସହ ଦଳକୁ ମଜଭୁତ କରିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ରାଜେନ୍ଦ୍ର କହିଛନ୍ତି।

# ୩ ଘଣ୍ଟା ରେଳରୋକୋ ଆନ୍ଦୋଳନ

**ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବି**

**ଚାନ୍ଦବାଲି,୧୫।୭(କିଷାନ ପାତ୍ର)**

ବିଭିନ୍ନ ଦାବି ନେଇ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ଓ ରାଷ୍ଟ୍ରୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ମଙ୍ଗଳବାର ମିଳିତ ଭାବେ ୩ଘଣ୍ଟା ରେଳରୋକୋ କରାଯାଇଛି। ଭଦ୍ରକ-ଧାମରା ରେଳପଥରେ ଜନ୍ତୁଆଳି ଛକ ନିକଟରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ଯାଏ ରେଳରୋକୋ କରାଯାଇଥିଲା। ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଧାମରା ବନ୍ଦରରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ, ରେଳପଥ ପାଇଁ ଜମି ଓ ଘର ହରାଇଥିବା ଲୋକଙ୍କ ପୁଅ ଝିଅଙ୍କୁ ବନ୍ଦରରେ ନିଯୁକ୍ତି,




ଧାମରା ରେଳପଥର ଜନ୍ତୁଆଳିଠାରେ ରେଳରୋକୋ କରାଯାଇଛି।

ଧାମରା-ଭଦ୍ରକ ୨ୟ ଓ ୩ୟ ରେଳପଥ ନିର୍ମାଣରେ କାର୍ଯ୍ୟରତ କ୍ଷୁଦ୍ର ଠିକାଦାରଙ୍କ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ, ଧାମରା ବନ୍ଦରରେ କାର୍ଯରତ ଶ୍ରମିକମାନଙ୍କୁ ଶୋଷଣ ବନ୍ଦ କରାଯିବା ଆଦି ଦାବି ରହିଛି।

ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତିର ସଭାପତି ବିକାଶ ନାଥ, ସମ୍ପାଦକ ହାକିମ ଦାସ, ରାଷ୍ଟ୍ରୀୟ ଦଳିତ ଆଦିବାସୀ ମହାସଂଘର ରାଜ୍ୟ ସମ୍ପାଦକ ଅଞ୍ଜନ ଦାସ, ରେଳ ସଂଗ୍ରାମ ସମିତି ଉପଦେଷ୍ଟା ମଳୟ ଭୋଇ, ସୁଶାନ୍ତ ଜେନା, ଗଦାଧର ପଣ୍ଡା, ସିପିଏମ୍‌ର ଚାନ୍ଦବାଲି ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଯେନା, ଓଡ଼ିଶା କ୍ଷୁଦ୍ର ଠିକାଦାର ସଂଘର ଭଦ୍ରକ ଜିଲା ସମ୍ପାଦକ ଅନୀଲ ରାଉତ, ସିପିଏମ୍ ନେତା ଗଦାଧର ମଲ୍ଲିକ, ମହିଳା ନେତ୍ରୀ ଶୁଭ୍ରା ରାଉତ, ଚାଷୀ ନେତା ମାଗୁଣି ସିଂ, ବିସ୍ଥାପିତ ଅମୂଲ୍ୟ ଦାସ, ଅଚ୍ୟୁତାନନ୍ଦ ଦାସ, ଚାଷୀ ବଂଶୀଧର ମାହୁନ୍ତ, ଯଦୁମଣି ମହାଳିକ, ରବୀନ୍ଦ୍ର ବଳ, ଯୁବନେତା ପ୍ରଦୀପ ମହାଳିକ, ରମାକାନ୍ତ ଦାସ, ଛାତ୍ର ନେତା ରଞ୍ଜନ ସିଂ, ମହିଳା ନେତ୍ରୀ ମାମି ସିଂ ପ୍ରମୁଖ ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବିରେ ଆସନ୍ତା ସେପ୍ଟେମ୍ବର ୧୧ରେ ଭଦ୍ରକ-ଧାମରା ରେଳପଥର ଧାମରା, ଜନ୍ତୁଆଳି, ବଳସାହି, ଇଛାପୁର ଓ ଭଦ୍ରକଠାରେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

# 'ନିଯୁକ୍ତି ପାଇଁ ଦକ୍ଷ ହେବା ଆବଶ୍ୟକ'




ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

**ଭଦ୍ରକ,୧୫।୭(ସନାତନ ରାଉତ)**

ଭଦ୍ରକ ରାଣୀତାଳସ୍ଥିତ ହାଇଟେକ୍ ଇଞ୍ଜିନିୟରିଂ କଲେଜର ସ୍କିଲ କନେକ୍ଟ ଦକ୍ଷତା ବିକାଶ କେନ୍ଦ୍ରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଯୁବପିଢ଼ିଙ୍କୁ ଦକ୍ଷତା ଅଧିଗ୍ରହଣର ଆବଶ୍ୟକତା ରହିଛି। ନିଯୁକ୍ତି ପାଇବା ପାଇଁ ଦକ୍ଷ ହେବା ଆବଶ୍ୟକ। ବିଶେଷକରି ଡିଜିଟାଲ ଦକ୍ଷତା ହାସଲ କଲେ ଦେଶ ଗଢ଼ିବାରେ ସହଭାଗିତା ହୋଇପାରିବା ବୋଲି ଛାତ୍ରୀଛାତ୍ରଙ୍କୁ ସେ ଆହ୍ୱାନ ଦେଇଥିଲେ। ଜିଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଅନୀତା ନାୟକ ଓଡ଼ିଶା ସରକାର ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଯୁବତୀଯୁବକଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। କଲେଜ ଅଧକ୍ଷ ଶାଶ୍ୱତ କୁମାର ପଟ୍ଟନାୟକ ମୋବାଇଲ ସଜାଡ଼ିବା, ଡିଟିପି ଜନସେବା କେନ୍ଦ୍ର, ହୋଟେଲ ମ୍ୟାନେଜମେଣ୍ଟ ମାଧ୍ୟମରେ ଆତ୍ମନିର୍ଭର ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କୌଶଳ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# 'ଛାତ୍ରୀ, ମହିଳାଙ୍କ ଜୀବନ ସମ୍ପୂର୍ଣ୍ଣ ଅସୁରକ୍ଷିତ'

**ବାସୁଦେବପୁର,୧୫।୭(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)**

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ନାରୀ ନିର୍ଯାତନା ବୃଦ୍ଧି ପାଇଛି। ଛାତ୍ରୀ, ମହିଳାମାନଙ୍କ ଜୀବନ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ। ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ପ୍ରତିଦିନ ଛାତ୍ରୀ, ମହିଳାଙ୍କ ଜୀବନ ଯାଉଛି। ବାଲେଶ୍ୱର ଏଫ୍‌ଏମ୍ କଲେଜର ଛାତ୍ରୀ ନିର୍ଯାତନା ସମ୍ପର୍କରେ ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ ନ କରିବାରୁ ସେ ନିରାଶ ହୋଇ ନିଜ ଦେହରେ ନିଆଁ ଲଗାଇ ଜୀବନ ହାରିଲେ। ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଦାବି କରିଛନ୍ତି। ମଙ୍ଗଳବାର ଅପରାହ୍ନ ୧ଟାରେ ବାସୁଦେବପୁର ପୌରପାଳିକାର ନିଉଇଣ୍ଡିଆସାହିସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଏହି ଦାବି କରିବା ସହ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରାକୁ ସବୁସ୍ତରରୁ ସମର୍ଥନ ପାଇଁ ସେ ନିବେଦନ କରିଛନ୍ତି। କଂଗ୍ରେସ ନେତା ଅମିୟ ମହାପାତ୍ର, ସରପଞ୍ଚ ସୁବାସ ସନ୍ଧିବିଗ୍ରହ, ତିହିଡ଼ି ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ପ୍ରଭାତ ବାରିକ, କର୍ମୀ ନିରଞ୍ଜନ ପଲେଇ, ସୁବ୍ରତ ବେହୁରା, ମଞ୍ଜୁଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ବିଧାୟକ ଅଶୋକ କୁମାର ଦାସଙ୍କ ସହ କଂଗ୍ରେସ ନେତା।

# ଅଙ୍ଗନୱାଡି କେନ୍ଦ୍ର ସ୍ଥାନ ନିରୂପଣ ନେଇ ବିବାଦ



ତିହିଡ଼ି ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଓରାଳି ଗ୍ରାମର ଅଭିଭାବକ ଓ ଗ୍ରାମବାସୀ।

**ତିହିଡ଼ି,୧୫।୭(ସଞ୍ଜିତ ବଳ)**

■ବିଡିଓ, ସିଡିପିଓଙ୍କୁ ଭେଟିଲେ ଅଭିଭାବକ
■୬ ବର୍ଷ ହେଲା ବିନିଯୋଗ ହୋଇପାରୁନି ଅନୁଦାନ

ତିହିଡ଼ି ବ୍ଲକର ବୋଡ଼କ ପଞ୍ଚାୟତ ଅଧୀନ ଓରାଳି ହଟନଗର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ନିରୂପଣକୁ ନେଇ ଗତ କିଛିବର୍ଷ ହେଲା ଲାଗି ରହିଥିବା ବିବାଦ ଶେଷରେ ଥାନାରେ ପହଞ୍ଚିଛି। ଅଙ୍ଗନୱାଡି କର୍ମୀ ସୋମବାର ଗ୍ରାମର ଜଣେ ଯୁବକଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ ଓରାଳି ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଅଭିଭାବକ ଓ ଗ୍ରାମବାସୀ ମଙ୍ଗଳବାର ଥାନାରେ ପହଞ୍ଚି କେନ୍ଦ୍ରର କର୍ମୀଙ୍କ ନାଁରେ ପାଲଟା ଅଭିଯୋଗ କରିଛନ୍ତି। ଏଥିସହ ସେମାନେ ବିଡିଓ ଏବଂ ସିଡିପିଓଙ୍କୁ ଭେଟି ଗ୍ରାମର ମଧ୍ୟସ୍ଥଳରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

ଓରାଳିହଟନଗର ଅଙ୍ଗନୱାଡି କେନ୍ଦ୍ରର ଗୃହ ନ ଥିବାରୁ ଏହା ଏକ କମ୍ୟୁନିଟି ସେଣ୍ଟରରେ ଚାଲିଛି। କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୭ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ସ୍ଥାନ ନିରୂପଣକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଫଳରେ କେନ୍ଦ୍ର ପାଇଁ ସରକାରୀ ଜମି ଚୟନରେ ବିଳମ୍ବ ଘଟି ଅନୁଦାନ ଅର୍ଥ ବିନିଯୋଗ ହୋଇନପାରି ନ ଥିଲା। ଗତ ୭ ତାରିଖରେ ଅଙ୍ଗନୱାଡି ସୁପରଭାଇଜର ପଦ୍ମାଳୟା ମହାନ୍ତି, ରାଜସ୍ୱ ନିରୀକ୍ଷକ ସରୋଜ ଜେନା କ୍ଷେତ୍ର ପରିଦର୍ଶନ କରି ଗ୍ରାମର ଶେଷ ଭାଗରେ ଥିବା ସରକାରୀ ଜାଗାକୁ କେନ୍ଦ୍ର ନିର୍ମାଣ ପାଇଁ ଚୟନ କରିଥିଲେ। ଏହା ଜାଣିବା ପରେ ଗ୍ରାମର କେତେଜଣ ଅଭିଭାବକ ଓ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ପାଇଁ ନିରୂପିତ ଜାଗା ଗ୍ରାମ ଠାରୁ ୧ କି.ମି. ଦୂରରେ ହୋଇଥିବାରୁ ଶିଶୁ ଓ ଗର୍ଭବତୀଙ୍କ ପାଇଁ ସମସ୍ୟା ହେବ ବୋଲି ସେମାନେ ଦର୍ଶାଇଛନ୍ତି। ଏହାବ୍ୟତୀତ ସେହି ଜାଗା ରେବ ନଦୀର ନିକଟବର୍ତ୍ତୀ ହୋଇଥିବାରୁ କୁମ୍ଭୀର ଭୟ ରହିଛି। ଏଣୁ ସେହି ସ୍ଥାନ ଶିଶୁମାନଙ୍କ ପାଇଁ ଆଦୌ ନିରାପଦ ନୁହେଁ। ସେହି ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେଲେ ସେମାନେ ପିଲାମାନଙ୍କୁ କେନ୍ଦ୍ରକୁ ପଠାଇବେ ନାହିଁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ କେନ୍ଦ୍ରର କର୍ମୀ ଗ୍ରାମର ଜଣେ ଯୁବକଙ୍କ ନାଁରେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଯୁବକ ଜଣକ ତାଙ୍କ ଖାତାରେ ଗାର ପକାଇ କଟାକଟି କରିବା ସହ ତାଙ୍କୁ ଦୁର୍ବ୍ୟବହାର କରିଥିବା ସେ ଦର୍ଶାଇଛନ୍ତି। ଏହା ଜାଣିବା ପରେ ଗ୍ରାମର ସୋନାଲି ରାଉତ, ଜୟନ୍ତୀ ପାତ୍ର, ମିନାକ୍ଷୀ ପାତ୍ର, ତିଲୋତ୍ତମା ପାତ୍ର, ମମତା ସ୍ୱାଇଁ, ବିମଳା ରାଉତ, ସଂଘମିତ୍ରା ରାଉତ ପ୍ରମୁଖ ଅଭିଭାବକ ଓ ଗ୍ରାମବାସୀ ଆଇଆଇସି ସତ୍ୟବ୍ରତ ଗ୍ରହଚାର୍ଯ୍ୟଙ୍କୁ ଭେଟି ପାଲଟା ଅଭିଯୋଗ କରିଛନ୍ତି। କର୍ମୀଙ୍କ ଅଭିଯୋଗ ମିଥ୍ୟା ଏବଂ ସେ ତାଙ୍କ ଘର ପାଖରେ କେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରୁଥିବା ସେମାନେ ଦର୍ଶାଇଛନ୍ତି। ଏହା ପୂର୍ବରୁ ସେମାନେ ବିଡିଓ ନିରଞ୍ଜନ ବାରିକ ଓ ସିଡିପିଓ ବାସନ୍ତୀ ନାଏକଙ୍କୁ ମଧ୍ୟ ଭେଟିଥିଲେ। ତେବେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏ ସମ୍ପର୍କରେ ସିଡିପିଓ ନାଏକଙ୍କୁ ପଚାରିବାରୁ ତହସିଲଦାର ଅଙ୍ଗନୱାଡି କେନ୍ଦ୍ର ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବା ପରେ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ନୟନଯୋରୀରୁ ମିଳିଲା ଯୁବକଙ୍କ ମୃତଦେହ

**ବାସୁଦେବପୁର,୧୫।୭(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବ୍ଲକର ବିରସରୁ ରାଜଘରପୋଖରୀକୁ ସଂଯୋଗ କରୁଥିବା ରାସ୍ତାର ବିରସ ଗ୍ରାମ ନିକଟରେ ନୟନଯୋରୀରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ମିଳିଛି। ମୃତକ ହେଲେ କଷିଆ ସାମୁଦ୍ରିକ ଥାନା ଅଧୀନ ବିନୋବାଭାବେ ନଗର ପଞ୍ଚାୟତ ସୁନାମୁହିଁ ଗ୍ରାମର ତିନିଶହଘେରି ସାହିର ରବୀନ୍ଦ୍ର ଗିରି(୩୦)। ସୂଚନା ଅନୁଯାୟୀ, ରବୀନ୍ଦ୍ର ସୋମବାର ରାତିରେ ବିରସ-ରାଜଘରପୋଖରୀ ରାସ୍ତାର ଆଡ଼ିଆବାଙ୍କଠାରେ ଭାରସାମ୍ୟ ହରାଇ ଏକ ଦୁର୍ଘଟଣାରେ ବାଇକ୍ ସହ ନୟନଯୋରୀକୁ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଷିଆ ସାମୁଦ୍ରିକ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

# ମଦ୍ରାସା ପରିସରରେ ଚାରାରୋପଣ




ସଚେତନତା ପାଇଁ ଅନୁଷ୍ଠିତ ପଦଯାତ୍ରା।

**ଭଦ୍ରକ,୧୫।୭(ସନାତନ ରାଉତ)**

ଭଦ୍ରକ ଆର୍‌ଏମ୍‌ସି ମାର୍କେଟସ୍ଥିତ ଦାୱତେ ଇସଲାମୀ ଇଣ୍ଡିଆ ପକ୍ଷରୁ ମଦ୍ରାସା ଜମିଆତୁଲ ମଦିନା ଫୈଜାନେ କଞ୍ଜୁଲ ଇମାନରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଦ୍ରାସାର ଅଧ୍ୟକ୍ଷ ସୈୟଦ ମକବୁଲ ସାହେବ ଚାରାରୋପଣ ଶୁଭାରମ୍ଭ କରିଥିଲେ। ମଦ୍ରାସାର ଛାତ୍ରମାନେ ପଦଯାତ୍ରାରେ ବାହାରି ପୁରୁଣାବଜାର ଅଞ୍ଚଳରେ ପରିକ୍ରମା କରି ବୃକ୍ଷର ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ପରିବେଶର ସୁରକ୍ଷା ପାଇଁ ପ୍ରତ୍ୟେକ ପରିବାର ଚାରାରୋପଣ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରମାନେ ମଦ୍ରାସା ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରିବା ସହ ଜନସାଧାରଣଙ୍କୁ ମଧ୍ୟ ଚାରା ବାଣ୍ଟିଥିଲେ। ମଦ୍ରାସା ଜମିଆତୁଲ ମଦିନା ଫୈଜାନେ କଞ୍ଜୁଲ ଇମାନର ଶିକ୍ଷକ ଶେଖ୍ ଜାବିର, ସାବିର ଅଓାରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଷଣ୍ଢଙ୍କ ବେକରେ ଲଗାଗଲା 'ରିଫ୍ଲେକ୍ଟିଭ କଲର ବେଲ୍ଟ'

**ଧୁଷୁରୀ,୧୫।୭(ଦୀପ୍ତି ରଞ୍ଜନ ନାୟକ)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠ ଓ ଏହା ସନ୍ନିକଟ ଗାଁରେ ଷଣ୍ଢ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ଷଣ୍ଢଗୁଡ଼ିକ ଆଖଣ୍ଡଳମଣି-ଭଦ୍ରକ, ମଠଡିହ-ଯାଜପୁର ଓ ବିଭିନ୍ନ ଗାଁ ରାସ୍ତାରେ ଯାତାୟାତ କରିବା ସହ ରାତିରେ ଶୋଇଥାନ୍ତି। କଳା ଷଣ୍ଢମାନେ ପିଚୁ ରାସ୍ତାରେ ଶୋଇଥିବା ନେଇ ଗାଡ଼ି ଡ୍ରାଇଭର ଜାଣିବାରେ ସମସ୍ୟା ଉପୁଜେ। ଫଳରେ ଷଣ୍ଢମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଏହି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଓଳଗସ୍ଥିତ ଶାନ୍ତିଲତା ସ୍ମାରକୀ ଏବଂ ଜନକଲ୍ୟାଣ ଟ୍ରଷ୍ଟର ଯୁବକମାନେ ଆରଡ଼ି, ମଠଡିହ, ଓଳଗ, ବୋଡ଼କ ଆଦି ସ୍ଥାନରେ ଷଣ୍ଢମାନଙ୍କ ବେକରେ 'କେତେଲ ରିଫ୍ଲେକ୍ଟିଭ କଲର ବେଲ୍ଟ' ବାନ୍ଧିଛନ୍ତି। ଏହାଦ୍ୱାରା ରାତିରେ ଗାଡ଼ି ଡ୍ରାଇଭର ଦୂରରୁ ଷଣ୍ଢଙ୍କ ବେକରେ ବନ୍ଧା ଯାଇଥିବା ବେଲ୍ଟରେ ଲାଇଟ୍ ପଡ଼ିଲେ ଜାଣିପାରିବେ ଓ ସତର୍କତା ଅବଲମ୍ବନ କରିବେ ବୋଲି ଟ୍ରଷ୍ଟର ଯୁବକମାନେ ପ୍ରକାଶ କରିଛନ୍ତି।

# ବିଶ୍ୱ ଯୁବ ଦକ୍ଷତା ଦିବସ

**ଭଦ୍ରକ, ୧୫।୭ (ରବିନାରାୟଣ ଖ୍ୱଲାର)**

ଭଦ୍ରକ ଜନଶିକ୍ଷଣ ସଂସ୍ଥା ପକ୍ଷରୁ ମଙ୍ଗଳବାର ଅପରାହ୍ନ ୩ଟାରେ ସଦର ବ୍ଲକର କୋଡ଼ବରୁଆଁ ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ସୁଷମା ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ଜିଲା କୌଶଳ ବିକାଶ ଓ କର୍ମନିୟୋଜନ ଅଧିକାରୀ ଅନିତା ନାୟକ, ଲକ୍ଷ୍ମୀପ୍ରିୟା ନାୟକ, କର୍ମନିୟୋଜନ ଅଫିସ୍‌ର କନିଷ୍ଠ ସହାୟକ ବିଭୂତି ଭୂଷଣ ପାଣିଗ୍ରାହୀ ଓ କର୍ମନିୟୋଜନ ଅଧିକାରୀ ଗାୟତ୍ରୀ ଯୋଗ ଦେଇଥିଲେ। ସମସ୍ତେ ଯେକୌଣସି କୌଶଳ ଶିକ୍ଷା ନେଇ ଆତ୍ମନିର୍ଭର ହେବା, ଉଦ୍ୟୋଗପତି ହେବା ଓ ଦେଶର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଆରତି ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ କରାଯାଇଥିଲା। ଜନଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ମିଲୁ କୁମାର ମହାନ୍ତ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଗଜେନ୍ଦ୍ର କୁମାର ସାହୁ, ଆର୍ଥିକ ଅଧିକାରୀ ବିଶ୍ୱନାଥ ବେହେରା ଓ କମ୍ପ୍ୟୁଟର ସହାୟକ ରଶ୍ମୀରଞ୍ଜନ ସାହୁ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ପ୍ରତିବାଦ,ବିକ୍ଷୋଭ




ଭଦ୍ରକ କଲେଜ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଆଗରପଡ଼ା ମୁଖ୍ୟବଜାର ଛକଠାରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି।

**ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା**

**ଭଦ୍ରକ,୧୫।୭(ସନାତନ ରାଉତ)**

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ ଭଦ୍ରକ ଜିଲାର ବିଭିନ୍ନ କଲେଜ ଆଗରେ ପ୍ରତିବାଦ, ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପୂର୍ବାହ୍ନ ୧୧ଟାରେ ଭଦ୍ରକ କଲେଜ ଫାଟକ ଆଗରେ ଛାତ୍ର ବିଜେଡି ପକ୍ଷରୁ ଟାୟାର ଜାଳି ସରକାର ବିରୋଧୀ ନାରାବାଜି କରି ପ୍ରତିବାଦ କରାଯାଇଥିଲା। ଛାତ୍ରୀଙ୍କ ମୃତ୍ୟୁ ପାଇଁ ପ୍ରଶାସନ ଓ ସରକାରକୁ ଦାୟୀ କରି ଛାତ୍ର ବିଜେଡି କର୍ମକର୍ତ୍ତା ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହି ସରକାରରେ ମହିଳା ଓ ଯୁବତୀମାନେ ସୁରକ୍ଷିତ ନୁହନ୍ତି। ଜଣେ ଛାତ୍ରୀଙ୍କୁ ନ୍ୟାୟ ନ ମିଳିବାରୁ ନିରାଶ ହୋଇ ଶେଷରେ ସେ ନିଜକୁ ଜାଳି ଦେଇଛନ୍ତି ବୋଲି ଛାତ୍ର ନେତା ଭାସ୍କର ମହାଳିକ କହିଥିଲେ। ବିକ୍ଷୋଭ ସ୍ଥଳରେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲା।

**ତିହିଡ଼ି,୧୫।୭(ସଞ୍ଜିତ ବଳ):** ତିହିଡ଼ି ବ୍ଲକର ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜ ଫାଟକ ସାମ୍ନାରେ ମଧ୍ୟାହ୍ନରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବାରିକ, ଦିଲୀପ ବିଶ୍ୱାଳ, ମାନସ ପାତ୍ର, କାଳନ୍ଦୀ ଜେନା, ଅବିନାଶ ବଳ, ଗୌରାଙ୍ଗ ବଳ, ଜ୍ୟୋତିପ୍ରକାଶ ବେହେରା, ଦେବସ୍ମିତା ସାମଲ, ପୂଜାରାଣୀ ବିଶ୍ୱାଳ, ଅନସୂୟା ବେହେରା, ଅଙ୍କିତା ବାରିକ, ଦୀପାରାଣୀ ଜେନା, ସୁଭଦ୍ରା ବଳ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ବାସୁଦେବପୁର,୧୫।୭(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ଛାତ୍ର ବିଜେଡି ପକ୍ଷରୁ ସଭାପତି କାଳନ୍ଦୀ ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ଛାତ୍ର ସମାବେଶ ସହ ରାସ୍ତାରୋକୋ କରାଯାଇଥିଲା। ତହସିଲଦାର ପ୍ରିୟବ୍ରତ ଦାସଙ୍କ ମାଧ୍ୟମରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଛାତ୍ର ସଭାପତି କାଳନ୍ଦୀ ସାହୁ, ଶଶୀଭୂଷଣ ବାରିକ, ଚନ୍ଦନ ବାରିକ, ଶିବାଜୀ ଜେନାଙ୍କ ସମେତ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଦସ୍ୟମାନେ ବୃନ୍ଦ ସାମିଲ ଥିଲେ।




ତିହିଡ଼ିର ବିଏନ୍‌ଏମ୍‌ଏ କଲେଜ ସାମ୍ନାରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ବିକ୍ଷୋଭ କରୁଛନ୍ତି।

**ଆଗରପଡ଼ା,୧୫।୭(ସୁଶାନ୍ତ ଦାଶ)**

ଆଗରପଡ଼ା ମୁଖ୍ୟବଜାର ଛକଠାରେ ଥିବା ମହତାବଙ୍କ ପ୍ରତିମୂର୍ତ୍ତି ତଳେ ପୂର୍ବାହ୍ନରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଯେନାଙ୍କ ଅଧ୍ୟକ୍ଷତାରେ ଶତାଧିକ ବିଜେଡି କର୍ମୀ ଏଥିରେ ସାମିଲ ଥିଲେ। ବନ୍ତ ବ୍ଲକ ସଭାପତି ମନୋରଞ୍ଜନ ଘଡ଼େଇ, ରାଜ୍ୟ ବରିଷ୍ଠ ଛାତ୍ର ସଙ୍ଗଠନର ଉପସଭାପତି ଚିନ୍ମୟ ଦାସ, ସତ୍ୟସାଧନ ବେଜ, ଲଲାଟେନ୍ଦୁ ସ୍ୱାଇଁ, ଭବେନ୍ଦ୍ର ସାହୁ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନୀହାର ରଞ୍ଜନ ପଣ୍ଡା, ସରପଞ୍ଚ ପ୍ରତିନିଧି ଦୀପକ ମହାନ୍ତି, ସମିତିସଭ୍ୟଙ୍କ ପ୍ରତିନିଧି ବସନ୍ତ ପତିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

**ଭଣ୍ଡାରିପୋଖରୀ,୧୫।୭(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ଛାତ୍ର ବିଜେଡି ପକ୍ଷରୁ ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ନେତୃତ୍ୱରେ ଭଣ୍ଡାରିପୋଖରୀ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଯୁବନେତା ଉତ୍କଳ କେଶରୀ ମହାନ୍ତି, ଜଗତଜୀବନ ବାରିକ, ବିରେନ୍ଦ୍ର ନାୟକ, ଅବିନାଶ ରାଉତ, ନାଗେଶ୍ୱର ବେହେରା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

**ଧାମନଗର,୧୫।୭(ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଧିଆ)**

ଧାମନଗର ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଏକ ପଥପ୍ରାନ୍ତ ସଭା କରି ପ୍ରତିବାଦ କରାଯାଇଛି। ଧାମନଗରସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ବ୍ଲକ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରି କୁଶପୁତ୍ତଳିକା ଦାହ କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପୂର୍ବତନ ନଗର ସଭାପତି ସୁଶାନ୍ତ କୁମାର ରାଉତ, ଯୁବ ବିଜେଡି ବ୍ଲକ ସଭାପତି ଭାରତ ବିଜୟ ଦଳାଇ, ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ , ଏମ୍.ଡି. ଫକିରୁଦ୍ଦିନ, ପୂର୍ବତନ ଯୁବ ସଭାପତି ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବନ୍ଧୁକ ରଖି ଯୁବକ ଗିରଫ

ପାଟଣା,୧୫।୭(ବୀରକିଶୋର ଦାଶ)

ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଜଣେ ଯୁବକଙ୍କୁ କେନ୍ଦୁଝର ଜିଲା ପାଟଣା ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ଘଟଗାଁ ଥାନା ଅଧୀନ ବରାହଟିପୁରା ଗ୍ରାମର କବିନ୍ଦ୍ର ମୁଣ୍ଡା(୨୫)। ତାଙ୍କଠାରୁ ଏକ ବନ୍ଧୁକ(ଅପୂର୍ଣ୍ଣାଙ୍ଗ) ସହ ବାଇକ୍ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଗତ ୭ ତାରିଖ ରାତିରେ ପାଟଣା ପୋଲିସ ପକ୍ଷରୁ ଏସଆଇ୍ ଲକ୍ଷ୍ମଣ ମାଝୀ, ହାବିଲଦାର ରମେଶ ନାଏକ, କନ୍‌ଷ୍ଟେବଲ ନୀହାର ରଞ୍ଜନ ନାଏକ ୨୨୦ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲେ। ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ସନ୍ଦିଗ୍ଧ ବାଇକ୍‌କୁ ମଙ୍ଗଳପୁର ଛକ ନିକଟରେ ଜଗି ବସିଥିଲେ। ଢେଙ୍କିକୋଟ ଆଡୁ ଆସୁଥିବା ଏକ ପଲ୍ସର ବାଇକ୍‌କୁ ମଙ୍ଗଳପୁର ଛକ ନିକଟରେ ଅଟକାଇବାରୁ ବାଇକ୍ ପୋଲିସ ଗାଡ଼ିକୁ ଓଭରଟେକ କରି ଦ୍ରୁତଗତିରେ ଡୁମୁରିଆ ରାସ୍ତାରେ ପଳାଇ ଯାଉଥିଲା। ଏରେଣ୍ଡେଇ ନିକଟରେ ବାଇକ୍‌ଟି ଖସି ପଡ଼ିବାରୁ ପୋଲିସ କାବୁ କରିଥିଲା। ବାଇକ୍‌ରେ ଥିବା ୨ଜଣଙ୍କ ମଧ୍ୟରୁ ଜଣେ ଦୌଡ଼ି ପଳାଇଥିବା ବେଳେ କବିନ୍ଦ୍ରଙ୍କୁ ପୋଲିସ ଧରିଥିଲା। ସେ ଏକ ଅଖାରେ ଟ୍ରିଗର ନ ଥିବା ବନ୍ଧୁକ ରଖିଥିଲେ। ତେବେ ସେ ଏହାକୁ କେଉଁଠୁ ପାଇଲେ ଓ କେଉଁଠିକୁ ନେଉଥିଲେ, ପୋଲିସ ଆଗରେ ସ୍ୱୀକାର କରିନାହାନ୍ତି। ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବାରେ ବିଳମ୍ବ ହେଲା ବୋଲି ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଛନ୍ତି।

### ଗୋଟିଏ ଦିନରେ ୨ ଅପମୃତ୍ୟୁ ୫ବର୍ଷର ଶିଶୁ, ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାଟଣା, ୧୫।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଭୁଲୁଦା ଗ୍ରାମର ନରହରି ମାଝିଙ୍କ ୫ବର୍ଷର ଝିଅ ମୋନାଲିସା ମାଝିଙ୍କ ମଙ୍ଗଳବାର ସକାଳ ୭ଟାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସେ ଥଣ୍ଡା ଜ୍ୱରରେ ପୀଡ଼ିତ ହେବା ସହ ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ୧୦୮ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ଥାନା ଏସ୍‌ଆଇ କିଶୋର ଚନ୍ଦ୍ର ପାତ୍ର ମେଡିକାଲରେ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ (ନଂ. ୨୦/୨୫) ମାମଲା ରୁଜୁ ହୋଇଛି।ଅନୁରୂପ ଭାବେ ଏହି ଥାନା ରାଇକଳା ଗ୍ରାମର ହେମନ୍ତ ଦେହୁରୀ(୬୫) ଙ୍କ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତୁରୁମୁଙ୍ଗା ଥାନା ଏସ୍‌ଆଇ ସୁରେଶ ସାହୁ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୧୯/୨୫) ରୁଜୁ ହୋଇଛି।

### ଲଗାଣ ବର୍ଷାରେ ଘର ଭୁଶୁଡ଼ି ବାସହୀନ ହୋଇଗଲେ ପରିବାର ଲୋକେ

ପାଟଣା, ୧୫।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକରେ ଲଘୁଚାପଜନିତ ଲଗାଣବର୍ଷା ଫଳରେ ଜନଜୀବନ ବେହାଲ ହୋଇପଡିଛି। ଅବିଶ୍ରାନ୍ତ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳରେ ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି ହେବା ସହ ମଙ୍ଗଳବାର ଭୋରରୁ ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ ନୂଆପଡା ଗ୍ରାମରେ ବିଦ୍ୟାଧର ମହାନ୍ତଙ୍କ ୨ ବଖରା ଟାଇଲ ଓ ଆଜବେଷ୍ଟସ ଘରର କାନ୍ଥ ଭୁଶୁଡିପଡିଛି। କାନ୍ଥ ପଡି ଅସବାବପତ୍ର ନଷ୍ଟ ହେବା ସହ ଧାନ ଚାଉଳ ମଧ୍ୟ ନଷ୍ଟ ହୋଇଯାଇଛି। ବିଦ୍ୟାଧର ଏବେ ବାସହୀନ ହୋଇ ଛୁଆପିଲାଙ୍କୁ ଧରି ଭୋକ ଉପାସରେ ପରଘରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ପକ୍ଷରୁ ବିଦ୍ୟାଧରଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଯୁବ, ଛାତ୍ର କଂଗ୍ରେସର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

କେନ୍ଦୁଝର, ୧୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

### ଏଫ୍‌ଏମ୍ କଲେଜର ମୃତ ଛାତ୍ରୀଙ୍କୁ ନ୍ୟାୟ ଦାବି

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ କେନ୍ଦୁଝର ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ଯୁବ, ଛାତ୍ର ଓ ମହିଳାମାନେ ବିରୋଧୀ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ମୃତ ଛାତ୍ରୀଙ୍କୁ ନ୍ୟାୟ ପାଇଁ ଦାବି କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ୨୫ଲକ୍ଷ ସହାୟତା ପ୍ରଦାନ ସହ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରିବାକୁ କଂଗ୍ରେସ ନେତାମାନେ ଦାବି କରିଛନ୍ତି। ରାଜ୍ୟ କଂଗ୍ରେସ ଆଦିବାସୀ ସେଲ୍ ଅଧକ୍ଷ ଯଶବନ୍ତ ନାରାୟଣ ସିଂ ଲାଗୁରି, ଜିଲା କଂଗ୍ରେସ ସଂଯୋଜକ ସଂଗୀତା ସିଂହ, ପିସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। କଂଗ୍ରେସ ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସସ୍ମିତା ବେହେରା, ସେବତୀ ମହାନ୍ତ, ସୋନାଲି ମାର୍ଣ୍ଡି, ପ୍ରେମଲତା ବେହେରା, କଂଗ୍ରେସ ନେତା ନିର୍ମଳ ନାଏକ, ଲଳିତ ମୋହନ ନାଏକ୍, ରତ୍ନାକର ଜେନା, ଉତ୍ତମ ସାହୁ, ସନ୍ତୋଷ ସାହୁ, ବିକ୍ରମ ଜେନା, ସୁନୀଲ ନାଏକ୍, ରଘୁନାଥ ପାତ୍ର, ସୁଢଳ କୁମାର ସେଠି, ଦିଲୀପ କୁମାର ସାହୁ, ଦିନେଶ ରାଉତ, ଯୁବ ଓ ଛାତ୍ର ନେତା ସୌମ୍ୟ ରଞ୍ଜନ ରାଉତ, ମହମ୍ମଦ ରାଜୁ, ଅମିତ ରାଉତ, ମାନସ ବେହେରା, ଆକାଶ ବେହେରା, ଅଭିନାଶ ଓଝା, ରାହୁଲ ବେହେରା, ଶମ୍ଭୁ ବେହେରା, ଅଭିଜିତ ବେହେରା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ବନ୍ଧ ଭାଙ୍ଗି ଚାଷଜମି ବୁଡ଼ିଲା


ପୁଟୁଳିଆ ଗ୍ରାମରେ ଭାଙ୍ଗିଯାଇଥିବା ବନ୍ଧ।

ପାଟଣା,୧୫।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ବଡ଼ପାଟଣା ପଞ୍ଚାୟତ ପୁଟୁଳିଆ ଗ୍ରାମ ଗହମବନ୍ଧର ହୁଡ଼ା ମଙ୍ଗଳବାର ସନ୍ଧ୍ୟାରେ ବର୍ଷାରେ ଭାଙ୍ଗିଯାଇଛି। ଫଳରେ ଧାନ ତଳି ରୁଆ ଯାଇଥିବା ବହୁ ଚାଷଜମି ବୁଡ଼ିଯାଇଛି। ପୁଟୁଳିଆ ଉପରବେଢ଼ା ଚକର ଲକ୍ଷ୍ମୀ ମହାନ୍ତ, ଭକ୍ତବନ୍ଧୁ ମହାନ୍ତ, ଲୋକନାଥ ମହାନ୍ତ, ପୀତାମ୍ବର ମହାନ୍ତ, ଗୌତମ ମହାନ୍ତ, ସୁକାନ୍ତି ମହାନ୍ତ, ରମେଶ ମହାନ୍ତ, ଭରତ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ଭାଗବତ ମହାନ୍ତ, ଶରତ ମହାନ୍ତ, ମଙ୍ଗଲୁ ମହାନ୍ତ, ବାସୁଦେବ ମହାନ୍ତ, ଲକେଶ ମହାନ୍ତ, ସୁରେଶ ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ଭୀମସେନ ମହାନ୍ତଙ୍କ ୨୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ବନ୍ଧ କାର୍ଯ୍ୟ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି।

## ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନକଲେ ଉପଜିଲାପାଳ

ବଉଳା,୧୫।୭(ଦୁର୍ଗା ପ୍ରସାଦ ଆୟଚ)

ଲଘୁଚାପ ଜନିତ ଲଗାଣ ବର୍ଷା ହେଉଥିବାରୁ ବୈତରଣୀ ନଦୀ ଜଳ ବିପଦ ସଙ୍କେତ ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା, ବିଡିଓ ରଞ୍ଜନ କୁମାର ପରିଡା, ତହସିଲଦାର ଶିବପ୍ରସାଦ ତ୍ରିପାଠୀ ହାଟଡିହି ବ୍ଲକର ହାବଳେଶ୍ୱର, ରତକନା ଓ କରଗୋଳାଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଏହି ସମୟରେ ପିଇଓ ଜିତେନ୍ଦ୍ର ଜେନା, ଶରତ ବେଜ, ହାବଳେଶ୍ୱର ପଞ୍ଚାୟତର ସରପଞ୍ଚ ରମାକାନ୍ତ ନାୟକ ଓ ଗ୍ରାମବାସୀ ଉପସ୍ଥିତ ରହି ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ଉପୁଜିଲେ କିଭଳି ପଦକ୍ଷେପ ନିଆଯାଇପାରିବ ସେ ନେଇ ଆଲୋଚନା କରିଥିଲେ ।


ବାତ୍ୟା ଆଶ୍ରୟସ୍ଥଳୀ ସମ୍ମୁଖରେ ଉପଜିଲାପାଳ ନୀଳମାଧବ ସୁନା ଓ ଅନ୍ୟମାନେ।

## ମୃତ ହାତୀର ଦାନ୍ତ କାଟିନେଲେ

କେନ୍ଦୁଝର,୧୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ବାରହାଦେବତା ବିଟ୍ ଅଧୀନ ସଲେଇକେନା ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ମଙ୍ଗଳବାର ଏକ ହାତୀର ମୃତଦେହ ଠାବ କରିଛି। ଦୁର୍ବୃତ୍ତମାନେ ଉକ୍ତ ହାତୀର ଦାନ୍ତ କାଟିନେଇ ପଳାଇଥିବା ଦେଖିବାକୁ ମିଳିଛି। ସହକାରୀ ବନ ସଂରକ୍ଷକ ଏବଂ ଡାକ୍ତରୀ ଦଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି କହିଛନ୍ତି। ମୃତ ହାତୀ ଠାବରେ ବିଳମ୍ବ ହେବାରୁ କେହି ଦୁର୍ବୃତ୍ତ ସୁଯୋଗ ଦେଖି ଦାନ୍ତ ନେଇ ଯାଇଥିବା ଅନୁମାନ କରାଯାଉଛି। ବନ ବିଭାଗ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ କରୁଥିବା ସୂଚନା ଦେଇଛି। ଜିଲାରେ ଗଜସାଥୀଙ୍କ ପରି ଅଧିକ କର୍ମଚାରୀ ନିୟୋଜିତକରି ହାତୀ ସୁରକ୍ଷା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯିବା ସତ୍ତ୍ୱେ ହାତୀ ମୃତ୍ୟୁ ବୃଦ୍ଧି ପାଉଥିବାରୁ ବନ୍ୟପ୍ରାଣୀ ପ୍ରେମୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ କିଛି ମାସ ହେଲା ତେଲକୋଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଚଳାଇ ଆସୁଛନ୍ତି। ମଣିଷ ଏବଂ ହାତୀ ସଂଘର୍ଷ ବୃଦ୍ଧି ପାଉଛି। ସ୍ଥାନୀୟ ଲୋକେ ସେମାନଙ୍କ ଚାଷଜମି ଓ ଘର ସୁରକ୍ଷା ପାଇଁ ହାତୀକୁ ହତ୍ୟା କରିଥିବା ଆଲୋଚନା ହେଉଛି। ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ଅଭିଯୁକ୍ତମାନଙ୍କୁ ଗିରଫ କରିବା ଏବଂ ଦାନ୍ତ ଜବତ କରିବା ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବା ଉଚିତ। ଏଥିପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

## ନୟନଯୋରିରୁ ମିଳିଲା ଯୁବକଙ୍କ ମୃତଦେହ

ବାସୁଦେବପୁର,୧୫।୭(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ବିରସରୁ ରାଜଘରପୋଖରୀକୁ ସଂଯୋଗ କରୁଥିବା ରାସ୍ତାର ବିରସ ଗ୍ରାମ ନିକଟରେ ନୟନଯୋରିରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ମିଳିଛି। ମୃତକ ହେଲେ କଷିଆ ସାମୁଦ୍ରିକ ଥାନା ଅଧୀନ ବିନୋବାଭାବେ ନଗର ପଞ୍ଚାୟତ ସୁନାମୁହିଁ ଗ୍ରାମର ତିନିଶହଘେରିସାହିର ରବୀନ୍ଦ୍ର ଗିରି(୩୦)।

## 'ଝିଅର ମୃତ୍ୟୁକୁ ନେଇ ରାଜନୀତି କରା ନ ଯାଉ'

ଭୋଗରାଇ, ୧୫।୭ (ପ୍ରଦୀପ ଦାସ)

ମୋ ଝିଅ ସବୁଦିନ ପାଇଁ ଚାଲିଯାଇଛି। ମୁଁ ଓ ମୋ ପରିବାର ଏବେ ଗଭୀର ଭାବେ ଭାଙ୍ଗିପଡିଛୁ, ଯାହାକି ଭାଷାରେ ପରିପ୍ରକାଶ କରିହେବନି। ମୋ ଝିଅ ମୃତ୍ୟୁକୁ ନେଇ ରାଜନୀତି କରା ନ ଯାଉ। ନ୍ୟାୟ ପାଇଁ ଯେଉଁମାନେ ସଂଗ୍ରାମ କରୁଛନ୍ତି ସେମାନଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି।

**–ବଳରାମ ବିଶି, ମୃତ ଛାତ୍ରୀଙ୍କ ପିତା।**

### ଫେରିବ ବୋଲି କହି ଆଉ ଫେରିଲାନି

ବାହୁଡାରେ ଘରକୁ ଆସିଥିଲା। ତାଙ୍କୁ ସାର୍ ନିର୍ଯାତନା ଦେଉଛନ୍ତି ବୋଲି ମନର କଥା ସବୁ ଖୋଲି କହୁଥିଲା। ପାଠପଢ଼ାରେ ମନଦେବ, କଲେଜ ସରିବା ପରେ ଘରକୁ ଫେରିବ ବୋଲି କହିଥିଲା। ହେଲେ ସେ ଆଉ ଘରକୁ ଫେରିଲା ନାହିଁ ।

**–ଛାତ୍ରୀଙ୍କ ଜେଜେମା**

### ଦୋଷୀଙ୍କୁ କୌଣସି ପ୍ରକାରେ ଛଡ଼ାଯିବ ନାହିଁ

ଛାତ୍ରୀଜଣକ ଗତ ୨ ତାରିଖରେ ମୋ ପାଖରେ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମୁଁ ସଙ୍ଗେ ସଙ୍ଗେ କଲେଜ ପ୍ରିନ୍ସିପାଲଙ୍କୁ ଜଣାଇଥିଲି ଏବଂ ଛାତ୍ରୀଙ୍କୁ ଥାନାରେ ଅଭିଯୋଗ କରିବା ନିମନ୍ତେ କହିଥିଲି । ହେଲେ ସେ ହଠାତ୍ ଏମିତି କରିବ ବୋଲି ମୋର ବିଶ୍ୱାସ ନ ଥିଲା। ସେ ମୋ ଝିଅ ଭଳି। ତା'ର ମୃତ୍ୟୁରେ ମୁଁ ମର୍ମାହତ। ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଯିଏ ଦୋଷୀ ତାଙ୍କୁ କୌଣସି ପ୍ରକାରେ ଛଡାଯିବ ନାହିଁ। ତାଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ।

**–ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ**

### ମାନବିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ଛାତ୍ରୀ ମୃତ୍ୟୁ ପାଇଁ ସରକାର ଦାୟୀ। ଭାଜପା ଛାତ୍ର ସଙ୍ଗଠନର ମୃତ ଛାତ୍ରୀ ଜଣେ ଏବିଭିପିର ଆଗଧାଡିର ନେତ୍ରୀ ଥିଲେ। ଯେଉଁଦଳ ତାଙ୍କ ନିଜ ଛାତ୍ର ସଙ୍ଗଠନର ନାରୀକୁ ସୁରକ୍ଷା ଦେଇପାରିଲା ନାହିଁ, ସାଧାରଣ ଛାତ୍ରୀଙ୍କୁ କିପରି ସୁରକ୍ଷା ଦେବ ଓଡ଼ିଶାବାସୀ ତାହା ହୃଦୟଙ୍ଗମ କଲେଣି। ଛାତ୍ରୀ ମୃତ୍ୟୁ ଘଟଣାରେ ସରକାର କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବଡ଼ ମାଛ ଧରାଯାଉନି। ମାନବିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ, ନଚେତ ଓଡ଼ିଶାବାସୀ କ୍ଷମା ଦେବେ ନାହିଁ।

**–ଗୌତମବୁଦ୍ଧ ଦାସ, ବିଧାୟକ ଭୋଗରାଇ**

### ନିରପେକ୍ଷ ତଦନ୍ତ ନ ହେଲେ ଆନ୍ଦୋଳନ ତେଜିବ

ଫକୀର ମୋହନ ମହାବିଦ୍ୟାଳୟକୁ କାଳିମାକ୍ତ କରିଛନ୍ତି କଲେଜ କର୍ତ୍ତୃପକ୍ଷ , ରାଜନେତା ଓ ପୋଲିସ ପ୍ରଶାସନ। ଏଥିପାଇଁ ସେମାନେ ଦାୟୀ। ଛାତ୍ରୀଙ୍କ ପ୍ରତି ମାନସିକ ନିର୍ଯାତନା ସଭ୍ୟ ସମାଜରେ ଘୃଣିତ କାର୍ଯ୍ୟ। ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କୁ କଠୋରରୁ କଠୋର ଶାସ୍ତି ପ୍ରଦାନ ନ କଲେ ସାରା ଓଡ଼ିଶାରେ ଛାତ୍ର ଆନ୍ଦୋଳନ ତୀବ୍ର ହେବ।

**–ହରେକୃଷ୍ଣ ଦାସ, ଡିଏସ୍‌ଓ ଛାତ୍ର ସଙ୍ଗଠନର ଜିଲା ସଭାପତି**

### ଦୋଷୀଙ୍କୁ କଠୋର ଶାସ୍ତି ଦିଆଯାଉ

ବେଟୀ ପଢାଓ, ବେଟୀ ବଚାଓ,ସୁଭଦ୍ରା, ଲକ୍ଷ୍ମୀ ନାରା ଦେଉଥିବା ଡବଲ ଇଞ୍ଜିନ ସରକାର ଶାସନରେ ନାରୀ ଆଜି ଅସୁରକ୍ଷିତ। ସବୁଠି ଭୟର ବାତାବରଣ। ସରକାର ମଦ ମାଦକ ଦ୍ରବ୍ୟର ପ୍ରସାର ଓ ପ୍ରଚାର, ଅଶ୍ଳୀଳତା ଯୋଗୁ ସାଂସ୍କୃତିକ ଅବକ୍ଷୟ ଘଟୁଛି। ଛାତ୍ରୀ ମୃତ୍ୟୁ ଘଟଣାରେ ସମସ୍ତ ଦୋଷୀଙ୍କୁ ଅବିଳମ୍ବେ କଠୋର ଶାସ୍ତି ଦେବା ସହିତ ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ପୁନରାବୃତ୍ତି ନ ହେଉ।

**–ତରଙ୍ଗିଣୀ ଦାସ, ସର୍ବଭାରତୀୟ ମହିଳା ସାଂସ୍କୃତିକ ସଙ୍ଗଠନର ରାଜ୍ୟ ସମ୍ପାଦିକା ମଣ୍ଡଳୀ ସଦସ୍ୟ**

### ଅମାନବୀୟ ଘଟଣାରେ ଗଭୀର ମର୍ମାହତ

ନ୍ୟାୟ ନ ପାଇ ଜୀବନ ହାରିଛନ୍ତି ମେଧାବୀ ଛାତ୍ରୀ। ବହୁ ସ୍ୱପ୍ନ ଥିଲା ଭଲ ଶିକ୍ଷୟିତ୍ରୀ ହେବା ପାଇଁ। ହେଲେ କଲେଜ କର୍ତ୍ତୃପକ୍ଷ, ରାଜନେତା, ପୋଲିସ, ପ୍ରଶାସନ କେହି ବି ଛାତ୍ରୀଙ୍କ ଗୁହାରି ଶୁଣିଲେ ନାହିଁ। ଶେଷରେ ନ୍ୟାୟ ନ ପାଇ ଜୀବନ ହାରିଲେ। ଏଭଳି ଅମାନବୀୟ ଘଟଣା ସମସ୍ତଙ୍କୁ ଗଭୀର ଭାବେ ମର୍ମାହତ କରିଛି। ଦୋଷୀଙ୍କୁ ଦଣ୍ଡ ଦେବା ସହ ରାଜ୍ୟ ସରକାର ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ନଚେତ୍ ବୃହତ୍ତର ଆନ୍ଦୋଳନ ହେବ।

**–ସନ୍ତୋଷ କୁମାର ଜେନା, କଂଗ୍ରେସ ନେତା**

## ଷଣ୍ଢଙ୍କ ବେକରେ ଲଗାଗଲା 'ରିଫ୍ଲେକ୍ଟିଭ କଲର ବେଲ୍ଟ'

ଧୁଷୁରୀ,୧୫।୭(ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠ ଓ ଏହା ସନ୍ନିକଟ ଗାଁରେ ଷଣ୍ଢ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କଳା ଷଣ୍ଢମାନେ ପିଚୁ ରାସ୍ତାରେ ଶୋଇଥିବା ନେଇ ଗାଡ଼ି ଡ୍ରାଇଭର ଜାଣିବାରେ ସମସ୍ୟା ଉପୁଜେ। ଫଳରେ ଷଣ୍ଢମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଏହି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଓଳଗସ୍ଥିତ ଶାନ୍ତିଲତା ସ୍ମାରକୀ ଏବଂ ଜନକଲ୍ୟାଣ ଟ୍ରଷ୍ଟର ଯୁବକମାନେ ଆରଡ଼ି, ମଠଡିହ, ଓଳଗ, ବୋଢ଼କ ଆଦି ସ୍ଥାନରେ ଷଣ୍ଢମାନଙ୍କ ବେକରେ 'କେଟେଲ ରିଫ୍ଲେକ୍ଟିଭ କଲର ବେଲ୍ଟ' ବାନ୍ଧିଛନ୍ତି।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବଡ଼ବିଲ,୧୫।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ରୁଙ୍ଗଟା କଲୋନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାଡ଼ମାରି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ତଥା ଆସିଷ୍ଟାଣ୍ଟ ମ୍ୟାନେଜର ନୀଲ ପ୍ରସାଦ ଶର୍ମାଙ୍କୁ ଗିରଫ ପରେ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ରୁଙ୍ଗଟା କଲୋନୀର ଇ୩/୬ଇ କ୍ୱାର୍ଟର୍ସରେ କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ନୀଲ ପ୍ରସାଦ ଶର୍ମା, ସ୍ତ୍ରୀ ନିର୍ମଳା ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ପୁଅ ରହୁଥିଲେ। ବଡ଼ ଝିଅ ଭୁବନେଶ୍ୱରରେ ଉଚ୍ଚ ଶିକ୍ଷା ପାଇଁ ଅଧ୍ୟୟନରତ ଅଛନ୍ତି। ନିର୍ମଳା ଓ ନୀଳପ୍ରସାଦଙ୍କ ବିବାହର ୨୩ ବର୍ଷ ପୂରିଯାଇଥିଲେ ହେଁ ଉଭୟଙ୍କ ଦାମ୍ପତ୍ୟ ଜୀବନରେ ତିକ୍ତତା ଲାଗି ରହିଥିଲା। ଅଧିକାଂଶ ସମୟରେ ନିର୍ମଳାଙ୍କୁ କଥାକଥାରେ ସ୍ୱାମୀ ନୀଲପ୍ରସାଦ ମାର୍‌ପିଟ କରୁଥିଲେ। ନୀଲ ପ୍ରସାଦ ରବିବାର ରାତିରେ ନିର୍ମଳାଙ୍କୁ ନୃଶଂସ ଭାବେ ମାଡ଼ ମାରିବା ସହ ଧକ୍କା ମଧ୍ୟ ଦେଇଥିଲେ। ଯଦ୍ୱାରା କାନ୍ଥରେ ମୁଣ୍ଡ ପିଟି ହୋଇ ନିର୍ମଳା ଗୁରୁତର ଅବସ୍ଥାରେ ଘର ଭିତରେ ପଡ଼ିରହିଥିଲେ। ସେଥିପ୍ରତି ଧ୍ୟାନ ନ ଦେଇ ନୀଲ ପ୍ରସାଦ ସ୍ତ୍ରୀଙ୍କୁ ଡାକ୍ତରଖାନା ମଧ୍ୟ ନେଇ ନ ଥିଲେ। ସୋମବାର ସକାଳ ୭ଟା ୪୫ରେ ନିର୍ମଳା ଅଚେତ ହୋଇ ପଡ଼ିଥିବା ଦେଖି ନୀଲ ପ୍ରସାଦ ତାଙ୍କୁ ବଡ଼ବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ନିର୍ମଳାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ସୋମବାର ରାତିରେ ଡାକ୍ତର ନିର୍ମଳାଙ୍କ ମୃତ୍ୟୁ ପଛର କାରଣ ନେଇ ରିପୋର୍ଟ ଦେବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୩(୧) ଅନୁଯାୟୀ ଏକ ମାମଲା (ନଂ.୧୯୮/୨୫) ରୁଜୁ କରିଛି।

## 'ଛାତ୍ରୀ, ମହିଳାଙ୍କ ଜୀବନ ସମ୍ପୂର୍ଣ୍ଣ ଅସୁରକ୍ଷିତ'

ବାସୁଦେବପୁର,୧୫।୭(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ନାରୀ ନିର୍ଯାତନା ବୃଦ୍ଧି ପାଇଛି। ଛାତ୍ରୀ, ମହିଳାମାନଙ୍କ ଜୀବନ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ। ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ପ୍ରତିଦିନ ଛାତ୍ରୀ, ମହିଳାଙ୍କ ଜୀବନ ଯାଉଛି। ବାଲେଶ୍ୱର ଏଫ୍‌ଏମ୍ କଲେଜର ଛାତ୍ରୀ ନିର୍ଯାତନା ସମ୍ପର୍କରେ ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ ନ କରିବାରୁ ସେ ନିରାଶ ହୋଇ ନିଜ ଦେହରେ ନିଆଁ ଲଗାଇ ଜୀବନ ହାରିଲେ। ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଦାବି କରିଛନ୍ତି। ମଙ୍ଗଳବାର ଅପରାହ୍ନ ୧ଟାରେ ବାସୁଦେବପୁର ପୌରପାଳିକାର ନିଉଇଣ୍ଡିଆସାହିସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଏହି ଦାବି କରିବା ସହ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରାକୁ ସବୁସ୍ତରରୁ ସମର୍ଥନ ପାଇଁ ସେ ନିବେଦନ କରିଛନ୍ତି।

## ୩୧ ବିଦ୍ୟାଳୟରେ ନାହିଁ ସ୍ମାର୍ଟକ୍ଲାସ ବ୍ୟବସ୍ଥା

ଚମ୍ପୁଆ,୧୫।୭(ମହେଶ୍ୱର ଦାସ)

ସରକାର ଶିକ୍ଷାର ଅଗ୍ରଗତି ନିମନ୍ତେ ବିଭିନ୍ନ ଯୋଜନା ମାନ କରୁଛନ୍ତି। ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ପୋଷାକ ପରିଚ୍ଛେଦ ଏପରିକି ପାଠ୍ୟ ପୁସ୍ତକ ମାଗଣା ପ୍ରଦାନ କରିବା ସହିତ ଶ୍ରେଣୀ ଗୃହର ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି। ମାତ୍ର ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ୮୮ ଟି ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ +୨ ବିଦ୍ୟାଳୟଗୁଡିକରୁ ମାତ୍ର ୫୭ ଗୋଟି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରହିଥିବା ବେଳେ ୩୧ଟି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ନ ଥିବା ଜଣାଯାଇଛି। ନୂତନ ଶିକ୍ଷା ନୀତି ଯୋଜନାରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ଗୁଣାତ୍ମକ ମାନର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଛି ସତ ମାତ୍ର ବର୍ତ୍ତମାନ ସୁଧା ଚମ୍ପୁଆ ଶିକ୍ଷା ବିଭାଗ ଅଧିନରେ ୩୧ଟି ବିଦ୍ୟାଳୟର ସ୍ମାର୍ଟ କ୍ଲାସ ବ୍ୟବସ୍ଥା ନ ଥିବା ପରିତାପର ବିଷୟ ପାଲଟିଛି। ପୂର୍ବ ସରକାର ସମୟରେ ୫ଟି ଯୋଜନାରେ ବିଦ୍ୟାଳୟଗୁଡିକର ଉନ୍ନତି କରଣ କରାଯାଇ ଶ୍ରେଣୀ ଗୃହ ଏବଂ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ମାତ୍ର ସରକାର ବଦଳିଗଲା ପରେ ନୂତନ ସରକାରଙ୍କର ଏକ ବର୍ଷ ପୂର୍ତ୍ତି ହୋଇ ସାରିଥିଲେ ହେଁ ୩୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସର ଅଧ୍ୟୟନରୁ ବଞ୍ଚିତ ହୋଇଥିବା ପରିତାପର ବିଷୟ ପାଲଟିଛି। ସ୍ମାର୍ଟ କ୍ଲାସ ମାଧ୍ୟମରେ ଅନଲାଇନ ଜରିଆରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଆବଶ୍ୟକତାକୁ ପୂରଣ କରିବା ଏକପ୍ରକାର ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିଲେ ହେଁ ଅଦ୍ୟାବଧି ଏହି ୩୧ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ମାର୍ଟ କ୍ଲାସ ଶିକ୍ଷା ଦାନରୁ ବଞ୍ଚିତ ଅଛନ୍ତି। ଏ ନେଇ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନରେନ୍ଦ୍ର ନାଏକଙ୍କୁ ପଚାରିବାରୁ ସ୍ମାର୍ଟ କ୍ଲାସ ଜରିଆରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ମୁଲ୍ୟବୋଧର ବିକାଶ ହୋଇଥାଏ ଏବଂ ସମସ୍ତ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ପାଇଁ ଆମ୍ଭେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବୁ ବୋଲି କହିଛନ୍ତି।

# ଏଫ୍‌ଏମ୍ କଲେଜରେ ସାଇଣ୍ଟିଫିକ୍ ଟିମ୍ ସହ ପୂର୍ବାଞ୍ଚଳ ଡିଆଇଜି

■ କର୍ତ୍ତୃପକ୍ଷ ପାଳିଲେ ଶୋକସଭା
■ ବନ୍ଦ ରହିଲା କଲେଜ

**ବାଲେଶ୍ୱର, ୧୫।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ମଙ୍ଗଳବାର ନିସ୍ତବ୍ଧ ପାଲଟିଯାଇଛି। ଇଣ୍ଟିଗ୍ରେଟେଡ୍ ବିଏଡ୍‌ରେ ଅଧ୍ୟୟନରତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକ ଓ ସହରବାସୀ ଗଭୀର ଶୋକ ପ୍ରକଟ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାବିଦ୍ୟାଳୟ ପରିସରରେ ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ପାଳନ କରାଯାଇଥିଲା।


ସ୍ୱଟ୍ ଆଡମିଶନ୍ ଓ ସାର୍ଟିଫିକେଟ୍ ନେବାକୁ ଆସିଥିବା ଛାତ୍ରୀଛାତ୍ର।

ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ ଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାଏକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଛାତ୍ରୀ ଆତ୍ମାହୁତି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ନୂତନ ଅଧ୍ୟକ୍ଷ ଓ ଇଣ୍ଟରନାଲ କମିଟି ସଦସ୍ୟାଙ୍କ ସହ ଆଲୋଚନା କରିଛନ୍ତି।

ଅପରପକ୍ଷରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମହାବିଦ୍ୟାଳୟକୁ ମଙ୍ଗଳବାର ଛୁଟି ଘୋଷଣା କରାଯାଇଥିଲା। ସ୍ୱଟ୍ ଆଡମିଶନ୍‌କୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଫଳରେ ସ୍ୱଟ ଆଡମିଶନ୍ ହେବାକୁ ଆସିଥିବା ଛାତ୍ରୀଛାତ୍ର ଫେରିଯାଇଥିଲେ। ଯୁକ୍ତ ୩ ତୃତୀୟ ବର୍ଷର ପାସ୍ ଆଉଟ୍ ଛାତ୍ରୀଛାତ୍ରଙ୍କୁ କଲେଜ ଫାଟକ ନିକଟରେ ସିଏଲ୍‌ସି ଓ ପ୍ରଭିଜନାଲ ସାର୍ଟିଫିକେଟ୍ ଦିଆଯାଇଥିଲା।

## କଲେଜ ଫାଟକ ଆଗରେ ଏଆଇଡିଏସ୍‌ଓର ଶ୍ରଦ୍ଧାଞ୍ଜଳି ସଭା

**ବାଲେଶ୍ୱର, ୧୫।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍ ଏଆଇଡିଏସ୍‌ଓ ପକ୍ଷରୁ ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୃତ ଛାତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପରିବାରକୁ କ୍ଷତିପୂରଣ ଦାବି, ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ, ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ଦାବି କରିଥିଲେ। କଟକଠାରେ ସଙ୍ଗଠନର ଛାତ୍ର ନେତାଙ୍କୁ ଗିରଫ କରିବା ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲା ସମ୍ପାଦକ ପ୍ରଶାନ୍ତ ଦାସ, ମନୋଜ ପାତ୍ର, ଜୟରାମ ହୋ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ

## 'ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ'



ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ସୂଚନା ଦେଉଛନ୍ତି।

**ବାଲେଶ୍ୱର, ୧୫।୭(ବାଞ୍ଛାନିଧି ଦେ)**

ସରକାରଙ୍କ ନିଷ୍କ୍ରିୟତା ପାଇଁ ଶେଷରେ ନ୍ୟାୟରୁ ବଞ୍ଚିତ ସୌମ୍ୟାଶ୍ରୀ ବିଶି ଅନ୍ୟ ଉପାୟ ନ ପାଇ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଦେଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଉ। ସୌମ୍ୟାଶ୍ରୀଙ୍କ ବିୟୋଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଭଳି ଘଟଣାର ପୁନରାବୃତ୍ତି ନ ହେବା ଲାଗି ସମସ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କଲେଜ କର୍ତ୍ତୃପକ୍ଷ ପୋଲିସ ପ୍ରଶାସନର ଅପାରଗତା ପ୍ରତିବାଦରେ ବାଲେଶ୍ୱର ଜିଲା ବିଜେଡି ପକ୍ଷରୁ ବୁଧବାର ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜିଲାବ୍ୟାପୀ ୮ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ହେବ ବୋଲି ମଙ୍ଗଳବାର ସହରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ସମସ୍ତ ସ୍କୁଲ, କଲେଜରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରିଥିଲେ। ବିଭିନ୍ନ ସଙ୍ଗଠନ ଓ ଜନସାଧାରଣ ସାମିଲ ହୋଇ ଏହି ବନ୍ଦକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ପୌରାଧ୍ୟକ୍ଷା ସବିତା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲା ପରିଷଦ ସଭ୍ୟ ସଞ୍ଜୟ ସେଠୀ ଓ ଗିରିଶ ଦତ୍ତ, ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ମହିଳା ନେତ୍ରୀ ବିଦ୍ୟାସ୍ମିତା ମହାଲିକ, ଛାତ୍ର ସଭାପତି ସିମନ ଦାସମହାପାତ୍ର, ଆଇନଜୀବୀ ଶାନ୍ତନୁ ଦାସ, ଭାଗବତ ସାହୁ, ଜଳେଶ୍ୱର ଏନ୍‌ଏସି ଅଧ୍ୟକ୍ଷ ପ୍ରତୀକ କୁମାର ପ୍ରଧାନ, ଶୁଭମ୍ ସାଇ ମହାପାତ୍ର, ଜୋନ୍ ସଭାପତି ଜୟରାମ ଦାସ, ସଞ୍ଜୀବ ଦାସ, ଅସିତ ଦାସ, ତାପସ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣରେଖା ନଦୀରେ ୪ର୍ଥ ବନ୍ୟାଜଳ

**ବାଲିଆପାଳ,୧୫।୭(ଗୋପାଳ ଚନ୍ଦ୍ର ସାହୁ)**

ସୁବର୍ଣ୍ଣରେଖା ନଦୀ ଉପରମୁଣ୍ଡ ଝାଡଖଣ୍ଡରେ ବର୍ଷା ଫଳରେ ମଙ୍ଗଳବାର ମଧ୍ୟାହ୍ନଠାରୁ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଅପରାହ୍ନରେ ରାଜଘାଟଠାରେ ବନ୍ୟାଜଳ ସତର୍କ ସଂକେତ ତଳେ ପ୍ରବାହିତ ହେଉଥିବା ବେଳେ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ଜଳ ପ୍ରବାହିତ ହେବାରେ ଲାଗିଛି। ତୃତୀୟ ବନ୍ୟାଜଳ ସମ୍ପୂର୍ଣ୍ଣ ଛାଡ଼ି ନ ଥିବା ବେଳେ ପୁଣି ବନ୍ୟା ଆସିବାରୁ ନଦୀରେ ବଡ଼ ବନ୍ୟା ହେବାର ଆଶଙ୍କାରେ ତଳିଆ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ୍ୟାଜଳ ଏବେ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳ ବିଷ୍ଣୁପୁର, ନୟାବାଲି, ଇକଡପାଳ, ରସଲପୁର ରାଉତ୍ରାପୁର, ଜାମକୁଣ୍ଡା ପଞ୍ଚାୟତର ତାଳପଦା, କୁହ୍ଲାଚଡ, ଲଖପାଳ, ପାଳଜାମକୁଣ୍ଡା, କାଳରୁଇ ଓ ବାଲିଆପାଳ ପଞ୍ଚାୟତର ତଳବାଲିଆପାଳ, ସୁଙ୍ଗମୁହଁ, କୁଦମାନସିଂହ, ଆଠବାଟିଆ ମଧୁପୁରା ପଞ୍ଚାୟତର ଚଡବସ୍ତ କାଳରୁଇ, ଚୌଧୁରୀକୁଦ, ସେହିପରି ଅସ୍ତି ପଞ୍ଚାୟତର ପାଳଚମ୍ପେଇ ଶରଧାରସାହି, ଚଡବଢ଼ାପାଳ, ସୂର୍ଯ୍ୟାପୁର, କଣ୍ଠାବଣି ଆଦି ଗ୍ରାମଗୁଡିକରେ ବନ୍ୟା ପାଣି ପଶିବାରେ ଲାଗିଛି।



# ଭୋଗରାଇ ଥାନା ଛକରେ ଆନ୍ଦୋଳନ ଜୋର୍‌ଦାର

■ ୫ ସଙ୍ଗଠନର କ୍ୟାଣ୍ଡେଲ ଶୋଭାଯାତ୍ରା
■ ଶହୀଦ ବେଦୀରେ ମାଲ୍ୟାର୍ପଣ, ସାଧାରଣ ସଭା

**ଭୋଗରାଇ, ୧୫।୭(ପ୍ରଦୀପ ଦାସ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଭୋଗରାଇରେ ମଙ୍ଗଳବାର ସକାଳୁ ରାତି ପର୍ଯ୍ୟନ୍ତ ସବୁଠି ପ୍ରତିବାଦର ସ୍ୱର ଉଠିଛି। ସନ୍ଧ୍ୟାରେ ଭୋଗରାଇ ଆରଆଇଏଚ୍‌ଏସ ମହାବିଦ୍ୟାଳୟର ବିସିଜେଡିର ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଥାନା ଛକ ପରିକ୍ରମା କରିଥିବା ବେଳେ ଡିଏସଓ, ଡିୱାଇଓ ଏବଂ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମୃତା ଛାତ୍ରୀଙ୍କ ଶହୀଦ ବେଦୀରେ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦୋଷୀଙ୍କ ବିରୋଧରେ କଠୋର ଶାସ୍ତି ଦେବାକୁ ଦାବି କରି ପ୍ରତିବାଦ ସଭା କରିଥିଲେ। ସଭାରେ ଡିଏସ୍‌ଓ ବାଲେଶ୍ୱର ଜିଲା ସଭାପତି ହରେକୃଷ୍ଣ ଦାସ, ଛାତ୍ରୀନେତ୍ରୀ ରେଶମା ଖାତୁନ, ସୁନେନା ଖାତୁନ,


ପ୍ରତିବାଦ ସଭାରେ ପିସିସି ସଭାପତି ଭକ୍ତଚରଣ ଦାସ ଉଦ୍‌ବୋଧନ ଦେଉଛନ୍ତି।

ମହିଳା ସାଂସ୍କୃତିକ ସଙ୍ଗଠନର ରାଜ୍ୟ କମିଟିର ସମ୍ପାଦକ ମଣ୍ଡଳୀର ସଦସ୍ୟା ତରଙ୍ଗିଣୀ ଦାସ, ଭୋଗରାଇ ଆଞ୍ଚଳିକ କମିଟି ସଭାପତି ସରୋଜିନୀ ମହାନ୍ତି, ଆପସନା ବିବି, ଡିୱାଇଓର ରାଜ୍ୟ ଯୁବ ସଙ୍ଗଠନର ସମ୍ପାଦିକା ମଣ୍ଡଳୀର ସଦସ୍ୟା ସସ୍ମିତା ମହାନ୍ତି, କ୍ରିଷ୍ଣାରାଣୀ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅପରପକ୍ଷରେ ଥାନା ଛକଠାରେ କଂଗ୍ରେସ ପକ୍ଷରୁ ଏକ ସ୍ମୃତିସଭା କରାଯାଇ ଆଗାମୀ ୧୭ତାରିଖରେ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରାକୁ ସଫଳ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ପ୍ରତିବାଦ ସଭାରେ କଂଗ୍ରେସର ବରିଷ୍ଠ ନେତା ସତ୍ୟଶିବ ଦାସ ସଭାପତିତ୍ୱ କରିଥିଲେ। ରାଜ୍ୟ ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସ, ବିଧାନସଭାର ବିଧାୟକ ଦଳର ନେତା ରାମଚନ୍ଦ୍ର କଦାମ, ବିଧାୟକ ଦଳର ଉପନେତା ଅଶୋକ ଦାସ, ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ଭଦ୍ରକ ଜିଲା ସଭାପତି ଅସିତ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ପ୍ରମୁଖ ନେତୃମଣ୍ଡଳୀ ବୃହତ୍ତର ଆନ୍ଦୋଳନ ନିମନ୍ତେ ସମସ୍ତେ ଅଣ୍ଟା ଭିଡିବାକୁ ବୋଲି ପ୍ରକାଶ କରିଥିଲେ।

# ହେଲ୍‌ପଲାଇନ ନମ୍ବରରେ କଲ୍ କରିବାକୁ ପରାମର୍ଶ


ଟିପିଏନ୍‌ଓଡିଏଲ୍ ପକ୍ଷରୁ ଟ୍ରାନ୍ସଫର୍ମର ନିଆଯାଉଛି।

**ବାଲେଶ୍ୱର, ୧୫।୭(ବାଞ୍ଛାନିଧି ଦେ)**

## ମୌସୁମୀ ମୁକାବିଲା ପାଇଁ ଟିପିଏନ୍‌ଓଡିଏଲ୍‌ର ପ୍ରସ୍ତୁତି

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନ୍‌ଓଡିଏଲ୍ ପକ୍ଷରୁ ମୌସୁମୀ ବର୍ଷା ମୁକାବିଲା ନିମନ୍ତେ ବିଭିନ୍ନ ବୈଦ୍ୟୁତିକ ସୁରକ୍ଷା ପଦକ୍ଷେପ ପ୍ରତି ଗୁରୁତ୍ୱ ଦିଆଯାଇଛି। ମୌସୁମୀ ଋତୁରେ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରହିଛି। ସଚେତନ ଓ ଦାୟିତ୍ୱବାନ ଆଭିମୁଖ୍ୟ ଗ୍ରହଣ କରିବା ଲାଗି ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି।

ମୌସୁମୀ ଋତୁରେ ଦେଖାଦେଉଥିବା ବିଦ୍ୟୁତ୍‌ଜନିତ ଘଟଣାକୁ ନଜରରେ ରଖି କେତେକ ସରଳ ପ୍ରତିଷେଧମୂଳକ ପଦକ୍ଷେପ ଘୋଷଣା କରାଯାଇଛି। ଏହାଦ୍ୱାରା ବର୍ଷା ଋତୁରେ ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ଓ ଧନଜୀବନ ସୁରକ୍ଷିତ ରହିପାରିବ। ଜଳମଗ୍ନ କିମ୍ବା ମିଟର କ୍ୟାବିନ୍‌ରେ ଲିକେଜ୍ ଭଳି ଘଟଣାରେ ମେନ୍ ସୁଇଚକୁ ବନ୍ଦ କରିବା, ଓ୍ୟାରିଂରେ କିଛି ପରିବର୍ତ୍ତନ ହୋଇଥିଲେ ତାକୁ ଭଲ ଭାବେ ଯାଞ୍ଚ କରିବା, ଜଣେ ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ପରୀକ୍ଷା କରିବାକୁ କୁହାଯାଇଛି। କୌଣସି ବିଦ୍ୟୁତ୍ ଭିତ୍ତିଭୂମିକୁ ଓଦା ହାତରେ ସ୍ପର୍ଶ ନ କରିବା, ଅନୁମୋଦିତ ଲୋଡ୍ ଠାରୁ ଅଧିକ ବିଦ୍ୟୁତ୍ ବ୍ୟବହାର କରିବାକୁ ବାରଣ କରାଯାଇଛି। ମୌସୁମୀ ଋତୁରେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ଉପରେ ଗାଡ଼ି ନ ଚଳାଇବା, ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ କିମ୍ବା ବଣ୍ଟନ ସ୍ତମ୍ଭରେ ଯଦି କୌଣସି ସ୍ପାର୍କ ଦେଖାଯାଉଛି, ତେବେ ତାକୁ ସ୍ପର୍ଶ ନ କରି ଉପଭୋକ୍ତା ସହାୟତା ନମ୍ବରରେ ଯୋଗାଯୋଗ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦର୍ଶାଯାଇଛି। ସେହିପରି ସମସ୍ୟାଗୁଡ଼ିକର ତ୍ୱରିତ୍ ସମାଧାନ ସହିତ ଯେକୌଣସି ପ୍ରକାର ଅଭାବନୀୟ ଘଟଣାର ସୂଚନା ଦେବା ଲାଗି ଟିପିଏନ୍‌ଓଡିଏଲ୍ ପକ୍ଷରୁ ଏହାର ଗ୍ରାହକ ସେବା କେନ୍ଦ୍ରରେ ବ୍ୟାପକ ଉନ୍ନତି ଅଣାଯାଇଛି। ବିଦ୍ୟୁତ୍ ସେବା ସମ୍ପର୍କିତ ଯେ କୌଣସି ସହାୟତା ପାଇଁ ଉପଭୋକ୍ତା ସହାୟତା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨କୁ କଲ୍ କରିବାକୁ କୁହାଯାଇଛି।

# ନକଲି ପୋଲିସ ଗିରଫ

**ବାହାନଗା, ୧୫।୭(ଅରୂପ କୁମାର ଦାସ)**

୫ ଦିନର ନକଲି ପୋଲିସକୁ ଗିରଫ କଲା ଗୋପାଳପୁର ଥାନା ପୋଲିସ। ବାହାନଗା ବ୍ଲକ ବରିପଦା ପଞ୍ଚାୟତ ବାରିକସାହିର କରୁଣାକର ବାରିକ (୪୫)ଇଣ୍ଟରନେଟରୁ ପୋଲିସ ଫଟୋକୁ ଡାଉନଲୋଡ କରି ଏହାକୁ ଏଡିଟିଂ କରି ସେଥିରେ ନିଜର ମୁଣ୍ଡକୁ ସେଟ କରି ସ୍ଥାନୀୟ ଲୋକଙ୍କୁ ଗୋପାଳପୁର ଥାନାରେ ପୋଲିସ ଚାକିରି କରିଥିବା କହି ଧମକଚମକ ଦେଇ ଟଙ୍କା ଲୁଟୁଥିଲେ। ରାସ୍ତାରେ ହେଲମେଟ ଚେକିଂ କରିବା ବାହାନାରେ ରାସ୍ତାରେ ଗାଁ ଭିତରେ ଟଙ୍କା ଆଦାୟ କରୁଥିଲେ। ଏଭଳି କାରବାର ଦେଖି ସ୍ଥାନୀୟ ଲୋକମାନେ ଗୋପାଳପୁର ଥାନା ପୋଲିସକୁ ଖବର ଦେଇଥିଲେ। ଏକଥା ଶୁଣି ଥାନା ଅଧିକାରୀ ଅଶୋକ ବାରିକ ସଦଳବଳେ ଚଢାଉ କରି ନକଲି ପୋଲିସ କରୁଣାକରଙ୍କୁ ଗିରଫ କରିଥିଲା। ଏନେଇ ଗୋପାଳପୁର ଥାନାରେ କେତେଜଣ ଲୋକ ଲିଖିତ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା(ନଂ. ୧୨୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗିରଫ କରୁଣାକରଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

## କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ସମ୍ମୁଖରେ ଧାରଣା

# ଗିରଫ ହେଲେ ସରପଞ୍ଚଙ୍କ ସ୍ୱାମୀ


ଥାନା ସମ୍ମୁଖରେ ଧାରଣାରତ ଖବରଦାତାମାନେ।


ଗିରଫ ଅଭିଯୁକ୍ତ ହେମନ୍ତ ଦାସ।

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ (ଅମୂଲ୍ୟ କୁମାର ଦାସ), ୧୫।୭**

ଖବର ପ୍ରସାରଣକୁ କେନ୍ଦ୍ର କରି ଜଣେ ଖବରଦାତାଙ୍କୁ ଆକ୍ରମଣ କରିବା ମହଙ୍ଗା ପଡ଼ିଲା। କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ସମ୍ମୁଖରେ ଖବରଦାତାଙ୍କ ମିଳିତ ଧାରଣା ପରେ ଗିରଫ ହୋଇଛନ୍ତି ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପରିସରରେ ଗତ ୧୧ତାରିଖରେ ଏକ ଖବର ପ୍ରସାରଣକୁ କେନ୍ଦ୍ର କରି 'ଧରିତ୍ରୀ'ର କାଳିପଦା ପ୍ରତିନିଧି ରାଜଶ୍ରୀ ପାଣିଗ୍ରାହୀଙ୍କୁ ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା, ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ଟଣାଓଟରା କରିଥିଲେ। ଏନେଇ ରାଜଶ୍ରୀ ବାଲିଆପାଳ ଥାନାରେ ଲିଖିତ ଏତଲା ଦେଇଥିଲେ।

## ଖବରଦାତାଙ୍କୁ ଆକ୍ରମଣ ମାମଲା

ପୋଲିସ ଏକ ମାମଲା (ନଂ. ୧୭୧/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ହେମନ୍ତ ଦାସଙ୍କୁ ସୁରକ୍ଷା ଦେବା ଆଳରେ ଘଟଣାର ୫ଦିନ ପରେ ବି ଗିରଫ କରାଯାଇ ନ ଥିଲା। ଉତ୍ତର ବାଲେଶ୍ୱରର ବାଲିଆପାଳ, ବସ୍ତା, ଜଳେଶ୍ୱର ଓ ଭୋଗରାଇ ବ୍ଲକର ଖବରଦାତାମାନେ ମିଳିତ ଭାବେ ବାଲିଆପାଳ ଥାନା ଆଗରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାଠାରୁ ଧାରଣାରେ ବସିଥିଲେ। ବସ୍ତା ଏସ୍‌ଡିପିଓ ମାନସ ଦେଓଙ୍କ ନିର୍ଦ୍ଦେଶକ୍ରମେ ଅପରାହ୍ନ ୨ଟାରେ ବାଲିଆପାଳ ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଞ୍ଚଳରୁ ହେମନ୍ତ ଦାସଙ୍କୁ ଗିରଫ କରି ରୂପସା ଥାନା ହେପାଜତରେ ରଖିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୩ ଦିନରେ ୨୦ଜଣଙ୍କୁ ଜେରା କଲା ପୋଲିସ

## ହଷ୍ଟେଲ ଛାତରୁ ଡେଇଁ ଛାତ୍ର ମୃତ୍ୟୁ ଘଟଣା

**ଚମ୍ପୁଆ,୧୫।୭(ମହେଶ୍ୱର ଦାସ)**

ଚମ୍ପୁଆସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ହଷ୍ଟେଲ ଛାତରୁ ଡେଇଁ ଛାତ୍ର ମୃତ୍ୟୁ ଘଟଣାକୁ ନେଇ ପୋଲିସ ପକ୍ଷରୁ ଜେରା ଆରମ୍ଭ କରାଯାଇଛି। ୩ ଦିନ ମଧ୍ୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି କର୍ମଚାରୀ ପର୍ଯ୍ୟନ୍ତ ୨୦ଜଣଙ୍କୁ ଜେରା କରାଯାଇଥିବା ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ଘଟଣାର ଦ୍ୱିତୀୟ ଦିନରେ ଚମ୍ପୁଆ ଏସଡିପିଓ ରଶ୍ମୀରଞ୍ଜନ ସାହୁ ଓ ଆଇଆଇସି ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ଯାଞ୍ଚ ଆରମ୍ଭ କରିବା ସହିତ ସିସିଟିଭି ଯାଞ୍ଚ ଏବଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଘଟଣା ବିଷୟରେ ପଚରା ଉଚରା କରିଥିଲେ। ଚମ୍ପୁଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଚାରି ମହଲା ହଷ୍ଟେଲ ଛାତରୁ ଡେଇଁ ଦଶମ ଶ୍ରେଣୀର ଛାତ୍ର କ୍ରିଷ୍ଣା ପ୍ରଧାନ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ପରିବାର ପକ୍ଷରୁ ତାଙ୍କୁ ମାଡମରା ଯାଇଥିବା କରାଯାଇଥିଲା।

# ବୈଦିକ ରୀତିରେ ବିବାହ କଲେ ଦିବ୍ୟାଙ୍ଗ ଝିଅପୁଅ

**ଔପଦା, ୧୫।୭(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ଅଞ୍ଚଳରେ ଦୁଇ ପରିବାର ସହମତିରେ ଦିବ୍ୟାଙ୍ଗ ଝିଅ-ପୁଅଙ୍କ ବିବାହ ବୈଦିକ ରୀତିରେ ସମ୍ପନ୍ନ ହୋଇଛି। ଏଭଳି ଏକ ଆଦର୍ଶ ବାହାଘର ଔପଦା ବ୍ଲକ ତଳକିଆ ପଞ୍ଚାୟତ ଚନପୁର ଗ୍ରାମର ପୁଅ ଓ ଗଡ଼ସାହି ପଞ୍ଚାୟତ ଜାନିକାପାଳ ଗ୍ରାମର ଝିଅଙ୍କ ମଧ୍ୟରେ ଏକ ଜରା ଆଶ୍ରମରେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଛି। ଚନପୁର ଗ୍ରାମର ନାରାୟଣ ମଲ୍ଲିକଙ୍କ ପୁଅ ଆଲୋକ ଓ ଜାନିକାପାଳ ଗ୍ରାମର ପ୍ରହ୍ଲାଦ ପୋଥାଳ (ସୁଦାମ)ଙ୍କ ଝିଅ ପଦ୍ମିନୀଙ୍କ ମଧ୍ୟରେ ବିବାହ ହୋଇଛି। ନବଦମ୍ପତି ଉଭୟଙ୍କୁ ବରଣମାଳା ଦେଇ ଉପସ୍ଥିତ ଗୁରୁଜନମାନଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ। ବିବାହ ସମୟରେ ବର ଓ ଝିଅ ଘରର ପରିବାର ଲୋକଙ୍କ


ଦିବ୍ୟାଙ୍ଗ ନବଦମ୍ପତି।

ସମେତ ଦୁଇ ଗ୍ରାମବାସୀ ଓ ଗଡ଼ସାହି ପଞ୍ଚାୟତ ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ତଳକିଆ ପଞ୍ଚାୟତ ଦରଖୋଳି ଗ୍ରାମର ଶିକ୍ଷାବିତ୍ ତଥା ସମାଜସେବୀ, ସରପଞ୍ଚଙ୍କ ପ୍ରତିନିଧି ଅନ୍ତର୍ଯ୍ୟାମୀ ନାୟକ, ସାମାଜିକ କର୍ମୀ ପର୍ଶୁରାମ ଲେଙ୍କା ଉପସ୍ଥିତ ଥିଲେ।

# ସମୀକ୍ଷା ବୈଠକରେ ବର୍ଷିଲେ ବିଧାୟକ

## ସୋର-କୁପାରୀ ରାସ୍ତା ମରାମତିରେ ବିଳମ୍ବ

**ଖଇରା, ୧୫।୭(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଏକ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଖଇରା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷ ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ରାସ୍ତା ଓ ଅନ୍ୟାନ୍ୟ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଅଧିକାଂଶ ରାସ୍ତା ନିମ୍ନମାନର ହେଉଥିବା ନେଇ ଲୋକପ୍ରତିନିଧିଙ୍କ ଅଭିଯୋଗ ପରେ ଏହା ଠିକ୍ ଢଙ୍ଗରେ କରିବାକୁ



ସମୀକ୍ଷା ବୈଠକରେ ବିଧାୟକ ଓ ଅନ୍ୟ ଅଧିକାରୀ।

ନିର୍ବାହୀଯନ୍ତ୍ରୀ ଅମୀର କୁମାର ସେଠୀ ଓ ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ନୂତନ ଭାବେ ହାତକୁ ନିଆଯାଇଥିବା ୭ଟି ରାସ୍ତା କିଭଳି ଟେଣ୍ଡର ପ୍ରକ୍ରିୟାକୁ ଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ସେହିଭଳି ଖଇରାବାସୀଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଥିବା ସୋର-କୁପାରୀ ରାସ୍ତା ମରାମତିରେ ବିଳମ୍ବ ଯୋଗୁ ବିଧାୟକ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭ୍ରଂକାଶ ପଣ୍ଡାଙ୍କ ଉପରେ ବର୍ଷିଥିଲେ। ପରେ ଅଧୀକ୍ଷଣ ଯନ୍ତ୍ରୀ ପାଗ ଅନୁକୂଳ ହେଲେ ବୁଧବାରଠାରୁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ୧୪କୋଟି ଟଙ୍କା ଟେଣ୍ଡର ହୋଇସାରିଥିବା ବେଳେ ତୁରନ୍ତ ଶିଳାନ୍ୟାସ କରାଯାଇ କାମ ଆରମ୍ଭ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ ଓ ବିଭୂତି ନାୟକ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୫ ବର୍ଷରେ ୬୫ ଥର ବନ୍ଦ ହୋଇଛି ବିମାନ ଇଞ୍ଜିନ

## ୧୭ ମାସରେ ୧୧ ଥର ମେ'ଡେ କଲ୍



ନୂଆଦିଲ୍ଲୀ,୧୫।୭

ଭାରତରେ ୨୦୨୦ରୁ ୨୦୨୫ ବର୍ତ୍ତମାନ ସୁଦ୍ଧା ଅର୍ଥାତ୍ ୫ ବର୍ଷ ମଧ୍ୟରେ ଉଡୁଥିବା ଅବସ୍ଥାରେ ୬୫ ଥର ବିମାନ ଇଞ୍ଜିନ୍ ଶଟ୍‌ଡାଉନ୍ ହୋଇଛି। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆବେଦନ ବଳରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏକ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି। ଅର୍ଥାତ୍ ପ୍ରତି ମାସରେ ପାଖାପାଖି ଗୋଟିଏ ଇଞ୍ଜିନ୍ ଅଚଳ ଘଟଣା ଘଟୁଛି। ତେବେ ଉକ୍ତ ସମସ୍ତ ଘଟଣାରେ ପାଇଲଟ୍ ନିରାପଦର ସହ ଗୋଟିଏ ଇଞ୍ଜିନରେ ବିମାନକୁ ସୁରକ୍ଷିତ ଅବତରଣ କରାଇପାରିଛନ୍ତି। ଏଥିସହିତ ଗତ ୧୭ ମାସ ମଧ୍ୟରେ ବିଭିନ୍ନ ବିମାନର କକ୍‌ପିଟ୍‌ରୁ ୧୧ ଥର 'ମେଡେ' ସଙ୍କଟକାଳୀନ କଲ୍ କରାଯାଇଛି। ଉପରୋକ୍ତ ତଥ୍ୟରୁ ଭାରତରେ ବିମାନ ସେବା ଯୋଗାଉଥିବା ଏୟାରଲାଇନ୍ସଗୁଡ଼ିକ ଯାତ୍ରୀଙ୍କ ସୁରକ୍ଷା ପ୍ରତି କେତେ ସଚେତନ ତାହା ପରିଲକ୍ଷିତ ହେଉଛି।

ଡିଜିସିଏ ତଥ୍ୟ ଅନୁଯାୟୀ, ୨୦୨୪ ଜାନୁଆରୀ ୧ରୁ ୨୦୨୫ ମେ' ୩୧ ମଧ୍ୟରେ ୧୧ଟି ବିମାନରୁ ସଙ୍କଟକାଳୀନ କଲ୍ ହୋଇଛି। ପାଇଲଟ୍‌ମାନେ ବିଭିନ୍ନ ପ୍ରଯୁକ୍ତିଗତ ତ୍ରୁଟି ଦର୍ଶାଇ ଜରୁରୀ ଅବତରଣ ଚାହିଁଛନ୍ତି। ତେବେ ଉକ୍ତ ତଥ୍ୟରେ ଜୁନ୍ ୧୨ ଅହମଦାବାଦ ବିମାନ ଦୁର୍ଘଟଣା ଏବଂ ଜୁନ୍ ୧୯ରେ ଇଣ୍ଡିଗୋ ବିମାନର ରୁଟ୍ ପରିବର୍ତ୍ତନ ବିଷୟ ଉଲ୍ଲେଖ ନାହିଁ। ସୂଚନା ଅନୁଯାୟୀ, ୧୧ଟି ବିମାନ ମଧ୍ୟରୁ ୪ଟି ବୈଷୟିକ ତ୍ରୁଟି ଦର୍ଶାଇ ମେଡେ କଲ୍ କରିଥିଲେ ଏବଂ ହାଇଦ୍ରାବାଦରେ ଜରୁରୀ ଅବତରଣ କରିଥିଲେ। ବିମାନରେ ନିଆଁ ଲାଗିବା, ଇଞ୍ଜିନ ଅଚଳ ହେବା କିମ୍ବା ବିପଦ ନିଶ୍ଚିତ ଭଳି ପରିସ୍ଥିତି ଉପୁଜିଲେ ଉଡ଼ାଣ ଜାରି ରଖିବା ସୁରକ୍ଷିତ ନୁହେଁ ଦର୍ଶାଇ ତୁରନ୍ତ ଅବତରଣ ପାଇଁ କ୍ରିଉ ସଦସ୍ୟ ମେଡେ କଲ୍ କରିଥାନ୍ତି ବୋଲି ଏୟାରଲାଇନ୍ସ ପାଇଲଟ୍ସ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ଅନିଲ ରାଓ କହିଛନ୍ତି।

ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏଆଇ ୭୮୭୦୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନିକଟରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ପ୍ରକାଶ କରିଥିବା ପ୍ରାରମ୍ଭିକ ରିପୋର୍ଟରେ କହିଛି, ଇଞ୍ଜିନକୁ ଇନ୍ଧନ ବନ୍ଦ ହୋଇଯିବାରୁ ୨ଟି ଯାକ ଇଞ୍ଜିନ୍ ଅଚଳ ହୋଇ ଦୁର୍ଘଟଣା ଘଟିଥିଲା। ଏହି ରିପୋର୍ଟ ଆସିବାର ୨ ଦିନ ପରେ ଡିଜିସିଏ ସମସ୍ତ ବୋଇଂ ୭୮୭ ଏବଂ ୭୩୭ ବିମାନର ଫୁଏଲ୍ ସୁଇଚ୍ ଲକିଂ ସିଷ୍ଟମ୍‌ର ଯାଞ୍ଚ କରାଇବାକୁ ସୋମବାର ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଭାରତୀୟ ଏୟାରଲାଇନ୍ସ ୧୫୦ରୁ ଊର୍ଦ୍ଧ୍ୱ ବୋଇଂ ୭୩୭ ଏବଂ ୭୮୭ ବିମାନ ଚଳାଉଛନ୍ତି। ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଆକାଶ ଏୟାର, ସ୍ପାଇସ୍‌ଜେଟ୍ ଏବଂ ଇଣ୍ଡିଗୋ ପାଖରେ ଏହି ବିମାନ ରହିଛି। ଇଣ୍ଡିଗୋ ପାଖରେ ୭ଟି ବି୭୩୭ ଏବଂ ଗୋଟିଏ ବି୭୮୭-୯ ବିମାନ ରହିଛି। ଏଗୁଡ଼ିକୁ ଉକ୍ତ ଏୟାରଲାଇନ୍ସ ଲିଜ୍‌ରେ ଆଣି ଚଳାଉଥିବାରୁ ଭାରତରେ ପଞ୍ଜୀକୃତ ହୋଇନାହିଁ।

# କଲେଜ ଛାତ୍ରୀଙ୍କୁ ବଳାତ୍କାର

## ୨ ଅଧ୍ୟାପକଙ୍କ ସମେତ ୩ ଗିରଫ

ବେଙ୍ଗାଲୁରୁ,୧୫।୭

ବେଙ୍ଗାଲୁରୁର ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ କଲେଜର ୨ ଅଧ୍ୟାପକ ଓ ସେମାନଙ୍କ ବନ୍ଧୁ ଗିରଫ ହୋଇଛନ୍ତି। ସେମାନେ ଛାତ୍ରୀଙ୍କୁ ଅନେକ ଥର ବଳାତ୍କାର କରିବା ସହ ବ୍ଲାକ୍‌ମେଲ୍ କରୁଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର, ଜୀବବିଜ୍ଞାନ ଅଧ୍ୟାପକ ସନ୍ଦୀପ୍ ଓ ସେମାନଙ୍କ ବନ୍ଧୁ ଅନୁପ ବେଙ୍ଗାଲୁରୁର ଏକ ଘରୋଇ କଲେଜରେ କାର୍ଯ୍ୟ କରୁଥିବାବେଳେ ପୀଡ଼ିତା ଉକ୍ତ କଲେଜର ଛାତ୍ରୀ।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନରେନ୍ଦ୍ର ଛାତ୍ରୀ ଜଣକୁ ନୋଟ୍ ଦେବା ବାହାନାରେ ତାଙ୍କ ସହ ବନ୍ଧୁତା କରିଥିଲେ ଓ ପରସ୍ପର ମଧ୍ୟରେ ବାର୍ତ୍ତା ବିନିମୟ ହେଉଥିଲା। ସେ ଛାତ୍ରୀଙ୍କୁ ଅନୁପଙ୍କ ଘରକୁ ଡାକି ସେଠାରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାକୁ କହିଲେ ପରିଣାମ ଭୟାବହ ହେବ ବୋଲି ନରେନ୍ଦ୍ର ଧମକ ଦେଇଥିଲେ। କିଛିଦିନ ପରେ ସନ୍ଦୀପ୍ ଛାତ୍ରୀଙ୍କ ନିକଟତର ହେବାକୁ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ବିରୋଧ କରିବାରୁ ସନ୍ଦୀପ୍ ତାଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ନରେନ୍ଦ୍ରଙ୍କ ସହ ଛାତ୍ରୀଙ୍କ ଫଟୋ ଓ ଭିଡିଓଗୁଡ଼ିକ ତାଙ୍କ ପାଖରେ ଥିବା ସନ୍ଦୀପ କହିଥିଲେ। ପରେ ସେ ଛାତ୍ରୀଙ୍କୁ ଅନୁପଙ୍କୁ ଘରକୁ ନେଇ ବଳାତ୍କାର କରିଥିଲେ। ଅନୁପ ମଧ୍ୟ ସିସିଟିଭି ଫୁଟେଜ୍‌ର ଭୟ ଦେଖାଇ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଆଘାତପ୍ରାପ୍ତ ଛାତ୍ରୀଙ୍କୁ ଭେଟିବା ପାଇଁ ତାଙ୍କ ମା'ବାପା ବେଙ୍ଗାଲୁରୁ ଆସିଥିବାବେଳେ ସେ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ପକ୍ଷରୁ କର୍ଣ୍ଣାଟକ ରାଜ୍ୟ ମହିଳା କମିଶନଙ୍କୁ ଅବଗତ କରାଯିବା ପରେ ଘଟଣା ପଦାକୁ ଆସିଥିଲା। ମହିଳା କମିଶନଙ୍କ ନିର୍ଦ୍ଦେଶ କ୍ରମେ ମରାଠାହଲ୍ଲି ଥାନା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ସହ ୨ ଅଧ୍ୟାପକ ଓ ଅନୁପଙ୍କୁ ଗିରଫକରି କୋର୍ଟରେ ହାଜର କରାଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଜୁଲାଇ ୫ରେ ମାମଲା ରୁଜୁହେବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଙ୍ଗାଲୁରୁ ଇଷ୍ଟ ଡିଭିଜନ ଯୁଗ୍ମ ପୋଲିସ କମିଶନର ରମେଶ ବନୋଥ କହିଛନ୍ତି।

# ୭ ବର୍ଷ ବୟସ ପରେ ପିଲାଙ୍କ ଆଧାର ବାୟୋମେଟ୍ରିକ୍ ସଂଶୋଧନ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୧୫।୭

ବର୍ତ୍ତମାନର ନିୟମାବଳୀ ଅନୁଯାୟୀ ପିଲାଙ୍କୁ ୭ ବର୍ଷ ହେଲେ ମା'ବାପା ସେମାନଙ୍କ ଆଧାର ବାୟୋମେଟ୍ରିକ୍‌କୁ ସଂଶୋଧନ କରାଇବା ବାଧ୍ୟତାମୂଳକ ବୋଲି ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ମନେପକାଇ ଦେଇଛନ୍ତି। ଯେକୌଣସି ଆଧାର ସେବା କେନ୍ଦ୍ର କିମ୍ବା ନିର୍ଦ୍ଦିଷ୍ଟ କେନ୍ଦ୍ରରେ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପ୍‌ଡେଟ୍ (ଏମ୍‌ବିୟୁ) କରାଯାଇପାରିବ। ଆଧାର କାର୍ଡ ଭାରତ ସରକାରଙ୍କ ଦ୍ୱାରା ନାଗରିକମାନଙ୍କୁ ଦିଆଯାଉଥିବା ୧୨ ଅଙ୍କ ବିଶିଷ୍ଟ ଅନନ୍ୟ ପରିଚୟ ନମ୍ବର। ଏହା ନାଗରିକଙ୍କ ପରିଚୟ ସମେତ ବିଭିନ୍ନ ଉଦ୍ଦେଶ୍ୟ ଯଥା ସରକାରୀ ଯୋଜନା ଓ ସବ୍‌ସିଡିର ସୁଫଳ ପାଇବା, ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଓ ପାସ୍‌ପୋର୍ଟ ପାଇବା ପାଇଁ ବ୍ୟବହାର କରାଯାଇଥାଏ। ଛୋଟ ପିଲାଙ୍କ ଆଧାର କାର୍ଡ ପାଇଁ ସେମାନଙ୍କ ଜନ୍ମ ପ୍ରମାଣପତ୍ର କିମ୍ବା ସ୍କୁଲ୍ ପ୍ରମାଣପତ୍ର, ମା'ବାପାଙ୍କ ଆଧାର କିମ୍ବା ଅନ୍ୟ ବୈଧ ସରକାରୀ ପରିଚୟ ପ୍ରମାଣ, ପିଲାର ପାସ୍‌ପୋର୍ଟ ସାଇଜ୍ ଫଟୋ ଆବଶ୍ୟକ ହୋଇଥାଏ। ପିଲାକୁ ୫ ବର୍ଷରୁ କମ୍ ହୋଇଥିଲେ ଆଖି ସ୍କାନ୍ କିମ୍ବା ଫିଙ୍ଗରପ୍ରିଣ୍ଟ ଆବଶ୍ୟକ ହୋଇ ନ ଥାଏ। ୫ ବର୍ଷ ହେବା ପରେ ବାୟୋମେଟ୍ରିକ୍ ଅପ୍‌ଡେଟ୍ ଆବଶ୍ୟକ ପଡ଼େ।



ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ମଙ୍ଗଳବାର ଏକ ଟେମ୍ପୋ ଟ୍ରାଭେଲର ଗଭୀର ଖାତରେ ଖସି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭ ଜଣ ଆହତ ହୋଇଛନ୍ତି।

# ନର୍ସ ନିମିଶାଙ୍କ ଫାଶୀ ସ୍ଥଗିତ

ନୂଆଦିଲ୍ଲୀ/ଥିରୁଭାନନ୍ତପୁରମ୍,୧୫।୭



କେରଳ ନର୍ସ ନିମିଶା ପ୍ରିୟାଙ୍କୁ ଦିନକ ପରେ ଫାଶୀ ଦିଆଯିବାକୁ ଥିବାବେଳେ ୟେମେନ୍ କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିଛନ୍ତି। ଫଳରେ ମୃତ୍ୟୁଦଣ୍ଡ ବିବାଦ ମଧ୍ୟରେ ଥିବା ନିମିଶାଙ୍କ ପରିବାର ଆଶ୍ୱସ୍ତ ହୋଇଛନ୍ତି। ସରକାର ଓ ଅନ୍ୟ ସଂଗଠନଗୁଡ଼ିକର ମିଳିତ ଉଦ୍ୟମ ପାଇଁ ନିମିଶାଙ୍କ ସ୍ୱାମୀ ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଖବର ଶୁଣି ଆମେ ବହୁତ ଖୁସି ଓ ଆଶ୍ୱସ୍ତ। ନିମିଶାଙ୍କୁ ମୃତ୍ୟୁଦଣ୍ଡରୁ ମୁକୁଳାଇ ସୁରକ୍ଷିତ ଫେରାଇଆଣିବା ଦିଗରେ ଏଭଳି ଉଦ୍ୟମ ଜାରି ରହିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ବିଭିନ୍ନ ମହଲରୁ ଦୀର୍ଘଦିନର କୂଟନୈତିକ ଉଦ୍ୟମ ପରେ ମୃତ୍ୟୁଦଣ୍ଡ କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପାଇଁ ୟେମେନ୍ କର୍ତ୍ତୃପକ୍ଷ ରାଜି ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ଶେଷ ଉଦ୍ୟମ ସ୍ୱରୂପ ସୁନ୍ନୀ ମୁସଲମାନ୍ ଧର୍ମଗୁରୁ କନ୍ଥପୁରମ୍ ଏ.ପି. ଅବୁବକର ମୁସ୍‌ଲିୟାର ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିଥିଲେ। ସେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କ ନିକଟରେ ପହଞ୍ଚିବା ସହ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଧର୍ମୀୟ ନେତାମାନଙ୍କୁ ସହାୟତା ପାଇଁ ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ୨୦୧୭ରେ ୟେମେନ୍‌ରେ ନିଜ ବ୍ୟବସାୟିକ ସହଯୋଗୀ ତଲାଲ ଅବଦୋ ମେହଦିଙ୍କୁ ହତ୍ୟା ଅଭିଯୋଗରେ ନିମିଶାଙ୍କୁ ୨୦୨୦ରେ ସ୍ଥାନୀୟ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ।

# କାର୍ଟୁନିଷ୍ଟଙ୍କୁ ସୁରକ୍ଷା ଦେଲେ ସୁପ୍ରିମକୋର୍ଟ

## ପ୍ରଧାନମନ୍ତ୍ରୀ, ଆର୍‌ଏସ୍‌ଏସ୍ ଉପରେ ଆପତ୍ତିଜନକ ବ୍ୟଙ୍ଗଚିତ୍ର

ନୂଆଦିଲ୍ଲୀ,୧୫।୭(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କର୍ମୀଙ୍କ ଉପରେ ଅନ୍‌ଲାଇନରେ ଆପତ୍ତିଜନକ ବ୍ୟଙ୍ଗଚିତ୍ର ଶେୟାର କରିଥିବା କାର୍ଟୁନିଷ୍ଟ ହେମନ୍ତ ମାଲବ୍ୟଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ବଳପୂର୍ବକ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେଇଛନ୍ତି। ତେବେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ ବଢୁଥିବାରୁ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରିଛନ୍ତି। ଏଗୁଡ଼ିକର ନିୟନ୍ତ୍ରଣ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମାର ଆବଶ୍ୟକତା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ଲୋକେ ଯେକୌଣସି ବ୍ୟକ୍ତିଙ୍କୁ ଯାହା କିଛି କହିଦେଉଛନ୍ତି ବୋଲି ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ବ୍ୟଙ୍ଗ ଚିତ୍ରକର ମାଲବ୍ୟଙ୍କ ବିରୋଧରେ ମଧ୍ୟପ୍ରଦେଶରେ ଏତଲା ଦାଏର ହୋଇଥିବାରୁ କୌଣସି ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନରୁ ଖଣ୍ଡପୀଠ ତାଙ୍କୁ ସୁରକ୍ଷା ଦେଇଛନ୍ତି। ଯଦି କାର୍ଟୁନିଷ୍ଟ ଏହିଭଳି ଆପତ୍ତିଜନକ ବ୍ୟଙ୍ଗଚିତ୍ର ପୋଷ୍ଟ ବା ଶେୟାର ଜାରି ରଖନ୍ତି, ତେବେ ରାଜ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

# ମାନହାନି ମାମଲାରେ ରାହୁଲଙ୍କୁ ଜାମିନ

ଲକ୍ଷ୍ନୌ,୧୫।୭(ପି.ଟି.)

ଏକ ମାନହାନି ମାମଲାରେ ଲକ୍ଷ୍ନୌ କୋର୍ଟ ମଙ୍ଗଳବାର କଂଗ୍ରେସ ଏମ୍‌ପି ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ୨୦୨୨ରେ ଭାରତ ଯୋଡ଼ୋ ଯାତ୍ରା ବେଳେ ସେନା ଯବାନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ରାହୁଲ କୋର୍ଟରେ ହାଜର ହେବା ପରେ ଜାମିନ ମଞ୍ଜୁର କରାଯାଇଥିବା ତାଙ୍କ ଓକିଲ ପ୍ରାନ୍ସୁ ଅଗ୍ରୱାଲ କହିଛନ୍ତି।


# 'ଗଗନୟାନ' ପାଇଁ ଗୁରୁତ୍ୱପୂର୍ଣ୍ଣ ଶୁଭାଂଶୁଙ୍କ ମହାକାଶ ଅଭିଜ୍ଞତା



ଡ୍ରାଗନ୍ ସ୍ପେସକ୍ରାଫ୍ଟରୁ ଶୁଭାଂଶୁ ବାହାରୁଛନ୍ତି।

ନୂଆଦିଲ୍ଲୀ/ୱାଶିଂଟନ୍, ୧୫।୭

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ହାସଲ କରିଥିବା ଅଭିଜ୍ଞତା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଙ୍ଗଳବାର ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) କହିଛି। ଅହମଦାବାଦସ୍ଥିତ ଇସ୍ରୋର ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ଡାଇରେକ୍ଟର ନିଲେଶ ଏମ୍ ଦେଶାଇ କହିଛନ୍ତି, ଆକ୍ସିଓମ୍-୪ ମିଶନ ନିଶ୍ଚିତ ଭାବେ ଶୁଭାଂଶୁଙ୍କ ପାଇଁ ଏକ ଅବିସ୍ମରଣୀୟ ଅଭିଜ୍ଞତା ହୋଇ ରହିବ। ଭାରତର ବହୁ ପ୍ରତୀକ୍ଷିତ ଗଗନୟାନ କାର୍ଯ୍ୟକ୍ରମ ପାଇଁ ତାଙ୍କର ଏହି ଅଭିଜ୍ଞତା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଶୁଭାଂଶୁ ମହାକାଶରେ ବିଭିନ୍ନ ସୁରକ୍ଷା ନିୟମକୁ ଅନୁପାଳନ କରିବା ସହ ସେଠାରେ ସେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣର ପ୍ରଭାବ ସହ ଏକାଧିକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି। ଆଇଏସ୍‌ଏସ୍‌ରେ ଶୁଭାଂଶୁଙ୍କ ଅଭିଜ୍ଞତାକୁ ଇସ୍ରୋ ନିଜର ଗଗନୟାନ କାର୍ଯ୍ୟକ୍ରମରେ ବିନିଯୋଗ କରିବ। ଆକ୍ସିଓମ୍-୪ ମିଶନ ଇସ୍ରୋ ପାଇଁ ଏକ ପ୍ରମୁଖ ଶିକ୍ଷଣୀୟ ସୁଯୋଗ ବୋଲି ସେ କହିଛନ୍ତି। ୨୦୨୭ରେ ଲକ୍ଷ୍ୟ ରଖାଯାଇଥିବା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ ପ୍ରସ୍ତୁତ ହେବାକୁ ଏହି ମିଶନ ଇସ୍ରୋକୁ ସାହାଯ୍ୟ କରିବ। ଗଗନୟାନ ମିଶନରେ ମହାକାଶ ଯିବାକୁ ଥିବା ୪ ଭାରତୀୟ ମହାକାଶଚାରୀଙ୍କ ମଧ୍ୟରେ ଶୁଭାଂଶୁ ରହିଛନ୍ତି। ତେଣୁ ମହାକାଶରେ ବିଭିନ୍ନ ଜରୁରିକାଳୀନ ପରିସ୍ଥିତିର କିପରି ମୁକାବିଲା କରାଯିବ, ଆଇଏସ୍‌ଏସ୍‌ରେ ବିଭିନ୍ନ ଉପକରଣଗୁଡ଼ିକୁ କିପରି ବ୍ୟବହାର କରାଯିବ ଆଦି ନେଇ ଶୁଭାଂଶୁଙ୍କ ବିଭିନ୍ନ ଅନୁଭବ ଆଗାମୀ ଗଗନୟାନ ମିଶନରେ ଭାରତକୁ ଲାଭଦାୟକ ହେବ। ଚଳିତବର୍ଷର ଶେଷ ଭାଗରେ ଏକ ମାନବବିହୀନ ଉଡ଼ାଣ ସହ ଇସ୍ରୋର ଗଗନୟାନ ମିଶନର ଶୁଭାରମ୍ଭ ହେବ ବୋଲି ସେ କହିଛନ୍ତି।



ଜଳାବତରଣର ଠିକ୍ ପୂର୍ବରୁ ଡ୍ରାଗନ୍ ସ୍ପେସକ୍ରାଫ୍ଟ ୪ ପାରାଚ୍ୟୁଟ୍ ନିୟୋଜିତ କରିଛି।



ଜଳାବତରଣ ପରେ ସାନୋନ୍ ରିକୋଭରି ଜାହାଜରେ ଡ୍ରାଗନ୍ ସ୍ପେସକ୍ରାଫ୍ଟକୁ ରଖାଯାଇଛି।

## ୭ ଦିନ ରିହାବିଲିଟେଶନରେ ରହିବେ

ମହାକାଶରେ ପ୍ରାୟ ୩ ସପ୍ତାହ ରହିବା ପରେ ଶୁଭାଂଶୁଙ୍କୁ ମିଶାଇ ଆକ୍ସିଓମ୍-୪ ମିଶନର ୪ ମହାକାଶଚାରୀ ମଙ୍ଗଳବାର ପୃଥିବୀରେ ଅବତରଣ କରିଛନ୍ତି। ଅବତରଣ ପରେ ସେମାନଙ୍କର ମେଡିକାଲ ଚେକ୍‌ଅପ୍ କରାଯାଇଛି। ଦୀର୍ଘ ୩ ସପ୍ତାହ ପରେ ଫେରିଥିବାରୁ ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଶୁଭାଂଶୁଙ୍କୁ କିଛିଦିନ ସମୟ ଲାଗିବ। ତେଣୁ ଶୁଭାଂଶୁ ଏବଂ ମିଶନର ୩ ଅନ୍ୟ ମହାକାଶଚାରୀ ଏକ ୭ ଦିନିଆ ରିହାବିଲିଟେଶନ୍ ପ୍ରୋଗ୍ରାମରେ ରହିବେ। ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଏହି କାର୍ଯ୍ୟକ୍ରମରେ ଜଣେ ଫ୍ଲାଇଟ ସର୍ଜନଙ୍କ ତତ୍ତ୍ୱାବଧାନରେ ଶୁଭାଂଶୁ ଏବଂ ୩ ଅନ୍ୟ ମହାକାଶଚାରୀ ତାଲିମ ନେବେ।

“ ସଫଳ ମହାକାଶ ଯାତ୍ରା ପାଇଁ ଶୁଭାଂଶୁଙ୍କୁ ଅଭିନନ୍ଦନ। ତାଙ୍କର ଏହି ଯାତ୍ରା ଦ୍ୱାରା ମହାକାଶ ଅନୁସନ୍ଧାନ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛି।

**- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

“ ଶୁଭାଂଶୁଙ୍କୁ ପୃଥିବୀକୁ ସ୍ୱାଗତ। ଆକ୍ସିଓମ୍-୪ ମିଶନରେ ସେ ଇତିହାସ ରଚିବା ସହ ଭାରତକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ଯାତ୍ରା ଅନେକଙ୍କୁ ପ୍ରେରଣା ଯୋଗାଇଛି।

**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି**

“ ଭାରତ ପାଇଁ ଗର୍ବର ମୁହୂର୍ତ୍ତ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ନୂତନ ସୋପାନକୁ ଅତିକ୍ରମ କରିଛି।

**- କେନ୍ଦ୍ର ମହାକାଶ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ**

“ ଶୁଭାଂଶୁଙ୍କ ଏହି ସଫଳତା ଭାରତୀୟମାନଙ୍କ ଆକାଂକ୍ଷାକୁ ଏକ ନୂତନ ଉଚ୍ଚତାରେ ପହଞ୍ଚାଇଛି।

**- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ**

“ ଭାରତର ଆଗାମୀ ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ ଗଗନୟାନ ନିଜ ଟ୍ରାକ୍‌ରେ ରହିଛି। ଏହି ମିଶନ ପାଇଁ ଗଗନଯାତ୍ରୀଙ୍କୁ ତାଲିମ ଦିଗରେ ଇସ୍ରୋ କାର୍ଯ୍ୟ କରୁଛି।

**- ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ**

## ଆଇଏସ୍‌ଏସ୍‌ରେ ଶୁଭାଂଶୁ କ'ଣ କଲେ



**ଆକ୍ସିଓମ୍**-୪ ମିଶନ ଅଧୀନରେ ୪ କ୍ରିଉ ସଦସ୍ୟ ଆଇଏସ୍‌ଏସ୍‌ରେ ଔଷଧ, କୃଷି, ମହାକାଶ ଅନୁସନ୍ଧାନ ଆଦି ବିଭିନ୍ନ କ୍ଷେତ୍ରରେ ୬୦ରୁ ଅଧିକ ପରୀକ୍ଷଣ କରିଥିଲେ। ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ୭ଟି ପରୀକ୍ଷଣ କରିଥିବା ଇସ୍ରୋ ସୂଚନା ଦେଇଛି। ମହାକାଶରେ ରହିବା ଦ୍ୱାରା ମଣିଷଙ୍କଠାରେ ମାୟୋଜେନେସିସ୍ ନାମରେ ଜଣାଶୁଣା ମାଂସପେଶୀ ଟିସ୍ୟୁ ବିକାଶ କିପରି ପ୍ରଭାବିତ ହୋଇଥାଏ, ସେନେଇ ଶୁଭାଂଶୁ ପରୀକ୍ଷଣ କରିଥିଲେ। ମହାକାଶରେ ମାଂସପେଶୀ ହ୍ରାସକୁ ବୁଝିବା ପାଇଁ ସେ ଏହି ଗବେଷଣା କରିଥିଲେ। ସେହିପରି ଶୁଭାଂଶୁ ନିଜ ସହ ନେଇଯାଇଥିବା ମେଥି ଏବଂ ମୁଗ ବିହନକୁ ଏକ ପେଟ୍ରି ଡିସ୍‌ରେ ଅଙ୍କୁରିତ କରି ଏହାକୁ ଏକ ଷ୍ଟୋରେଜ ଫ୍ରିଜରରେ ଭର୍ତ୍ତି କରିଥିଲେ। ଏହି ଅବଧି ମଧ୍ୟରେ ସେ ସାଇନୋ ବ୍ୟାକ୍ଟେରିଆର ୨ଟି ପ୍ରଜାତି ଏବଂ ସୂକ୍ଷ୍ମ ଶୈବାଳ ଉପରେ ମଧ୍ୟ ପରୀକ୍ଷଣ କରିଥିଲେ। ଶୂନ୍ୟ ଗୁରୁତ୍ୱାକର୍ଷଣରେ କମ୍ପ୍ୟୁଟର ସ୍କ୍ରିନ୍ ବ୍ୟବହାରର ପ୍ରଭାବକୁ ବିଶ୍ଳେଷଣ କରିବା ପାଇଁ ଶୁଭାଂଶୁ ଭୋୟଜର ଡିସ୍‌ପ୍ଲେ ପରୀକ୍ଷଣ କରିଥିଲେ। ଏହି ପରୀକ୍ଷଣ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ସେ ଆଇଏସ୍‌ଏସ୍‌ରେ ଜଳ ସହ ଏକ ଶୂନ୍ୟ ଗୁରୁତ୍ୱାକର୍ଷଣ ପରୀକ୍ଷଣକୁ ମଧ୍ୟ ପ୍ରଦର୍ଶନ କରିଥିଲେ। ଜଳ ମାଧ୍ୟମରେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣ କିପରି ଦୈନନ୍ଦିନ ପଦାର୍ଥ ବିଜ୍ଞାନକୁ ରୂପାନ୍ତରିତ କରୁଛି, ତାହା ଏହି ପରୀକ୍ଷଣ ମାଧ୍ୟମରେ ଶୁଭାଂଶୁ ଦର୍ଶାଇଥିଲେ।

**ନାବାଳିକାଙ୍କ ଆତ୍ମହତ୍ୟା**

ମୋରଡ଼ା,(ସ୍ମାରକ ମାଝୀ): ମୟୂରଭଞ୍ଜ ଜିଲା ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତର ସମାଡ଼ିହି ପାଟିଆଉଡା ଗ୍ରାମର ଜଣେ ନାବାଳିକା ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାରମାଲଇସ୍ଥିତ କିଶାନଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ନିବେଦିତା ନାଏକ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



## ମୟୂରଭଞ୍ଜ

# ୪,୦୬,୬୨୦ ହେକ୍ଟର ଜମିରେ ହେବ ଖରିଫ ଫସଲ

ବାରିପଦା,୧୫।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ):



ବୈଠକରେ ଉପସ୍ଥିତ ଅଧିକାରୀମାନେ।

### ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

ମୟୂରଭଞ୍ଜ ଜିଲାରେ ଚଳିତ ୨୦୨୫ ଖରିଫ ଫସଲ ଚାଷ ପାଇଁ ଜିଲାସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ମଙ୍ଗଳବାର ଅପରାହ୍ନ ୩ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇଏଏସ ପ୍ରୋବେସନର ମିସ କାଶିଷ ବନ୍ସ୍ରି, ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ରଞ୍ଜନ ଦାସ, ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ଟଙ୍କଧର କାଲୋ,ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମଳୟ କୁମାର ସାହୁ, ଓଆଇଏସଏସ ଅଶୋକ ପାଣି, ଶ୍ୟାମାଖୁଣ୍ଟା କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ସଂଘମିତ୍ରା ପଟ୍ଟନାୟକ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦୀପକ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ଡିଡିଏମ ନାବାର୍ଡ ଶରତ କୁମାର ମହାନ୍ତି, ଏଲଡିଏମ ସୂର୍ଯ୍ୟନାରାୟଣ ମହାନ୍ତି, ଜିଲାର ସମସ୍ତ କୃଷି ଅଧିକାରୀ, ସମ୍ପୃକ୍ତ ଲାଇନ ବିଭାଗର ପଦାଧିକାରୀ ଯୋଗ ଦେଇଥିଲେ। ଜିଲାର କୃଷି ଭିତ୍ତିକ ଚଳିତ ଖରିଫ ଫସଲ ୨୦୨୫ ଏବଂ ରବି ଫସଲ ୨୦୨୪-୨୫ ର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲାରେ ଥିବା ଜଳସେଚନ ପ୍ରକଳ୍ପ ଉପରେ ଉପଯୋଗିତାକୁ ଆଧାର କରି ଆନୁମାନିକ ମୋଟ ୪,୦୬,୬୨୦ ହେକ୍ଟର ଜମିରେ ବିଭିନ୍ନ ଖରିଫ ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିରେ ଧାନ ୨, ୯୨,୮୬୦ ହେକ୍ଟର, ମକା ୪୨୬୦ ହେକ୍ଟର, ମାଣ୍ଡିଆ ୭୯୦୦ ହେକ୍ଟର, ମାଣ୍ଡିଆ ଜାତୀୟ ୧୮୦୦ ହେକ୍ଟର, ଡାଲି ଜାତୀୟ ୨୫,୯୮୦ ହେକ୍ଟର, ତୈଳବୀଜ ୬୨୦୦ ହେକ୍ଟର, ତନ୍ତୁ ଜାତୀୟ ୭୪୦ ହେକ୍ଟର, ପନିପରିବା ୫୬,୭୪୦ ହେକ୍ଟର ଓ ମସଲା ଜାତୀୟ ୧୧୨୪୦ ହେକ୍ଟର ଜମିରେ ଫସଲ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ସେହିପରି ୧୪୦୪୨.୨୫ କୁଇଣ୍ଟାଲ ବିହନ ଓ ୪୫୧୦୦ ମେଟ୍ରିକ ଟନ ସାର ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଜିଲା କୃଷି ବିଭାଗ ଯୋଜନା କାର୍ଯ୍ୟ ସୂଚୀ ଉପରେ ପ୍ରଥମେ ଚଳିତ ୨୦୨୫ ଖରିଫ ଫସଲ ଚାଷ ସମ୍ପର୍କିତ ଯଥା ଜିଲାର ବୃଷ୍ଟିପାତ, ବିଭିନ୍ନ ଫଳ ଚାଷ ଓ ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାରର ପ୍ରୟୋଗ, ବିଭିନ୍ନ କୃଷି ଯନ୍ତ୍ରପାତିର ଉପଯୋଗ, କୃଷି ଋଣ ସହାୟତା, ରାଷ୍ଟ୍ରୀୟ କୃଷିବିକାଶ ଆଦି ଯୋଜନା ଉପରେ ସମୀକ୍ଷା ମୂଳକ ଆଲୋଚନା କରିଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ଜାତୀୟ ଖାଦ୍ୟ ସୁରକ୍ଷା ଓ ପୋଷଣ ମିଶନ, ଓଡ଼ିଶା ମିଲେଟ ମିଶନ, ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରାଷ୍ଟ୍ରୀୟ କୃଷିବିକାଶ ଯୋଜନା,ପି ଏମ କିଷାନ/ସିଏମ କିଷାନ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଓ ଫସଲ ବୀମା ଯୋଜନା ଇତ୍ୟାଦି କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଧ୍ୟାନ ଦେବା ସହିତ କୃଷି ଓ କୃଷକ ମାନଙ୍କ ବିକାଶ ପାଇଁ ଲକ୍ଷ ଧାର୍ଯ୍ୟ ଥିବା ଗିହାଡିରେ ଗଭୀର ନଳକୂପ ଖନନ, ବିଭିନ୍ନ କୃଷି ଯାନ୍ତ୍ରିକ ଉପକରଣ ଏବଂ କୃଷି ଉଦ୍ୟୋଗ ବିକାଶ ପାଇଁ ଉଦିଷ୍ଟ ଥିବା ସୁବିଧା ସୁଯୋଗ ଆଦି ସମସ୍ତ କାର୍ଯ୍ୟକ୍ରମ ସମ୍ପୃକ୍ତ ବିଭାଗଗୁଡିକର ସମନ୍ୱୟରେ ତରାନ୍ୱିତ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଚାଷୀ ଯେମିତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବେ ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ବୈଠକରେ ୩୬ଟମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା )ଯୋଜନା କାର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡ଼ା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ୨୦୨୫-୨୬ ବର୍ଷର ଖରିଫ ଫସଲ କାର୍ଯ୍ୟକ୍ରମରେ ଚାଷୀମାନଙ୍କ କୃଷି ଭିତ୍ତିକ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ କୃଷି ଅଧିକାରୀ ମଧୁସ୍ମିତା ଜେନା, ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳା ପରିଚାଳନା କରିଥିଲେ। ରମାକାନ୍ତ ପାତ୍ର , ରାଜାରାମ ସାହୁ, ତାପସ କୁମାର ସାହୁ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ବାରିପଦା କୃଷି ଜିଲା ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ଶମ୍ବର ମାଂସ ଓ ପକ୍ଷୀ ଜବତ, ୪ ଗିରଫ

ବାରିପଦା,୧୫।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ):

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ଗୁଡୁଗୁଡିଆ-ଯଶିପୁର ରାସ୍ତାର ବଡ଼ଶୋଳ ଗ୍ରାମରୁ ୨ ପକ୍ଷୀ ବ୍ୟବସାୟୀଙ୍କୁ ବନ ବିଭାଗ ଗିରଫ କରିଛି। ସେମାନଙ୍କଠାରୁ ୨ଟି କମନ ହିଲ୍ ମାଇନା ପକ୍ଷୀ ଶାବକ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଯଶୀପୁର ଥାନା ଅଧୀନ ମାଟିଆଗଡ଼ ଗ୍ରାମର ମାନ ଦେହୁରୀ(୪୦) ଓ ଗୁଡୁଗୁଡ଼ିଆ ଗ୍ରାମର ଅତୁଲ ଚନ୍ଦ୍ର ବେହେରା(୫୬)। ସେହିପରି ଠାକୁରମୁଣ୍ଡା ଅଞ୍ଚଳର କେଶଡିହା ଗ୍ରାମର ୨ ଅଭିଯୁକ୍ତଙ୍କଠାରୁ ସୋମବାର ଅପରାହ୍ନ ୪ ଟାରେ ୨ କି.ଗ୍ରା. ଶମ୍ବର ମାଂସ ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଶରତ ଥାନା ଅଧୀନ ପ୍ରସନ୍ନଚନ୍ଦ୍ରପୁର ଗ୍ରାମର ଚାର୍ଲସ ବଇପାଇ(୪୭) ଓ ମହୁଲଡିହା ଥାନା ପାତ୍ରପଡା ଗ୍ରାମର ତ୍ରିବନ ହୋ(୩୫)। ସେମାନେ ବ୍ୟବହାର କରୁଥିବା ଏକ ବାଇକ୍ ଓ ମୋବାଇଲ ଫୋନ ଜବତ ହୋଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ପୃଥକ୍ ମାମଲା ରୁଜୁ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ କହିଛନ୍ତି।



ଗିରଫ ଅଭିଯୁକ୍ତ।

# ଇନ୍‌ଷ୍ଟାଗ୍ରାମ ପ୍ରେମ ମହଙ୍ଗା ପଡ଼ିଲା, ଯୁବକ ଗିରଫ

ବୈଶିଙ୍ଗା,୧୫।୭(ରତନ ଦାଶ)–

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ କିଛି ଦିନ ହେବ ଇନଷ୍ଟାଗ୍ରାମ ଓ ଫେସବୁକ ସମ୍ପର୍କକୁ ନେଇ ରୋଚକ ଘଟଣାମାନ ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣାରେ ମଙ୍ଗଳବାର ବାଲେଶ୍ୱର ରେମୁଣା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଶ୍ରୀକାନ୍ତ ଜେନା (୨୫) ନାମକ ଜଣେ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ସମ୍ପୃକ୍ତ ଯୁବକଙ୍କ ସହିତ ବେତନଟୀ ଅଞ୍ଚଳର ଏକ ମହା ମହାବିଦ୍ୟାଳୟରୁ ଚଳିତ ବର୍ଷ +୩ ପାସ କରିଥିବା ଜଣେ ଯୁବତୀଙ୍କ ସମ୍ପର୍କ ଇନଷ୍ଟାଗ୍ରାମରୁ ସୃଷ୍ଟି ହୋଇଥିଲା। ସେମାନେ ଉଭୟ ଉଭୟଙ୍କୁ ଫଟୋ ମଧ୍ୟ ସେୟାର କରିଥିଲେ। ମଙ୍ଗଳବାର ଯୁବକ ଜଣଙ୍କ ଯୁବତୀଙ୍କୁ ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟକୁ ଡାକିଥିଲେ ସାକ୍ଷାତ ପାଇଁ। ତେବେ ଯୁବତୀଙ୍କ ଲିଖିତ ଅଭିଯୋଗରେ ଯୁବକ ତାଙ୍କ ସହିତ ଯିବାପାଇଁ ଜିଦ କରିବାପରେ ଉଭୟଙ୍କ ମଧ୍ୟରେ ବଚସା ଓ ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତ ଯୁବତୀଙ୍କୁ ଅପହରଣ କରିନେବା ପାଇଁ ଧମକ ଚମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ନେଇ ପୋଲିସ ଏକ ମାମଲା(ନଂ. ୩୪୯/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

# ଭଞ୍ଜସେନାରେ ମିଶିଲେ ଯୁବଗୋଷ୍ଠୀ



ଭଞ୍ଜସେନାରେ ସାମିଲ ହୋଇଥିବା ଯୁବଗୋଷ୍ଠୀ।

ବାରିପଦା,୧୫।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାଠାରେ ମୟୂରଭଞ୍ଜ ଜିଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଯୁବ ଛାତ୍ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ମାଟି ଓ ଜିଲାବାସୀଙ୍କ ସ୍ୱାର୍ଥ ପାଇଁ ଭଞ୍ଜସେନାର ୨୭ ବର୍ଷ ନିରବଚ୍ଛିନ୍ନ ଆନ୍ଦୋଳନରେ ଅନୁପ୍ରାଣୀତ ହୋଇ ବାଙ୍ଗିରିପୋଷି ଓ ବାରିପଦା ସହର ସମେତ ଆଖପାଖ ଅଞ୍ଚଳ, ସାମାଖୁଣ୍ଟା ବ୍ଲକ ଏବଂ ପୋଡ଼ା ଅସ୍ତିଆ ଅଞ୍ଚଳର ଶତାଧିକ ଯୁବ ଓ ଛାତ୍ରମାନେ ମିଶ୍ରଣ ଦିବସରେ ଭଞ୍ଜ ସେନା ସହ ଜଡ଼ିତ ହୋଇଛନ୍ତି।

ମିଶ୍ରଣ ପର୍ବ ସଭାରେ ସର୍ବ ପ୍ରଥମେ ବାଲେଶ୍ୱର ଜିଲା ଫକୀର ମୋହନ ବିଶ୍ୱବିଦ୍ୟାଳୟର ବିଏଡ ଛାତ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥି ସହିତ ସଙ୍ଗଠନର ସଭାପତି ପିଣ୍ଟୁ ମାଇତିଙ୍କ ପୌରହିତ୍ୟରେ ସଭା ଅନୁଷ୍ଠିତ ହେବା ସହ ଅଧ୍ୟକ୍ଷ ସଞ୍ଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଆବାହକ ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା,ସାଧାରଣ ସମ୍ପାଦକ ଓ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଉପ ସଭାପତି ବିଜୁ ସିଂ, ସହର ସଭାପତି ରାକେଶ ମହାନ୍ତି, ଯୁବ ସଭାପତି ଏସ. କେ ରାଜା ଖାଁ ପ୍ରମୁଖ ଉପସ୍ଥିତ ରହି ଶ୍ୟାମାଖୁଣ୍ଟା ବ୍ଲକ କାର୍ଯ୍ୟକାରୀ ସଭାପତି ଦୀପକ ବେହେରାଙ୍କ ନେତୃତ୍ୱରେ ଆସିଥିବା ୩ଶହରୁ ଉର୍ଦ୍ଧ୍ୱ ଯୁବ ଛାତ୍ରଙ୍କୁ ସ୍ୱାଗତ କରିବା ସହ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇ ଥିଲେ।

# ୫ ଶିକାରୀ ଗିରଫ, ୨ ବନ୍ଧୁକ ଜବତ

ବାରିପଦା,୧୫।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ):



ଗିରଫ ୫ ଶିକାରୀ ଓ ଜବତ ବନ୍ଧୁକ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ଖଞ୍ଜା ଯାଇଥିବା ବୁଦ୍ଧିମତା ନେଟୱାର୍କ(ଏଆଇ) କ୍ୟାମେରାରୁ ୫ ଶିକାରୀଙ୍କୁ ବନ ବିଭାଗ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉଦଳା ଥାନା ତାଳସରାଇ ଗ୍ରାମର ଗୋବିନ୍ଦ ହୋ(୩୫), ମଙ୍ଗଳ ହୋ(୩୮), ସମୁ ସାମାଡ(୩୪), କପ୍ତିପଦା ଥାନା ପଥରଖଣି ଗ୍ରାମର ବାହାଦୁର ସିଦୁ(୨୬) ଓ ବିକ୍ରମ ସାମାଡ(୩୨)। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ ସମେତ ବିପୁଳ ବିସ୍ଫୋରକ ଜବତ ହୋଇଛି। ଘଟଣାସ୍ଥଳରୁ ଅନ୍ୟ ଜଣେ ଶିକାରୀ ଫେରାର ହୋଇଯାଇଛନ୍ତି। ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି । ଏହା ସହିତ ଆର୍ମ୍ସ ଆକ୍ଟ ଅନୁଯାୟୀ ପୋଲିସ ପକ୍ଷରୁ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଜୁନ ୩୦ରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଭବସାରେ ଅଧିନ କୋର ଅଂଚଳରେ ୬ ଶିକାରୀ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିଲେ। ଏହାର ଫଟୋ ଚିତ୍ରକୁ ଏଆଇ କ୍ୟାମେରା ଉତ୍ତୋଳନ କରି ବନ ବିଭାଗକୁ ଅବଗତ କରିଥିଲା । ଯାହାକୁ ନେଇ ବନ ବିଭାଗର କର୍ମଚାରୀମାନେ ଶିକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ଘରେ ଚଢ଼ାଉ କରିଥିଲେ। ସେମାନେ ଜଙ୍ଗଲରେ ଲୁଚାଇଥିବା ଦେଶୀ ବନ୍ଧୁକ ସହ ଶିକାର ସାମଗ୍ରୀକୁ ଜବତ କରିଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଗୌଡା କହିଛନ୍ତି।

# ଉଦଳାରେ ବିଜେଡିର ପ୍ରତିବାଦ ସଭା

ଉଦଳା,୧୫।୭(ସନ୍ତୋଷ କୁମାର ବାଛିନୀ)

ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ପରେ ଏବେ ରାସ୍ତାକୁ ଓହ୍ଲାଇଛି ବିଜେଡି। ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଯାହାକୁ ନେଇ ମଙ୍ଗଳବାର ଉଦଳା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକାକୁ ବଜାର ପରିକ୍ରମା କରାଯାଇଥିଲା। ଏହା ପରେ ସ୍ଥାନୀୟ ମଧୁବାବୁ ଛକ ନିକଟରେ ପ୍ରିନ୍ସିପାଲ ଏବଂ କଲେଜ ଅଧ୍ୟକ୍ଷଙ୍କ ନାମରେ ଲାଗିଥିବା ଦଫା ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନାମରେ ଲଗାଇ ତୁରନ୍ତ ଗିରଫ କରିବାକୁ ବିଜେଡି ନେତାମାନେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ଏନଏସି ଉପନଗରପାଳ ଲିଲି ଭୋଳ,ଗୋବିନ୍ଦ ନାୟକ, ଡିକେନ୍ସ ବେହେରାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# କଂଗ୍ରେସର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

କରଞ୍ଜିଆ, ୧୫।୭(କବିତା ମହାନ୍ତ):

କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୟୂରଭଞ୍ଜ (ପଶ୍ଚିମାଞ୍ଚଳ) ଜିଲା କଂଗ୍ରେସ ତରଫରୁ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଭୁବନ ସାହୁଙ୍କ ନେତୃତ୍ୱରେ ଏକ ରାଲି ସଙ୍ଗୀତ ମହାବିଦ୍ୟାଳୟଠାରୁ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ତରଫରୁ ଲକ୍ଷ୍ମୀଧର ସିଂ, ଜାମାନୀ ଗୁଡ୍ଡୁ, ରାହୁଲ ସିହ୍ନା, ଗୌରାଙ୍ଗ ବାଣ୍ଡିଆ, ଗୋଲାପ ସୋରେନ, ଦେବାଶିଷ ସେଠୀ, ପ୍ରଫୁଲ୍ଲ ବେହେରା, ସୁବାଷ ନାୟକ, ନିର୍ମଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ବାରିପଦାରେ ରାସ୍ତା ଅବରୋଧ

### ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା

ବାରିପଦା,୧୫।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ବାଲେଶ୍ୱରସ୍ଥିତ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ମୟୂରଭଞ୍ଜ ଜିଲା ବାରିପଦାଠାରେ ଉତ୍ତେଜନା ପ୍ରକାଶ ପାଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଜେଡି ପକ୍ଷରୁ ୧୮ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ସ୍ଥାନୀୟ ମୁର୍ଗାବାଡ଼ି ନିକଟସ୍ଥ ଜୁବୁଲି ପେଟ୍ରୋଲ ପମ୍ପ ଛକ ସମ୍ମୁଖରେ ବିଜେଡି କର୍ମୀମାନେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରୀ ଜଣକ ତାଙ୍କ ସମସ୍ୟା ନେଇ ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିଥିବା ସତ୍ତ୍ୱେ ନ୍ୟାୟ ପ୍ରଦାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିଲେ । ନ୍ୟାୟ ଦାବିରେ ନିରାଶ ହୋଇ ଶେଷରେ ଛାତ୍ରୀ ଜଣକ ଆତ୍ମାହୁତି ଦେବା ଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହୋଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଉଭୟ ଦାୟୀ ଅଟନ୍ତି। ଡବଲ ଇଞ୍ଜିନ ସରକାରରେ ନାରୀ ନିର୍ଯାତନାର ମାତ୍ରା ଅନେକ ବୃଦ୍ଧି ପାଇଥିବା ବେଳେ ତାହାକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ତେଣୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଇସ୍ତଫା ପ୍ରଦାନ କରିବା ଆବଶ୍ୟକ ବୋଲି ବିଜେଡି କର୍ମୀମାନେ ଦାବି କରିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି, ବାରିପଦା ସଦର ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ପହଞ୍ଚି ଅବରୋଧକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ପୋଲିସ ସମସ୍ତ ଅବରୋଧକାରୀଙ୍କୁ ଜୋର ଜବରଦସ୍ତ ଉଠାଇ ନେଇଥିଲା। ପାଖାପାଖି ୧ଘଣ୍ଟା ଧରି ରାସ୍ତା ଅବରୋଧ ଫଳରେ ଅନେକ



ବିଜେଡି ନେତାଙ୍କୁ ପୋଲିସ ବୁଝାଶୁଝା କରୁଛି।

ସଂଖ୍ୟକ ଗାଡ଼ି ଜାତୀୟ ରାଜପଥରେ ଅଟକି ରହିଥିଲା। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବିଜେଡି ଜିଲା(ପୂର୍ବ) ସଭାପତି ସୁଦାମ ମାର୍ଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ମୟୁରଭଞ୍ଜ-୨ ଜିଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପ୍ରୀତିନନ୍ଦା କାନୁନଗୋ, ଜିତେନ୍ଦ୍ର ମହାନ୍ତି, ପ୍ରଭାତ ନାୟକ, ଜିଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ସୁଜିତ ମହାନ୍ତି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସୁନୀଲ କୁମାର ନାୟକ, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼ଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ସେହିପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ପୂର୍ବ ଜିଲା କଂଗ୍ରେସ ତରଫରୁ ସ୍ଥାନୀୟ ଏମପିସି କଲେଜ ସମ୍ମୁଖରେ ଜିଲା ପୂର୍ବ ସଂଯୋଜକ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ବେପାର ସଭାପତି ଯୋଗେଶ ଅଗ୍ରୱାଲ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ମୋତିପ୍ରକାଶ ଦାସ, ଜିଲା ସଭାନେତ୍ରୀ ସୁସ୍ମିତା ଘୋଶାଲ, ଜିଲା ପଞ୍ଚାୟତ ପରିଷଦ ଅଧ୍ୟକ୍ଷ ଶିବାନନ୍ଦ ଦାସ, ଜିଲା କୃଷକ ସେଲ ଅଧ୍ୟକ୍ଷ ଦୀପକ ଦାସ, ମାଧବୀ ସେନାପତି, ଶୁଭସ୍ମିତା ଦାସ, ଫରିଦା ତବସୁମ, ସେକ ଇକବାଲ ସହ ଦଳର ପ୍ରମୁଖ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 08/2025-26**

No. 2501 / Date : 10.07.2025

**No.B-296** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.23.07.2025 at 05.00 P.M. to dt.06.08.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.07.08.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer Electrical Circle (R&B) Odisha, BBSR

OIPR-34006/11/0040/2526

**OFFICE OF THE ENGINEER-IN-CHIEF, RURAL WORKS,**
**ODISHA, BHUBANESWAR-751001 (UNIT-IV, SACHIVALAYA MARG, BHUBANESWAR)**

E-mail ID : cerwbuilding_bbsr@yahoo.com

File No.Bld.215/2024 22232 Date : 10.07.2025

Bid Identification No.-01-Bld.-2025-26

**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

**No.O-420** : Chief Engineer, Buildings & Bridges, O/o the EIC, Rural Works, Odisha, Bhubaneswar invites technical and financial proposals from reputed Architectural and Planning consulting firms for **"Engagement of Consultant for Preparation of Plan, DPR (CIVIL+EI+PH), BOQ, bid Documents & Construction Monitoring for Construction of Block Level Stadiums (componets like Football / Cricket Field, Clay Athletic Track with throw and jump area, Volleyball / Kho Kho / Kabaddi Court, Indoor Hall (Badminton, Table Tennis etc.), Common facility centre etc.) in different Districts of Odisha (Eastern Zone, Southern Zone, Western Zone & Northern Zone)."** Details are as follows :

| | | |
|---|---|---|
| 1. | Bid documents such as RFP etc. can be seen/downloaded during the period | 16.07.2025 to 30.07.2025 upto 05:30 P.M. |
| 2. | Deadline for Submission of Pre-Bid Queries to **cerwbuilding_bbsr@yahoo.com** | Upto 05:30 P.M. on 24.07.2025 |
| 3. | Online bids shall be received till | Upto 05:30 P.M. on 30.07.2025 |
| 4. | Date of opening of technical bids | At 11:30 A.M. on 31.07.2025 |
| 5. | Date of opening of financial Bid | To be intimated later |
| 6. | Bid Processing Fee (Non-Refundable) | Rs.10000/- (Rupees Ten Thousand) only |

Chief Engineer, Buildings & Bridges has the right to accept or reject the Notice/RFP without assigning any reasons thereof.

Sd./- Chief Engineer, Buildings & Bridges Rural Works, Odisha, Bhubaneswar

OIPR-25191/11/0007/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK**

E-Mail I.D.- rw_cuttack@yahoo.co.in, Ph.No.0671-2440662

**1st Corrigendum to Tender Call Notice No. Tender-Online-RWD Ctc-02/2025-26, dt.02.07.2025**

No.O-428: Due to unavoidable circumstances the dates are changing as follow:-

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to |
| Superintending Engineer, Rural Works Division, Cuttack | RWD Ctc-02/2025-26 | 11.07.2025 At 11.00 AM | 21.07.2025 At 11.00 AM | 22.07.2025 upto 5.00 PM | 02.08.2025 upto 5.00 AM | 21.07.2025 upto 5.00 AM | 01.08.2025 upto 5.00 AM | 23.07.2025 upto 11.00 AM | 04.08.2025 upto 11.00 AM | Will be intimated later | Will be intimated later |

All other terms & conditions remain unchanged.

OIPR-25053/11/0034/2526

Sd./- Superintending Engineer, Rural Works Division, Cuttack

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆୟ ଉପରେ ଟର୍ମ ଇନ୍‌ସ୍ୟୁରାନ୍ସର ଆବଶ୍ୟକତା

**ଭୁବନେଶ୍ୱର,୧୫।୭**

ବର୍ତ୍ତମାନ ସମୟରେ ବୀମାର ଆବଶ୍ୟକତା ଓ ଚାହିଦାର ବୃଦ୍ଧି ଘଟିଛି। ଆଜି ମଧ୍ୟ ଅନେକ ଭାରତୀୟ ପରିବାର ପ୍ରାୟତଃ ସୀମିତ ସଚେତନତା କିମ୍ବା ଗୁଜବ କାରଣରୁ ଟର୍ମ ଇନ୍‌ସ୍ୟୁରାନ୍ସକୁ ଅଣଦେଖା କରିବା ଜାରି ରଖିଛନ୍ତି। କିନ୍ତୁ ଟର୍ମ ଇନ୍‌ସ୍ୟୁରାନ୍ସ କେବଳ ଏକ ଖର୍ଚ୍ଚ ନୁହେଁ, ଏହା ଏକ ସୁରକ୍ଷାକବଚ ପାଲଟିଛି। ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ ଇନ୍‌ସ୍ୟୁରାନ୍ସର ଜୋନାଲ ଡାଇରେକ୍ଟର ସନ୍ତୋଷ ଚାକୋ କହିଛନ୍ତି, ଅଧିକାଂଶ ଭାରତୀୟ ପରିବାର ପାଖରେ ଏକାଧିକ ଲୋକ ଗୋଟିଏ ଆୟ ଉପରେ ନିର୍ଭର କରିଥାନ୍ତି। ଯଦି ସେହି ଗୋଟିଏ ଆୟ ହଠାତ୍ ଜୀବନର କୌଣସି ଅନିଶ୍ଚିତତା କାରଣରୁ ବନ୍ଦ ହୋଇଯାଏ, ତେବେ ତାହାର ପ୍ରଭାବ ସାରା ପରିବାର ଉପରେ ପଡ଼ିଥାଏ। ଏଭଳି କ୍ଷେତ୍ରରେ ଟର୍ମ ଇନ୍‌ସ୍ୟୁରାନ୍ସ ଜରୁରୀ ହୋଇପଡିଥାଏ। ଏହା ମୃତକଙ୍କ ପରିବାର ସଦସ୍ୟଙ୍କୁ ନିଜର ଜୀବନଶୈଳୀ ବଜାୟ ରଖିବା, ଋଣ ପଇଠ କରିବା ଓ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ଏପରିକି ଆୟ ଉପରେ ଟର୍ମ ଇନ୍‌ସ୍ୟୁରାନ୍ସର ଆବଶ୍ୟକତା ନିର୍ଭର କରିଥାଏ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଟର୍ମ ଇନସ୍ୟୁରାନ୍ସ ଆପଣଙ୍କ ପ୍ରିୟଜନଙ୍କ ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିଥାଏ। ଏହା ହିଁ ଟର୍ମ ଇନ୍‌ସ୍ୟୁରାନ୍ସର ସବୁଠାରୁ ବଡ ଶକ୍ତି ଏବଂ ଏହା ଶୁଦ୍ଧ ଲାଇଫ କଭର ପ୍ରଦାନ କରିଥାଏ, ଯାହାର ଅର୍ଥ ହେଉଛି ଯଦି ଶୀଘ୍ର କ୍ରୟ କରାଯାଏ ତେବେ କମ୍ ପ୍ରିମିୟମରେ ଅଧିକ କଭରେଜ ରହିଥାଏ। ଏଥିରେ କୌଣସି ମାଚ୍ୟୁରିଟି କିମ୍ବା ସର୍ଭାଇଭାଲ ବେନିଫିଟ ନ ଥାଏ, ଯାହା ଏହାକୁ ଅତୁଳନୀୟ ଭାବେ ସୁଲଭ ଓ ଦକ୍ଷ କରିଥାଏ। ଏହା ରିଟର୍ନ କିମ୍ବା ବୋନସ ଉପରେ ନୁହେଁ ବରଂ କେବଳ ଆପଣଙ୍କ ପ୍ରିୟଜନଙ୍କ ଆର୍ଥିକ କଲ୍ୟାଣ ଉପରେ ଧ୍ୟାନ ଦେଇଥାଏ। ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଟର୍ମ ପ୍ଲାନ୍ କ୍ରୟ କରିବାର ଦୁଇଟି ପ୍ରମୁଖ ଲାଭ ରହିଛି, ଯଥା ସମ୍ପୂର୍ଣ୍ଣ ଅବଧି ପାଇଁ କମ୍ ପ୍ରିମିୟମ ଲକ୍ ଇନ ଏବଂ ଆପଣଙ୍କ ପରିବାର ସବୁବେଳେ ସୁରକ୍ଷିତ ରହିବ ବୋଲି ସୁନିଶ୍ଚିତ ରହିବା। ଜଣେ ଯୁବ ବୟସ୍କ ବ୍ୟକ୍ତି ଭାବେ ଆପଣଙ୍କର ପ୍ରଥମ ଆର୍ଥିକ ନିଷ୍ପତ୍ତି ଏକ ଟର୍ମ ଇନ୍‌ସ୍ୟୁରାନ୍ସ ହେବା ଉଚିତ ବୋଲି ଚାକୋ କହିଛନ୍ତି।

## ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୧୫।୭**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୭.୪୫ ପଏଣ୍ଟ ବୃଦ୍ଧି ଘଟି ୮୨,୫୭୦.୯୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୧୧୩.୫୦ ପଏଣ୍ଟ ବଢି ୨୫,୧୯୫.୮୦ ଅଙ୍କରେ କାରବାର ଶେଷ ହୋଇଥିଲା।

# ବେଦାନ୍ତ ପକ୍ଷରୁ ମେଗା ଆଲୋକୀକରଣ

**ଭୁବନେଶ୍ୱର,୧୫।୭ (ଅଭୟ ଦାଶ)**



ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ମେଗା ଆଲୋକୀକରଣ କାର୍ଯ୍ୟକ୍ରମ ନିକଟରେ ଶେଷ ହୋଇଛି। ବିଶେଷକରି କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ୨୧ଟି ଗ୍ରାମରେ ୯୬ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ ସ୍ଥାପନ କରାଯାଇଛି। ଏହି ଷ୍ଟ୍ରିଟ୍ ଲାଇଟ ପୂର୍ବରୁ ଆଲୋକିତ ହୋଇ ନ ଥିବା ଅଞ୍ଚଳରେ ଆଲୋକୀକରଣର ଏକମାତ୍ର ଉତ୍ସ ଭାବେ କାର୍ଯ୍ୟ କରିଛି। ଏହି ସବୁଜ ପଦକ୍ଷେପ ବାର୍ଷିକ ପ୍ରାୟ ୨୨ଟନ୍ ସିଓ୨ ସମକକ୍ଷ ନିର୍ଗମନ ହ୍ରାସ କରିବାରେ ଯୋଗଦାନ ଦେବା ସହିତ ୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ନିର୍ଭରଯୋଗ୍ୟ,ଶକ୍ତି-ଦକ୍ଷ ଆଲୋକ ପ୍ରଦାନ କରିବ। ଏହା ବଜାର, ଗ୍ରାମ ପ୍ରବେଶ ପଥ, ବସଷ୍ଟାଣ୍ଡ, ସମ୍ପ୍ରଦାୟ କେନ୍ଦ୍ର, ସ୍କୁଲ ଏବଂ ମୁଖ୍ୟ ରାସ୍ତା ଭଳି ପ୍ରମୁଖ ସ୍ଥାନଗୁଡ଼ିକୁ ଲକ୍ଷ୍ୟକରି ଅଞ୍ଚଳରେ ୧୫୦ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ଗ୍ରାମୀଣ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମ୍ପ୍ରଦାୟଗୁଡ଼ିକୁ ଉନ୍ନତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ମିଶନ ସହ ସମନ୍ୱୟ ରଖିବା ସହ ମିଳିତ ଜାତିସଂଘର ଏହା ସ୍ଥାୟୀ ବିକାଶ ଲକ୍ଷ୍ୟ ହୋଇଛି। ବିଶେଷ କରି ଏସ୍‌ଡିଜି୭ , ଏସ୍‌ଡିଜି୧୧ ଏବଂ ଏସଡିଜି ୧୩ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରିଥାଏ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମର ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଆମେ ସେବା କରୁଥିବା ଅଞ୍ଚଳଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯାଇଛି। କଳାହାଣ୍ଡି ଏବଂ ରାୟଗଡ଼ାରେ ସୌର ଆଲୋକ ପ୍ରକଳ୍ପ ସ୍ଥାୟିତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଆମର ପ୍ରତିବଦ୍ଧତାର ପ୍ରମାଣ। ସୁରକ୍ଷା ବୃଦ୍ଧି, ଗତିଶୀଳତାରେ ଉନ୍ନତି ଏବଂ ସମ୍ପ୍ରଦାୟ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ପୂର୍ବରୁ ଯେଉଁ ସକାରାତ୍ମକ ପ୍ରଭାବ ପକାଇ ଆସୁଛନ୍ତି, ତାହା ଦେଖିବା ଉତ୍ସାହଜନକ। ଗ୍ରାମାଞ୍ଚଳରେ ସବୁଜ ଭିତ୍ତିଭୂମିକୁ ସମନ୍ୱିତକରି ଆମେ ଏକ ଉଜ୍ଜ୍ୱଳ, ସୁରକ୍ଷିତ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବାକୁ ପ୍ରୟାସ କରିଥାଉ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ୨୦୨୭ ସୁଦ୍ଧା ୧,୦୦୦ କୋଟିର ଟର୍ନଓଭର

## ହାର୍ଭାର୍ଡ ବିଜ୍‌ନେସ ସ୍କୁଲର କେସ୍ ଷ୍ଟଡିରେ ଜେଡ୍ ବ୍ଲାକ୍

**ନୂଆଦିଲ୍ଲୀ,୧୫।୭**



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମହୀଶୂର ଡିପ୍ ପରଫ୍ୟୁମେରି ହାଉସ୍ (ଏମ୍‌ଡିପିଏଚ୍)ର ଧୂପ ବ୍ରାଣ୍ଡ 'ଜେଡ୍ ବ୍ଲାକ୍'କୁ ନିକଟରେ ଆଉ ଏକ ସଫଳତା ଓ ସ୍ୱୀକୃତି ମିଳିଛି। ବର୍ତ୍ତମାନ ସମୟରେ ଭାରତୀୟ ଉଦ୍ୟୋଗ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ ଓ କ୍ରିକେଟ କିମ୍ବଦନ୍ତୀ ଏମ୍‌ଏସ୍ ଧୋନିଙ୍କ ଦ୍ୱାରା ଅନୁମୋଦିତ ଧୂପ ବ୍ରାଣ୍ଡ 'ଜେଡ୍ ବ୍ଲାକ୍' ହାର୍ଭାର୍ଡ ବିଜ୍‌ନେସ ସ୍କୁଲରେ ଏକ କେସ୍ ଷ୍ଟଡି ଭାବେ ପ୍ରଦର୍ଶିତ ହୋଇଛି। ସେହିଭଳି ଏସ୍‌ପି ଜୈନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚର ପ୍ରଫେସର ତୁଳସୀ ଜୟକୁମାରଙ୍କ ଦ୍ୱାରା ଲିଖିତ ଏହି କେସ/ଘଟଣା ଫ୍ୟାଶନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏଫ୍‌ଆଇଟି) ନ୍ୟୁୟର୍କ ସମେତ ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକରେ ମଧ୍ୟ ପଢ଼ାଯାଉଛି। ୧୯୯୦ ଦଶକର ପ୍ରାରମ୍ଭରେ ପ୍ରକାଶ ଅଗରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍‌ଡିପିଏଚ୍ ବର୍ତ୍ତମାନ ୯.୪ ଲକ୍ଷ ବର୍ଗଫୁଟ ଉତ୍ପାଦନ ସ୍ଥାନରେ କାର୍ଯ୍ୟ କରୁଛି। ୩.୫ କୋଟି ଧୂପକାଠି ଉତ୍ପାଦନ ସହ ପ୍ରତିଦିନ ୧୫ ଲକ୍ଷ ଜେଡ୍ ବ୍ଲାକ୍ ପ୍ୟାକ୍ ବିକ୍ରି କରୁଛି। ୪୫ରୁ ଅଧିକ ଦେଶକୁ ରପ୍ତାନି ସହିତ କମ୍ପାନୀ ୪,୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମଧ୍ୟ ଦେଇଛି, ଯାହାଙ୍କ ମଧ୍ୟରୁ ୮୦% ମହିଳା ସାମିଲ ଅଛନ୍ତି। ଏହାର ପ୍ରମୁଖ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ଜେଡ୍ ବ୍ଲାକ୍ ଅଗରବତି, ମନ୍ଥନ ଧୂପ, ସମର୍ପଣ ଏବଂ ଓରଭା ଆଦି ସାମିଲ ରହିଛି।

ଏ ସମ୍ପର୍କରେ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗରୱାଲ କହିଛନ୍ତି,ଏହି କେସ୍ ଆମ ପାଇଁ ଏକ ମାଇଲଖୁଣ୍ଟଠାରୁ ଅଧିକ ହୋଇଥିଲାବେଳେ ଏହା ମୂଲ୍ୟବୋଧରେ ମୂଳ ଏବଂ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେଉଛି। ଏପରିକି ଭାରତୀୟ ଉଦ୍ୟୋଗର ଏକ ଉତ୍ସବ ଭାବେ ଆମେ ଏହାକୁ ପାଳନ କରୁଛୁ। ଏହାର ଡିଜିଟାଲ୍ ଭିତ୍ତିଭୂମି ଭୌଗୋଳିକ ଏବଂ ବର୍ଗଗୁଡ଼ିକରେ ସ୍କେଲେବିଲିଟି ସୁନିଶ୍ଚିତ କରିଛି, କାରଣ କମ୍ପାନୀ ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ୧,୦୦୦ କୋଟି ଟର୍ନଓଭର ପାଇଁ ଲକ୍ଷ୍ୟ ରଖିଛି। ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ (ଅପରେଶନ୍ସ ଏବଂ ଏଚ୍‌ଆର୍) ଅଂଶୁଲ ଅଗରୱାଲ କହିଛନ୍ତି, ଇନ୍ଦୋରର ଏକ ଗ୍ୟାରେଜରୁ ସାରା ବିଶ୍ୱରେ ଏହି ବ୍ରାଣ୍ଡ ପରିଚିତ।

# ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ଭୁବନେଶ୍ୱର,୧୫।୭**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ(ଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ଆୟୋଜିତ ୪୨ତମ ବାର୍ଷିକ ଖଣି (ଧାତୁ) ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ ବଡ଼ବିଲଠାରେ ପାଳିତ ହୋଇଯାଇଛି। ଭୁବନେଶ୍ୱର କ୍ଷେତ୍ରର ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏ)ର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣିକ୍ଷେତ୍ରରେ ସଚେତନତାର ପ୍ରସାର ଏବଂ ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ମାଧ୍ୟମରେ ସୁରକ୍ଷା ମାନଦଣ୍ଡକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ବିକଶିତ ଖାଦାନ, ବିକଶିତ ଭାରତ ଶୀର୍ଷକ ବିଷୟବସ୍ତୁ ସହ ଏହି କାର୍ଯ୍ୟକ୍ରମ ଦୀର୍ଘସ୍ଥାୟୀ ଖନନର ଏକ ଅତ୍ୟାବଶ୍ୟକ ଉପାଦାନ ଭାବେ ସୁରକ୍ଷା ସଂସ୍କୃତିକୁ ବିକଶିତ କରିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା ଏବଂ ନିରନ୍ତର ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବୋତ୍ତମ ପଦକ୍ଷେପଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଜୋନ୍ ୧ ର ଖଣି ସୁରକ୍ଷା (ଡିଏମ୍‌ଏସ୍) ନିର୍ଦ୍ଦେଶକ ଅବନିଶ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁରକ୍ଷା ପତାକା ଉତ୍ତୋଳନ କରିବା ସହ ସୁରକ୍ଷା ବାର୍ତ୍ତା ବହନ କରୁଥିବା ବେଲୁନଗୁଡ଼ିକୁ ଉଡ଼ାଇଥିଲେ। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ର୨ ଡିଏମ୍‌ଏସ୍ ନାସିନା ବାଲାସୁବ୍ରମଣ୍ୟମଙ୍କ ସମେତ ଡିଜିଏମ୍‌ଏସ୍ ନିର୍ଦ୍ଦେଶକ ଏବଂ ଉପନିର୍ଦ୍ଦେଶକ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ଏବଂ ରଣନୈତିକ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟା, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶରଣପ୍ପା କାମ୍ବଲି ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।

ଏ ନେଇ ଶରଣପ୍ପା କାମ୍ବଲି କହିଛନ୍ତି, ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ସୁରକ୍ଷା ହେଉଛି ଏକ ପ୍ରମୁଖ ମୂଲ୍ୟବୋଧ। ମୁଁ ଠାକୁରାଣୀ ଏବଂ ସାଗାସାହି ଖଣିର ଟିମ୍‌ଗୁଡ଼ିକୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ଏବଂ ସ୍ୱୀକୃତି ପାଇଁ ଅଭିନନ୍ଦନ ଜଣାଉଛି। ଏହି ସଫଳତାଗୁଡ଼ିକ ଏକ ସଂସ୍କୃତି ସୃଷ୍ଟିକରିବା ପାଇଁ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଯେଉଁଠାରେ ସୁରକ୍ଷା ଆମ କାର୍ଯ୍ୟର ପ୍ରତ୍ୟେକ ଦିଗରେ ସମ୍ପୂର୍ଣ୍ଣ ଭାବରେ ସନ୍ନିହିତ ରହିଛି।

# Classified Everyday
**0674-2580101, 9692975378**




**BRIDE WANTED**

Govt. Civil Contractor କୁଟୁଂ ଜାତିର ଏକମାତ୍ର ପୁଅ 1987, 5'6" ପାଇଁ ସୁନ୍ଦରୀ ପାତ୍ରୀ ଆବଶ୍ୟକ। 9337186871, 9861834722. D-76291

**GROOM WANTED**

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050




**SALE**

Book fully furnished super luxury tetraplex, GA freehold plots, Bhubaneswar, 8.9cr, Biswakarma Constructions 9040059040. D-1274

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285


 କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

ବିବାହ ମଣ୍ଡପ ଚନ୍ଦ୍ରଶେଖରପୁରଠାରେ ଭଡ଼ା ଦିଆଯିବ, ସାଜସଜା ଅଡ଼ିଓ ଏବଂ କ୍ୟାଟରିଂ ସାମଗ୍ରୀ। **9437008388.** D-1294




Newly open Jyoti SPA positively health benefits (expert therapist). 8458067955. D-76927

Newly open health benefits SPA by expert therapist. Contact- 8280961126. D-76928

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, date- 14.07.2025, I, Dillip Kumar Nayak, Address: Vill.- Baliapata Basti, Rasulgarh, near Jagannath nagar, Bhubaneswar, Dist.- Khurda, Odisha, PIN- 751025, declare that I have changed my name from Dillip Kumar Nayak. Henceforth, I shall be known as Dillip Kumar Nayak for all purposes.
Dillip Kumar Nayak
D-1300

By virtue of an affidavit No.- 5168, dt.- 14.07.25, before Executive Magistrate, Tirtol. Dist.- Jagatsinghpur state that now onwards I shall be known as Samir Kumar Rout for all purposes.
D-1309

By virtue of an affidavit sworn in the Court of Executive Magistrate, Bhubaneswar dated- 14.07.2025, I Smaran Pradhan resident of At- Prahadipanga Ganduri, P.O.- Saramuli, P.S.- Brahmunigaon, Dist.- Kandhamal, Odisha, PIN- 762021, declare that I have changed my name from Sumaran Pradhan to Smaran Pradhan and also changed my date of birth from 11.08.2006 to 11.08.2008. Henceforth, I shall be known as Smaran Pradhan for all purpose.
D- 1293

By virtue of an affidavit sworn before the Executive Magistrate, Boudh, No.- 1029, date- 14.07.25, I Dinabandhu Pradhan, R/o. Village- Balianta, P.O.- Bamanda, P.S./ Dist.- Boudh, Odisha, PIN- 762024, declare that I have changed my daughter's name from Prati Pradhan to Priti Pradhan. Henceforth, she shall be known as Priti Pradhan for all purposes.
Dinabandhu Pradhan
D-1305

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, କଣାସ, ଜି- ପୁରୀଙ୍କ ପାଖରେ ଶପଥ କରୁଅଛି କି ମୁଁ ଅଭିନ ଜେନା, ପି- ପ୍ରକାଶ କୁମାର ଜେନା, ଗ୍ରା- ଖୁଣ୍ଟିଆବାଣପୁର, ପୋ- ଓହ୍ଲାଣ, ଥା- ଗାଡ଼ିଶାଗୋଦା, ଜି- ପୁରୀ, ମୋର ଆଧାର ନମ୍ବର- XXXX XXXX 7885 ମୋର ଆଗ ନାମକୁ ବଦଳାଇ ଅଭିନ କୁମାର ଜେନା କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ।
ଧ-୧୩୦୨

By virtue of an affidavit sworn before the Executive Magistrate, Angul dated- 15th July 2025, I, Santosh Sahoo, S/o- Kandarpa Sahoo, permanent resident of Vill- Kanyabeda, P.O.- Kandasar, P.S.- Nalco Nagar, Dist.- Angul, declare that I have changed my name from Santosh Kumar Sahu to Santosh Sahoo. Henceforth, I shall be known as Santosh Sahoo for all purpose.
D-1304

By virtue of an affidavit sworn before Executive Magistrate(K), Phulbani 1868/ 14.07.25, I Natia Kanhar permanent resident of Patamaha, Kailamba, P.O.- Seskajodi, P.S.- Phiringia, Kandhmal, declared that my daughter's name was wrongly mentioned in Aadhaara Card Kapati Kanhar as male instead of female & also Date of Birth. I have changed my daughter's name from Kapati Kanhar to Nabanita Kanhar. Henceforth, my daughter shall be known as Nabanita Kanhar for all purposes.
Natia Kanhar
D-1303

By virtue of an affidavit sworn before the Notary Public, Rourkela date- 30.12.2022, I Pinki Samal, W/o. Sukanta Kumar Samal, R/o. Qtr. No.F/49, Sector-1, Rourkela-6, P.S. Sector- 03, Dist.- Sundargarh, Odisha, PIN- 769006 do hereby declare that I have changed my parental surname from 'Nayak' to my in- law's surname 'Samal'. Henceforth, I shall be known as Pinki Samal for all purposes.
Pinki Samal
D-1301


## ମନେ ପଡ଼ନ୍ତି

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



**୰ସରୋଜ କୁମାର ମହାନ୍ତି**
ପତ୍ନୀ: ଶାନ୍ତିଧରା ମହାନ୍ତି
Plot No.- 1377, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ-୦୨।୦୮।୧୯୩୮
ତିରୋଧାନ- ୦୨।୦୮।୨୦୧୮
ଆପଣଙ୍କ ସମସ୍ତଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ମା' ଶାରଳାଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୩୦୮

### ଶ୍ରାଦ୍ଧବାର୍ଷିକୀ



**୰ ଆର୍ତ୍ତ ପଣ୍ଡା**
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି । ଆଜି ମଧ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ । ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୪୪୦୫

### ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କ୍ଷେତ୍ରମୋହନ ଦୀକ୍ଷିତ୍**
ଓରଣ୍ଡ, ବାଲିକୁଦା, ଜଗତ୍‌ସିଂହପୁର
ଆବିର୍ଭାବ: ତା ୨୭ । ୦୬ । ୧୯୪୬
ତିରୋଧାନ: ତା ୦୬ । ୦୭ । ୨୦୨୫
ତୁମ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ମର୍ମାହତ, ତୁମର ବଳିଦାନ, ତ୍ୟାଗ, ସ୍ନେହ ମମତା କେବେ ଭୁଲିପାରିବୁ ନାହିଁ । ତୁମ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।
ଶୋକସନ୍ତପ୍ତ :
ପତ୍ନୀ-ଟୁନିଲତା, ପୁତ୍ର-ଅନୁପମ, ଆଶିଷ, ପୁତ୍ରବଧୂ-ଅରୁଣା, ଆରତୀ, ଝିଅ-ଜୟନ୍ତୀ, ମମତା, କୁନା, ଜ୍ୱାଇଁ-ପଞ୍ଚାନନ, ପ୍ରଦୀପ୍ତ, ଜ୍ୟୋତିରଂଜନ, ନାତିନାତୁଣୀ-ପରୀ, ପଲ୍ଲୁ, ଆଦି, ରୁଦ୍ର, ରାନୀ, ଲାଲୁ, ମିକୁ, ସୁବ୍ରତ, ଲଭ୍‌ଲୀ ଓ ସାନୁ
ଧ-୧୩୦୬


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅଳ୍ପରେ...

➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଟିଡ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

# ବର୍ଷାଋତୁରେ ପ୍ରାଣୀଙ୍କ ସୁରକ୍ଷା



ଡା. ନିରାକାର ଜେନା

ସାଧାରଣତଃ ଜୁନ୍ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଆମ ରାଜ୍ୟରେ ବର୍ଷାଋତୁ ଅନୁଭୂତ ହୋଇଥାଏ। ଏହି ସମୟରେ ବେଳେବେଳେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଅନେକ ସମୟରେ ଲଗାଣ ବର୍ଷା ଯୋଗୁ ଉପକୂଳବର୍ତ୍ତୀ ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିଥାଏ। ଫଳରେ ଗୃହପାଳିତ ପ୍ରାଣୀମାନଙ୍କର ଚାରଣ ଭୂମି ଏବଂ ଚାଷ କରାଯାଉଥିବା ସବୁଜ ଘାସ ପ୍ଲଟ୍‌ରେ ପାଣି ବୁଡ଼ି ରହିଥାଏ। ତେଣୁ ଏହି ୪ ମାସରେ ସେମାନଙ୍କୁ ଖାଦ୍ୟ କଷ୍ଟ ଦେଖାଦେଇଥାଏ। ସେହିପରି ଏହି ସମୟରେ ଅନେକ ପ୍ରକାର ଜଳବାହିତ ରୋଗ ହେବା ଆଶଙ୍କା ଥାଏ। ତେଣୁ ଏହି ୪ ମାସ ଗୋପାଳକ ଭାଇ ଏବଂ ଭଉଣୀମାନଙ୍କ ପାଇଁ ଅତି କଷ୍ଟଦାୟକ ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ଏହି ୪ମାସରେ ଅର୍ଥାତ୍, ବର୍ଷାଦିନରେ ସାଧାରଣ କେତୋଟି ଦିଗ ପ୍ରତି ଧ୍ୟାନ ଦେଇ ପ୍ରାଣୀଧନ ପରିପାଳନ କଲେ ନିଶ୍ଚିତ ଭାବରେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଓ ଉତ୍ପାଦିକା କ୍ଷମତା ଅବ୍ୟାହତ ରହିବା ସହ ଚାଷୀମାନେ କ୍ଷତିରୁ ବର୍ତ୍ତିଯାଇପାରିବେ।

ସାଧାରଣତଃ ବର୍ଷାଦିନର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ହେଲେ ବର୍ଷାଦିନ ପୂର୍ବରୁ ପ୍ରସ୍ତୁତ ରହିବାକୁ ପଡିବ। ସେଭଳି କେତୋଟି ପ୍ରମୁଖ ଦିଗ ବିଷୟରେ ନିମ୍ନରେ ସୂଚତା ଦିଆଯାଇଛି।

**ଟିକାକରଣ ଓ କୃମିନାଶକ ପ୍ରଦାନ**

ବର୍ଷାଦିନ ପୂର୍ବରୁ ସାଧାରଣତଃ ଗାଈ ଏବଂ ମଇଁଷିମାନଙ୍କୁ ସାହାଣା, ବଜବଜିଆ, ଫାଟୁଆ ଆଦି ଟିକା ଦେଇଦେବା ଦରକାର। ସେହିପରି ଛେଳିମାନଙ୍କୁ ପିପିଆର୍, ଇଏନ୍‌ଟି ଏବଂ ଗୋଟ୍ ପକ୍ସ ଟିକା ଏବଂ କୁକୁଡ଼ାମାନଙ୍କୁ ରାଣୀକ୍ଷେତ ଟିକା ଆଦି ଦେବା ଉଚିତ। ସେହିପରି ବର୍ଷାଦିନେ ଗୃହପାଳିତ ପ୍ରାଣୀମାନେ ଅଧିକ କୃମିରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ତେଣୁ ବର୍ଷାଦିନ ପୂର୍ବରୁ ସେମାନଙ୍କର ମଳ ପରୀକ୍ଷାକରି ସମସ୍ତ ଗୃହପାଳିତ ପ୍ରାଣୀଙ୍କୁ କୃମିନାଶକ ଲିଭର ଟନିକ୍ ସହ ଦେଇଦେବା ଉଚିତ।

**ଘର ମରାମତି**

ବର୍ଷାଦିନ ପୂର୍ବରୁ ଗୃହପାଳିତ ପ୍ରାଣୀମାନେ ରହୁଥିବା ସ୍ଥାନ ଅର୍ଥାତ୍ ଗୁହାଳରେ ଥିବା କଣା, ଫାଟ ଏବଂ କାନ୍ଥ ଆଦିକୁ ମରାମତିକରି ଦେବା ଉଚିତ। ଗୁହାଳ ଭିତରେ ଏବଂ ବାହାରକୁ ଭଲ ଭାବରେ ସଫାସୁତରା କରିଦେବା ଉଚିତ।

**ଖାଦ୍ୟ ପରିଚାଳନା**

ବର୍ଷାଦିନ ପୂର୍ବରୁ ଆକଳନକରି ପର୍ଯ୍ୟାପ୍ତ ପରିମାଣର ଶୁଖିଲା ନଡ଼ା, ଦାନା, କୁଣ୍ଡା ଆଦି ମହଜୁଦ ରଖିବା ଉଚିତ। ବର୍ଷାଦିନକୁ ଆଖି ଆଗରେ ରଖି ସବୁଜ ଗୋଖାଦ୍ୟ ଫସଲ ଚାଷ ଆବଶ୍ୟକତା ଅନୁସାରେ କିଛି ପ୍ରସ୍ତୁତ ରହିବା ଉଚିତ। ବର୍ଷାଦିନ ପୂର୍ବରୁ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବା ଦରକାର।

"ବର୍ଷାଦିନେ ପ୍ରତିକୂଳ ପାଗରୁ ପ୍ରାଣୀଙ୍କୁ ରକ୍ଷାକରିବା ପାଇଁ ସେମାନଙ୍କର ତଥା ସେମାନଙ୍କର ଉତ୍ପାଦିକା କ୍ଷମତା ବଜାୟ ରଖିବା ପାଇଁ ଗୁହାଳ ଶୁଖିଲା ରଖନ୍ତୁ। ଗୁହାଳର ଛପର, ଝରକା ଏବଂ କବାଟ କଣାରହିତ ହେବା ଉଚିତ। ଗୁହାଳ ଚଟାଣ ସଫାସୁତରା ରହିବା ସହ ମଳମୂତ୍ର ନିର୍ଗମନ ପାଇଁ ଉଚିତ ବ୍ୟବସ୍ଥା କରାଯିବା ଦରକାର। ଗୁହାଳରେ ଆବଶ୍ୟକ ଆଲୋକ ଏବଂ ପଙ୍ଖାର ବ୍ୟବସ୍ଥା ରହିବା ଉଚିତ। ଗୁହାଳକୁ ସ୍ୱଚ୍ଛ ପାଣି ଆଦିର ବ୍ୟବସ୍ଥା କରନ୍ତୁ।"



**ରୋଗ ନିରାକରଣ**

ବର୍ଷାଦିନ ପୂର୍ବରୁ ରୋଗର ଲକ୍ଷଣ ଦେଖାଯାଉଥିବା ପ୍ରାଣୀମାନଙ୍କୁ ଚିହ୍ନଟକରି ସେମାନଙ୍କୁ ଅଲଗାକରି ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇ ସୁସ୍ଥ କରନ୍ତୁ। ସନ୍ତସନ୍ତିଆ ଜାଗାରେ ଗୃହପାଳିତ ପ୍ରାଣୀମାନଙ୍କୁ ଛାଡ଼ନ୍ତୁ ନାହିଁ।

**ଟିଙ୍କ ନିୟନ୍ତ୍ରଣ**

ଟିଙ୍କମାନେ ଗୃହପାଳିତ ପ୍ରାଣୀମାନଙ୍କ ଠାରେ ଥାଲେରିଆ, ବାବେସିଆ ଏବଂ ଟ୍ରିମାନୋସୋମା ଆଦି ରୋଗର ବାହକ ଅଟନ୍ତି। ଏହିସବୁ ରୋଗର ଚିକିତ୍ସା ବ୍ୟୟସାପେକ୍ଷ। ତେଣୁ ବର୍ଷାଦିନର ଯଥେଷ୍ଟ ପୂର୍ବରୁ ଗୃହପାଳିତ ପ୍ରାଣୀମାନଙ୍କୁ ଟିଙ୍କ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଇବା ଉଚିତ।

**ଚାପ ନିୟନ୍ତ୍ରଣ**

ବର୍ଷାଦିନ ପୂର୍ବରୁ ଗୃହପାଳିତ ପ୍ରାଣୀମାନଙ୍କୁ ପରିବହନ, ଅପପୁଷ୍ଟି ଏବଂ ପରିବେଶଜନିତ ଚାପରୁ ମୁକ୍ତ ରଖିବା ଉଚିତ।

**ବର୍ଷାଦିନେ ଗୁହାଳ ପରିଚାଳନା**

➤ଗୃହପାଳିତ ପ୍ରାଣୀମାନଙ୍କୁ ସୁରକ୍ଷିତ ତଥା ଆରାମ ପାଇଁ ଏକ ଭଲ ଗୁହାଳର ଆବଶ୍ୟକତା ରହିଛି।

➤ବର୍ଷାଦିନେ ପ୍ରତିକୂଳ ପାଗରୁ ସେମାନଙ୍କୁ ରକ୍ଷାକରିବା ପାଇଁ ସେମାନଙ୍କର ତଥା ସେମାନଙ୍କର ଉତ୍ପାଦିକା କ୍ଷମତା ବଜାୟ ରଖିବା ପାଇଁ ସେମାନଙ୍କର ଗୁହାଳ ଶୁଖିଲା ରଖନ୍ତୁ। ଗୁହାଳର ଛପର, ଝରକା ଏବଂ କବାଟ କଣାରହିତ ହେବା ଉଚିତ। ଗୁହାଳ ଚଟାଣ ସଫାସୁତରା ରହିବା ସହ ମଳମୂତ୍ର ନିର୍ଗମନ ପାଇଁ ଉଚିତ ବ୍ୟବସ୍ଥା କରାଯିବା ଦରକାର। ଗୁହାଳରେ ଆବଶ୍ୟକ ଆଲୋକ ଏବଂ ପଙ୍ଖାର ବ୍ୟବସ୍ଥା ରହିବା ଉଚିତ। ଗୁହାଳକୁ ସ୍ୱଚ୍ଛ ପାଣି ଆଦିର ବ୍ୟବସ୍ଥା କରନ୍ତୁ।

➤ଗୁହାଳ ଚାରିପଟେ ବଢ଼ିଥିବା ଅନାବନା ଘାସକୁ ସଫା କରିଦେବା ଉଚିତ।

➤ଗୁହାଳ ଚାରିପାଖରେ ଅଳିଆ ଆବର୍ଜନା ଜମା କରନ୍ତୁ ନାହିଁ। ଯଦି ଜମା ଅଛି ତେବେ ସେଗୁଡିକୁ ଭଲ ଭାବରେ ସଫା କରି ଦିଅନ୍ତୁ।

➤ଗୁହାଳଟି ଉଚ୍ଚ ସ୍ଥାନରେ ଅବସ୍ଥିତ ହେବା ଦରକାର।

➤ଗୁହାଳଟି ଯଦି ଖୋଲା ଭାବରେ ତିଆରି ହୋଇଥିବ, ତା' ହେଲେ ବର୍ଷାଜଳ, ଥଣ୍ଡା ପବନ ଭିତରକୁ ନ ଯିବା ପାଇଁ ବ୍ୟବସ୍ଥା କରିବା ଉଚିତ।

**ଖାଦ୍ୟ ପରଚାଳନା**

➤ବର୍ଷାଦିନେ ସାଇତା ଖାଦ୍ୟରେ ଫିମ୍ପି ଲାଗି ଯିବାର ଅଧିକ ଆଶଙ୍କା ରହିଛି। ତେଣୁ ଖାଦ୍ୟକୁ ବର୍ଷାଦିନେ ସାଇତି ରଖିବା ସମୟରେ ଅଧିକ ଧ୍ୟାନ ଦେବା ଉଚିତ।

➤ବର୍ଷାଦିନେ ଘାସରେ ଅଧିକ ଜଳୀୟ ଅଂଶ ଥାଏ। ତେଣୁ ଏହାକୁ ସଙ୍ଗେ ସଙ୍ଗେ କାଟି ଖାଇବାକୁ ଦେବା ଅନୁଚିତ। ଏହାକୁ ଖରାରେ ଶୁଖାଇ କିମ୍ବା ଶୁଖିଲା କୁଟା/ନଡା ମିଶାଇ ଖାଇବାକୁ ଦିଅନ୍ତୁ। ନଚେତ୍ ପ୍ରାଣୀଙ୍କୁ ଥଣ୍ଡା ଜ୍ୱର କିମ୍ବା ପତଳା ଝାଡା ହୋଇଥାଏ।

➤ବର୍ଷାଦିନେ ପ୍ରାଣୀଙ୍କ ଶରୀରରେ ତାପମାତ୍ରା ଠିକ୍ ରଖିବା ପାଇଁ ଶ୍ୱେତସାର, ସ୍ନେହସାର ଏବଂ ଭିଟାମିନ୍ ଖାଦ୍ୟ ଦିଅନ୍ତୁ।

**ମନେରଖନ୍ତୁ**

➤ବର୍ଷାଦିନେ ପ୍ରାଣୀଙ୍କୁ ଗଛତଳେ ବାନ୍ଧନ୍ତୁ ନାହିଁ। କାରଣ ଏହି ସ୍ଥାନଟି ବିଜୁଳି ଘଡ଼ଘଡ଼ି ପାଇଁ ଅଧିକ ବିପଜ୍ଜନକ ହୋଇଥାଏ।

➤ବର୍ଷା ସମୟରେ ପ୍ରାଣୀମାନଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ।

➤ବର୍ଷାଦିନରେ ପ୍ରାଣୀମାନଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧନ୍ତୁ ନାହିଁ।


➤ବର୍ଷାଦିନେ ଖାଦ୍ୟ ନଷ୍ଟ ଦୂରକରିବା ପାଇଁ ଭିଟାମିନ୍ ଏବଂ ଖଣିଜ ଲବଣଯୁକ୍ତ ଖାଦ୍ୟ ଖାଇବାକୁ ଦେବା ଦରକାର।

➤ଫାର୍ମ ବା ଗୁହାଳକୁ ସର୍ପମାନଙ୍କ କବଳରୁ ରକ୍ଷା କରିବା ପାଇଁ କାର୍ବୋଲିକ ଏସିଡ୍ ବ୍ୟବହାର କରନ୍ତୁ।

➤ବନ୍ୟା, ବାତ୍ୟା ଆଦି ଖବର ଜାଣିବା ପାଇଁ ସଦାସର୍ବଦା ତତ୍ପର ରୁହନ୍ତୁ।

➤ଯେକୌଣସି ସ୍ୱାସ୍ଥ୍ୟଗତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ସହ ସବୁବେଳେ ସମ୍ପର୍କରେ ରହିବା ଆବଶ୍ୟକ।

-ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ, ତିହିଡ଼ି, ଭଦ୍ରକ, ମୋ : ୯୪୩୯୮୯୦୦୨୬



## ଫଳ ବଗିଚା କାର୍ଯ୍ୟ


ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛି ଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି.x୧ ମି., କଦଳୀ – ୦.୪ ମି. x ୦.୪ ମି. x ୦.୪ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

## ପନିପରିବା ତଳି ପଟି ପ୍ରସ୍ତୁତି



ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ। ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନକରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ୧ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ। ବାଇଗଣ ମଞ୍ଜି ହେକ୍ଟର ପ୍ରତି ୫୦୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୧ କି.ଗ୍ରା. ଆବଶ୍ୟକ । ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ।

## ଅଣଧାନ ଫସଲ ଚାଷ କରୁଥିଲେ...



ବର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା– ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ିପ୍ରବଣ ଢିପ ଜମିରେ ଧାନ କିମ୍ବା ହରଡ଼ ସହ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ) ଚାଷ କରନ୍ତୁ। ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ। ପରାଶ୍ରୟୀ ପୋକମାନଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ ।

## ମାଛ ଯାଆଁଳ ଛାଡ଼ିବା ସମୟରେ...

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲା ପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ ।



# ମହିଳା କୃଷକଙ୍କ ଶ୍ରମ ହ୍ରାସ ପାଇଁ କୃଷି ଯାନ୍ତ୍ରିକୀକରଣ



ଡ. ଶିବାନୀ ମହାପାତ୍ର

ଭାରତର କୃଷି ବ୍ୟବସ୍ଥାର ମୂଳ ଶକ୍ତି ମହିଳା କୃଷକ। ଅନେକ ଅଞ୍ଚଳରେ ସେମାନେ କୃଷି, ଆନୁଷଙ୍ଗିକ କୃଷି ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ରହିଥାନ୍ତି। ଓଡ଼ିଶା ରାଜ୍ୟର ଅନେକ ଜିଲାରେ ମହିଳା ଶ୍ରମିକମାନେ ବହୁ ପରିମାଣରେ କୃଷି କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। କିନ୍ତୁ ଏହି ମହିଳା କୃଷକଙ୍କ ଶାରୀରିକ ଶ୍ରମ, ଦୀର୍ଘ ସମୟ ଧରି ବକ୍ର ହୋଇ ବା ନଇଁ କାମ କରିବା ଏବଂ ବେଳେବେଳେ ଅଯଥା ଭାର ଉଠାଇବା ପରିସ୍ଥିତି ତାଙ୍କ ସ୍ୱାସ୍ଥ୍ୟକୁ ଗମ୍ଭୀର ଭାବେ ପ୍ରଭାବିତ କରିଥାଏ। ଏହି ସମସ୍ୟା ପାଇଁ ଦୀର୍ଘକାଳୀନ ଯନ୍ତ୍ରଣା, ମାଂସପେଶୀ ଅସୁବିଧା ଏବଂ କାମରୁ ଅନୁପସ୍ଥିତି ରହି ସେମାନଙ୍କ ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଥାଏ।

ମହିଳା ଶ୍ରମିକମାନେ ବୃହତ୍ ପରିମାଣରେ କୃଷି କାମରେ ନିଯୁକ୍ତ ହେଉଛନ୍ତି, କିନ୍ତୁ ସେମାନଙ୍କ ପାଇଁ ଉପଯୁକ୍ତ ଯନ୍ତ୍ର ବା ଉପକରଣ ମିଳୁନାହିଁ। ପୁରୁଷଙ୍କ ଶରୀର ଗଠନ ଦୃଷ୍ଟିରୁ ତିଆରି ହୋଇଥିବା ଅଧିକାଂଶ ଉପକରଣ ମହିଳାମାନେ ସହଜରେ ବ୍ୟବହାର କରିପାରୁନାହାନ୍ତି। ଏହି ଅନୁପଯୁକ୍ତ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ତାଙ୍କର ଶାରୀରିକ ଅସୁବିଧା ଅଧିକ ବୃଦ୍ଧି ପାଉଛି। ଅନୁସନ୍ଧାନରୁ ଦେଖାଯାଇଛି ଯେ ମହିଳା ଶ୍ରମିକଙ୍କ ମଧ୍ୟରେ ୭୦%ରୁ ଅଧିକ ଲୋକ ମାଂସପେଶୀ ଯନ୍ତ୍ରଣାରେ ଭୋଗୁଛନ୍ତି। ଏହି ପ୍ରସଙ୍ଗରେ ଏକ ନୂଆ ଆଶା ଉଭା ହୋଇଛି। ମହିଳାଙ୍କ ଲାଗି ଉପଯୁକ୍ତ ଯାନ୍ତ୍ରିକ ଉପକରଣ ଓ ସେମାନଙ୍କ ନିଜ ଶାରୀରିକ ଆକୃତି ଅନୁଯାୟୀ ଉନ୍ନତ ଡିଜାଇନରେ ତିଆରି କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଏହା ସହ ବେଳେବେଳେ ସ୍ଥାନୀୟ କାରିଗର ଓ ଶିଳ୍ପୀମାନଙ୍କ ସହଯୋଗରେ ଉପକାରୀ ଉପକରଣମାନ ତିଆରି କରାଯାଉଛି। ଏ ପର୍ଯ୍ୟନ୍ତ ମହିଳାଙ୍କ ଶରୀର ଓଜନ ଓ ଆକୃତିକୁ ଆଖି ଆଗରେ ରଖି ମଞ୍ଜି ବୁଣା, ତଳି ରୁଆ, ଧାନ ଅମଳ ଯନ୍ତ୍ର, କୋଡ଼ା ଖୁସା ଖୁର୍ପି, ଦା, ବାଦାମ ଛଡ଼ା ଯନ୍ତ୍ର ଆଦି ବାହାରିଲାଣି । ଛୋଟ ଟ୍ରାକ୍ଟର, ପାୱାର ଟିଲର, ଘାସ ସଫା ଯନ୍ତ୍ର ମଧ୍ୟ ତିଆରି ହେଲାଣି ।

"କୃଷି କର୍ମ କରୁଥିବା ମହିଳାମାନେ ନିଜ ଅଭିଜ୍ଞତା ଓ ଦୃଷ୍ଟିକୋଣ ନେଇ ସମୂହ ଭିତ୍ତିକ ଉଦ୍ୟମରେ ଅଂଶଗ୍ରହଣ କରୁଛନ୍ତି। ସ୍ୱୟଂ ସହାୟକ ଦଳ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ ମାଧମରେ ମହିଳାମାନେ ବିଭିନ୍ନ ଟ୍ରେନିଂ ଦେଉଛନ୍ତି, ଯନ୍ତ୍ର ବ୍ୟବହାର ବିଷୟରେ ଶିଖାଉଛନ୍ତି। ଏହି ପଦକ୍ଷେପମାନ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରୁଛି ଏବଂ ଗ୍ରାମରେ ତାଙ୍କ ସ୍ଥିତିକୁ ଉନ୍ନତ କରୁଛି।"



କୃଷି କର୍ମ କରୁଥିବା ମହିଳାମାନେ ନିଜ ଅଭିଜ୍ଞତା ଓ ଦୃଷ୍ଟିକୋଣ ନେଇ ସମୂହ ଭିତ୍ତିକ ଉଦ୍ୟମରେ ଅଂଶଗ୍ରହଣ କରୁଛନ୍ତି। ସ୍ୱୟଂ ସହାୟକ ଦଳ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ ମାଧମରେ ମହିଳାମାନେ ବିଭିନ୍ନ ଟ୍ରେନିଂ ଦେଉଛନ୍ତି, ଯନ୍ତ୍ର ବ୍ୟବହାର ବିଷୟରେ ଶିଖାଉଛନ୍ତି। ଏହି ପଦକ୍ଷେପମାନ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରୁଛି ଏବଂ ଗ୍ରାମରେ ତାଙ୍କ ସ୍ଥିତିକୁ ଉନ୍ନତ କରୁଛି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ମହିଳାମାନଙ୍କ ପାଇଁ ନିର୍ମିତ କୃଷି ଯନ୍ତ୍ର ସେମାନେ ବ୍ୟବହାର କରିବା ଦ୍ୱାରା ସେମାନଙ୍କର ଶାରୀରିକ କଷ୍ଟ କମିଛି। ଦୁର୍ଗମ କୃଷି କର୍ମ ଅଧିକ ସହଜ ଓ ଦ୍ରୁତ ହୋଇପାରିଛି। ସେମାନେ ଅନ୍ୟ ମହିଳାଙ୍କୁ ଉତ୍ସାହିତ କରୁଛନ୍ତି। ନୂଆ ଉପକରଣ ବିକାଶ ପାଇଁ ମତ ଦେଉଛନ୍ତି ଏବଂ ନିଜ ଅଭିଜ୍ଞତା ଆଧାରିତ ଉପାୟ ଉପସ୍ଥାପନ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଏକ ନୀତି ବଦଳ ପାଇଁ ଆହ୍ୱାନ । ଦେଖାଯାଇଛି, ମହିଳା ଶ୍ରମ ଓ ସ୍ୱାସ୍ଥ୍ୟ ଅନ୍ତର୍ଭୁକ୍ତ କରିବା ଦ୍ୱାରା କୃଷି ଉତ୍ପାଦନକୁ ଉନ୍ନତ କରାଯାଇପାରିବ। ରାଜ୍ୟ ଓ ଜାତୀୟ ସ୍ତରରେ ଯାନ୍ତ୍ରିକୀକରଣ ନୀତିରେ କୃଷି ସହାୟତା ଯୋଜନାରେ ଅନୁଭବ ଆଧାରିତ ଟ୍ରେନିଂ ଦେବା ଏବଂ ଦୀର୍ଘମିଆଦୀ ବିକାଶ କାର୍ଯ୍ୟକ୍ରମରେ ଏହି ଉଦ୍ୟମକୁ ଅଂଶୀଦାର କରିବା ଆବଶ୍ୟକ। ମହିଳା କୃଷକଙ୍କ ଶାରୀରିକ ଶ୍ରମ କମାଇବାରେ ଯାନ୍ତ୍ରିକୀକରଣ ଓ ସମୟ ଉପଯୋଗୀ ଉଦ୍ୟମ ଏକ ନୂଆ ଦିଗ୍‌ଦର୍ଶନ, ଯାହା ମହିଳାଙ୍କୁ କେବଳ ଶ୍ରମିକ ଭାବରେ ନୁହେଁ, ବିକାଶର ନେତା ଭାବେ ପରିଚିତ କରାଉଛି। ଦେଖାଯାଇଛି, ଏହା ଏକ ସହଯୋଗମୂଳକ, ଗ୍ରାମ ପ୍ରତିଭା ଆଧାରିତ ପଦ୍ଧତି ଯାହା ଦ୍ୱାରା କୃଷି ଶ୍ରମ ଓ ସ୍ୱାସ୍ଥ୍ୟ ଉପରେ ସାର୍ବଭୌମ ପରିବର୍ତ୍ତନ ଆଣିବାରେ ନିଶ୍ଚିତ ସହାୟକ ହେବ ।

-ସହକାରୀ ପ୍ରଫେସର(ଗବେଷଣା)
ଜୈବ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର,ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ :୬୩୭୨୫୯୮୯୯୩

**ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍**

## ଓପନ ୱାଟର ସୁଇମିଂ ସ୍ଥଗିତ

**ସିଙ୍ଗାପୁର, ୧୫।୭ (ଏପି)**

ଜଳର ମାନ ଖରାପ ଥିବାରୁ ସିଙ୍ଗାପୁରରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପର ଓପନ ୱାଟର ସୁଇମିଂକୁ ସ୍ଥଗିତ ରଖାଯାଇଛି। ୱାର୍ଲ୍ଡ ଆକ୍ୱାଟିକ୍ସର ପରିଚାଳନା ପରିଷଦ ପକ୍ଷରୁ ଏହା ଘୋଷଣା କରାଯାଇଛି। ମଙ୍ଗଳବାର ମହିଳା ୧୦ କିଲୋମିଟର ରେସ୍ ଅନୁଷ୍ଠିତ ହୋଇଥାନ୍ତା, ମାତ୍ର ତାହା ବୁଧବାରକୁ ଘୁଞ୍ଚାଇ ଦିଆଯାଇଛି। ଏହିଦିନ ପୁରୁଷ ୧୦ କି.ମି. ଇଭେଣ୍ଟ ଅନୁଷ୍ଠିତ ହେବ। ଅନ୍ୟ ଓପନ ୱାଟର ଇଭେଣ୍ଟଗୁଡ଼ିକ ଶୁକ୍ର, ଶନି ଓ ରବିବାର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ସିନ୍ ନଦୀ ଜଳର ମାନକୁ ନେଇ ଚିନ୍ତା ପ୍ରକଟ କରାଯିବା ସହ ଖୁବ୍ ଚର୍ଚ୍ଚା ହୋଇଥିଲା। ୨୦୨୧ ଟୋକିଓ ଅଲିମ୍ପିକ୍ସ ଓ ୨୦୧୬ ରିଓ ଡି' ଜେନିରୋ ଅଲିମ୍ପିକ୍ସ ବେଳେ ଏହି ପ୍ରସଙ୍ଗ ଉଠିଥିଲା। ବିଶ୍ୱ ଚାମ୍ପିୟନଶିପ୍‌ର ୱାଟର ପୋଲୋ ପ୍ରତିଯୋଗିତା ଏକ ଇନ୍‌ଡୋର ଭେନ୍ୟୁରେ ଅନୁଷ୍ଠିତ ହେଉଛି।

# ଈଶାରାଣୀ, ଗିନ୍‌ପଲ ଚାମ୍ପିୟନ



ପଦକ ବିଜୟୀ ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ**

**ଭୁବନେଶ୍ୱର, ୧୫।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମ 'ସଟଲ'ରେ ୟୋନେକ୍ସ ସନ୍‌ରାଇଜ ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ଆସାମର ଈଶାରାଣୀ ବରୁଆ ଓ ପୁରୁଷ ସିଙ୍ଗଲ୍ସରେ ଦିଲ୍ଲୀର ଗିନପଲ ଏସ୍. ଚାମ୍ପିୟନ ହୋଇଛନ୍ତି। ଈଶାରାଣୀ ଫାଇନାଲରେ ଟପ୍ ସିଡ୍ ଉତ୍ତର ପ୍ରଦେଶର ମାନସି ସିଂଙ୍କୁ ୨୩-୨୧,୨୧-୧୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଗିନପଲ୍ ଫାଇନାଲରେ ହରିୟାଣାର ମନରାଜ ସିଂଙ୍କୁ ସିଧାସଳଖ ୨୧-୧୭, ୨୧ -୧୬ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ସାତ୍ତ୍ୱିକ ରେଡ୍ଡୀ ଓ ରାଧିକା ଶର୍ମା ୧୭-୨୧, ୨୧-୧୬, ୨୧-୧୨ ସେଟ୍‌ରେ ନୀତୀନ ଏଚ୍.ଭି. ଓ ଶ୍ରୀନିଧି ନାରାୟଣଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ମହିଳା ଡବଲ୍ସ ଫାଇନାଲରେ ଶ୍ରେୟା ବାଲାଜୀ ଓ ଦୀପ୍ତା ଏସ୍. ୨୧-୧୩, ୧୮-୨୧, ୨୧-୧୯ ସେଟ୍‌ରେ ଆନ୍ୟା ବିସ୍ତ ଓ ଆଞ୍ଜେଲ ପୁନେରାଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସ ଫାଇନାଲରେ ସୂରଜ ଗୋଆଲା ଓ ଧ୍ରୁବ ରାୱତ ଯୋଡ଼ି ୨୧-୧୨, ୨୧-୧୪ ସେଟ୍‌ରେ ନୀତୀନ ଏଚ୍.ଭି. ଓ ଭେଙ୍କଟ ହର୍ଷବର୍ଦ୍ଧନ ଭି.ଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ, ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ବିଏମସି କମିଶନର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଓସ୍‌ବା ସଭାପତି ରାଜେଶ ପ୍ରଭାକର ପାଟିଲ, କ୍ରୀଡା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟାନନ୍ଦ ନାୟକ, ଓସ୍‌ବା ସମ୍ପାଦକ ନିଳିନ କୁମାର ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ପ୍ରତିଯୋଗିତାର ବିଭିନ୍ନ ବିଭାଗର ସୁପରିଚାଳନା ପାଇଁ ଆୟୋଜନ କମିଟିରେ ଥିବା ପ୍ରଦୀପ ପଟ୍ଟନାୟକ, ମନୋରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ଚୌଧୁରୀ, କମଳ ଦାସ, ସୁରୁଲାଲ ମଟାରୀ, ଦୀପକ ମହାନ୍ତି, ସମୀର ଦାସ, ପ୍ରୀତପାଳ ସିଂ, ଶୁଭମ ଶର୍ମା, ଶୁଭମ ନାୟକ, ମନୋରଞ୍ଜନ ଦାସ, ସନ୍ଦୀପ ମିଶ୍ର, ଶୁଭ୍ରାଂଶୁ ପଣ୍ଡା, ଅନନ୍ତ ବେହେରା ଓ ଅଜିତ ମହାନ୍ତି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। । ମୁଖ୍ୟ ରେଫରି ଭାବରେ ବିଡବ୍ଲ୍ୟୁଏଫ ମାନ୍ୟତାପ୍ରାପ୍ତ ରେଫରି ସି.ଆର. ରାଜୀବ, ଅନ୍ତର୍ଜାତୀୟ ରେଫରି ଗୌରବ ଖାନ୍ନା ମ୍ୟାଚ ପରିଚାଳନା କରିଥିବାବେଳେ ସହକାରୀ ରେଫରି ଭାବରେ ବିଜୟ କୁମାର ବାଗ, ମନୋଜସାବତପ୍ରମୁଖସହଯୋଗକରିଥିଲେ।


## ଇଂଲଣ୍ଡ, ନ୍ୟୁଜିଲାଣ୍ଡ ବିପକ୍ଷରେ ୱାର୍ମଅପ୍ ଖେଳିବ ଭାରତ

**ମହିଳା କ୍ରିକେଟ ବିଶ୍ୱକପ୍**

**ଦୁବାଇ, ୧୫।୭**

ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛନ୍ତି। ପାକିସ୍ତାନ ଏହାର ଉଭୟ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସହମତିରେ ଏହା ଆୟୋଜନ କରାଯାଉଛି। ଇଂଲଣ୍ଡ ବିପକ୍ଷରେ ଭାରତ ୱାର୍ମଅପ୍ ସେପ୍ଟେମ୍ବର ୨୫ରେ ବିସିସିଆଇର ସେଣ୍ଟର ଫର୍ ଏକ୍ସେଲେନ୍ସ ଗ୍ରାଉଣ୍ଡରେ ଏବଂ ସେପ୍ଟେମ୍ବର ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳିବ। ଏହି ସମାନ ଭେନ୍ୟୁରେ ୩ ଦିନ ପରେ ଅର୍ଥାତ ସେପ୍ଟେମ୍ବର ୩୦ରେ ଟୁର୍ନାମେଣ୍ଟ ଆରମ୍ଭ ହେବ। କଲମ୍ବୋ କ୍ରିକେଟ କ୍ଲବଠାରେ ପାକିସ୍ତାନ ଏହାର ଦୁଇଟି ୱାର୍ମଅପ୍ ମ୍ୟାଚ ସେପ୍ଟେମ୍ବର ୨୫ ଓ ୨୮ରେ ଯଥାକ୍ରମେ ଶ୍ରୀଲଙ୍କା ଓ ଶ୍ରୀଲଙ୍କା 'ଏ' ଦଳ ବିପକ୍ଷରେ ଖେଳିବ। ସମସ୍ତ ୯ଟି ଯାକ ଦିବାରାତ୍ର ମ୍ୟାଚ୍ ସେପ୍ଟେମ୍ବର ୨୫ରୁ ୨୮ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ, ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୧ (ଉଭୟ ବେଙ୍ଗାଲୁରୁରେ) ଏବଂ କଲମ୍ବୋସ୍ଥିତ ଆର୍ ପ୍ରେମାଦାସା ଷ୍ଟାଡିୟମ ଓ କଲମ୍ବୋ କ୍ରିକେଟ କ୍ଲବଠାରେ ଅନୁଷ୍ଠିତ ହେବ। ଆଠଟି ଦଳ ରାଉଣ୍ଡ-ରବିନ୍ ଫର୍ମାଟରେ ବେଙ୍ଗାଲୁରୁ ଓ କଲମ୍ବୋରେ ୪ଟି ଭେନ୍ୟୁରେ ଖେଳାଯିବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଏକମାତ୍ର ଦଳ ଭାବେ ୱାର୍ମଅପ୍‌ର ପ୍ରଥମ ଦିବସରେ ଖେଳିବ ନାହିଁ। ସେପ୍ଟେମ୍ବର ୨୭ରେ ଦଳ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୧ରେ ଖେଳିବ। ୧୨ବର୍ଷ ପରେ ୫୦ଓଭର ବିଶ୍ୱକପ୍ ଉପମହାଦେଶକୁ ଫେରିଛି। ଏହା ସେପ୍ଟେମ୍ବର ୩୦ରୁ ନଭେମ୍ବର୨ ପର୍ଯ୍ୟନ୍ତ ୫ଟି ଭେନ୍ୟୁ ଯଥା ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ (ବେଙ୍ଗାଲୁରୁ), ଏସିଏ ଷ୍ଟାଡିୟମ (ଗୁଆହାଟୀ), ହୋଲ୍‌କର ଷ୍ଟାଡିୟମ (ଇନ୍ଦୋର), ଏସିଏ-ଭିଡିସିଏ ଷ୍ଟାଡିୟମ (ବିଶାଖାପାଟଣା) ଓ ଆର୍. ପ୍ରେମାଦାସା ଷ୍ଟାଡିୟମ (କଲମ୍ବୋ)ଠାରେ ଖେଳାଯିବ।

# କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିଲେ ଭାରତୀୟ ଦଳ


ସେଣ୍ଟ ଜେମ୍ସ ପ୍ୟାଲେସରେ ମଙ୍ଗଳବାର କିଙ୍ଗ୍ ଚାର୍ଲ୍ସ-୩'ଙ୍କ ସହ ଭାରତୀୟ ମହିଳା ଓ ପୁରୁଷ କ୍ରିକେଟ୍ ଦଳ।

**ଲଣ୍ଡନ,୧୫।୭**

ଉଭୟ ପୁରୁଷ ଓ ମହିଳା ଭାରତୀୟ କ୍ରିକେଟ୍ ଦଳ ମଙ୍ଗଳବାର ସେଣ୍ଟ ଜେମ୍ସ ପାଲେସରେ କିଙ୍ଗ୍ ଚାର୍ଲ୍ସ ୩'ଙ୍କୁ ଭେଟିଛନ୍ତି। ଏହି ଅବସରରେ ଯଶପ୍ରୀତ ବୁମରା, ରିଷଭ ପନ୍ତ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଭଳି ପ୍ରମୁଖ ଖେଳାଳିଙ୍କ ସହ ଚାର୍ଲ୍ସ କଥା ହୋଇଥିଲେ। ଲର୍ଡ୍ସଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ର ହାଇଲାଇଟ୍ସ ଦେଖିଥିବା କିଙ୍ଗ୍ ଚାର୍ଲ୍ସ ପ୍ରକାଶ କରିଥିଲେ।

'କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିବା ଏକ ଚମତ୍କାର ଅନୁଭୂତି ଥିଲା। ଆମେ ତାଙ୍କ ସହ କଥା ହୋଇଥିଲୁ। କିଙ୍ଗ୍ ଚାର୍ଲ୍ସ ୩' ଆମକୁ କହିଥିଲେ ଯେ, ଲର୍ଡ୍ସ ଟେଷ୍ଟରେ ଯେଉଁଭଳି ଆମର ଅନ୍ତିମ ବ୍ୟାଟ୍ସମ୍ୟାନ ଆଉଟ୍ ହୋଇଥିଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଥିଲା। ଆମେ ତାଙ୍କୁ କହିଥିଲୁ ଯେ, ତାହା ଆମ ପାଇଁ ଏକ ଦୁର୍ଭାଗ୍ୟପୂର୍ଣ୍ଣ ମ୍ୟାଚ୍ ଥିଲା ଏବଂ ନହେଲେ ମ୍ୟାଚ୍‌ର ଫଳାଫଳ କିଛି ବି ହୋଇପାରିଥାନ୍ତା। ଆଶା କରୁଛୁ, ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଭାଗ୍ୟ ଆମକୁ ସହାୟକ ହେବ' ବୋଲି ଗିଲ କହିଛନ୍ତି। ଏହି ଅବସରରେ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ସହ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ଓ ଭାରତର ହାଇ କମିଶନର ବିକ୍ରମ ଦୋରାଇସ୍ୱାମୀ ମଧ୍ୟ ଉପସ୍ଥିତ ଥିଲେ।

**ଜାପାନ ଓପନ ବ୍ୟାଡ୍‌ମିଣ୍ଟନ**

## ପ୍ରଥମ ରାଉଣ୍ଡରୁ ରତପର୍ଣ୍ଣା, ଶ୍ୱେତପର୍ଣ୍ଣାଙ୍କ ବିଦାୟ

**ଟୋକିଓ, ୧୫।୭:** ଓଡ଼ିଶାର ମହିଳା ଡବଲ୍ସ ଯୋଡ଼ି ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୩୯ତମ ର୍ୟାଙ୍କିଙ୍ଗପ୍ରାପ୍ତ ଭାରତୀୟ ଜାପାନୀ ଯୋଡ଼ି କୋକୋନା ଇଶିକାୱା ଓ ମାଇକୋ କାୱାଜୋଙ୍କ ନିକଟରୁ ୨୧-୧୩, ୨୧-୭ରେ ପରାଜିତ ହୋଇଯାଇଛନ୍ତି। ମ୍ୟାଚଟି ମାତ୍ର ୩୨ ମିନିଟରେ ଶେଷ ହୋଇଯାଇଥିଲା। ବୁଧବାର ଭାରତର ଟପ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ, ଲକ୍ଷ୍ୟ ସେନ୍ ଏବଂ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରମୁଖ ସେମାନଙ୍କର ଅଭିଯାନ ଆରମ୍ଭ କରିବେ।


ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶା ପୁରୁଷ ରଗ୍‌ବୀ ଦଳକୁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି।

# ୮ବର୍ଷ ପରେ ଡସନଙ୍କୁ ଡକରା

**ଭାରତ-ଇଂଲଣ୍ଡ ୪ର୍ଥ ଟେଷ୍ଟ**

**ଲଣ୍ଡନ, ୧୫।୭ (ପି.ଟି.)**

ମାଞ୍ଚେଷ୍ଟରରେ ଜୁଲାଇ ୨୩ରେ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ୪ର୍ଥ ଟେଷ୍ଟ ପାଇଁ ଇଂଲଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ୮ବର୍ଷ ପରେ ବାମହାତୀ ବୋଲର ଲିଆମ ଡସନ୍‌ଙ୍କୁ ସ୍ଥାନ ମିଳିଛି। ଆଘାତପ୍ରାପ୍ତ ଶୋଏବ ବଶିରଙ୍କ ସ୍ଥାନରେ ତାଙ୍କୁ ଦଳରେ ନିଆଯାଇଛି। ତୃତୀୟ ଟେଷ୍ଟରେ ଭାରତର ପ୍ରଥମ ଇନିଂସରେ ନିଜ ବୋଲିଂରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ ବାମହାତ ଆଙ୍ଗୁଠି ହାଡ଼ ଭାଙ୍ଗି ଯାଇଥିଲା। ଏହି ମ୍ୟାଚରେ ଇଂଲଣ୍ଡ ୨୨ ରନରେ ବିଜୟ ଲାଭ କରିଛି। ଆଘାତପ୍ରାପ୍ତ ଥାଇ ମଧ୍ୟ ସେ ଭାରତର ଦ୍ୱିତୀୟ ଇନିଂସରେ ବୋଲିଂ କରିଥିଲେ। ମହମ୍ମଦ ସିରାଜଙ୍କ ଉଇକେଟ ଅକ୍ତିଆର କରି ସେ ତାଙ୍କ ଦଳକୁ ରୋମାଞ୍ଚକ ବିଜୟୀ କରିଥିଲେ। ୩୫ ବର୍ଷୀୟ ଡସନ ତାଙ୍କ ଗତ ତିନୋଟି ଟେଷ୍ଟ ୨୦୧୭ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ସେ ୭ଟି ଉଇକେଟ ଅକ୍ତିଆର କରିଥିଲେ। ସେ ଆହୁରି ମଧ୍ୟ ତାଙ୍କ ଜାତୀୟ ଦଳ ପାଇଁ ୬ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୪ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ ବହୁ ବର୍ଷ ଧରି ହାମ୍ପଶାୟାର ତରଫରୁ ଭଲ ପ୍ରଦର୍ଶନ କରିଆସୁଛନ୍ତି। ସେ ୨୦୨୩ ଓ ୨୦୨୪ରେ ପିସିଏ ପ୍ଲେୟର ଅଫ୍ ଇୟର ପୁରସ୍କାର ଜିତିଥିଲେ। ଡସନ ଆହୁରି ମଧ୍ୟ ତାଙ୍କ ୨୧୨ ପ୍ରଥମ ଶ୍ରେଣୀ ଗେମ୍‌ରେ ୩୭୧ ଉଇକେଟ ନେଇ ସାରିଛନ୍ତି। ୧୮ ଶତକ ସମେତ ସେ ୧୦,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଅନ୍ୟପକ୍ଷରେ ସିମ୍ ବୋଲର ସାମ୍ କୁକ୍ ଓ ଜେମି ଓଭରଟନ ସେମାନଙ୍କ କାଉଣ୍ଟି ଦଳକୁ ଫେରିଛନ୍ତି।

**ଇଂଲଣ୍ଡ ଟେଷ୍ଟ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଆଟକିନ୍‌ସନ, ଜାକବ ବେଥେଲ, ହ୍ୟାରି ବ୍ରୁକ୍, ବ୍ରାଇଡନ କାର୍ସି, ଜ୍ୟାକ୍ କ୍ରଲି, ଲିଆମ ଡସନ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ୍, ଜୋଶ ଟଙ୍ଗ୍ ଓ କ୍ରିସ୍ ୱକ୍ସ।

## ମାରାଥନର ଫୌଜା ସିଂଙ୍କ ଦେହାନ୍ତ

**ନୂଆଦିଲ୍ଲୀ,୧୫।୭:** ବିଶ୍ୱର ବୟୋଜ୍ୟୋଷ୍ଠ ମାରାଥନର ଫୌଜ ସିଂ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୧୧୪ ବର୍ଷ ହୋଇଥିଲା। ସେ ପଞ୍ଜାବର ଜଳନ୍ଧରସ୍ଥିତ ବେୟାସ ଗ୍ରାମରେ ୧୯୧୧, ଏପ୍ରିଲ ୧ ତାରିଖରେ ଜନ୍ମ ହୋଇଥିଲେ। ଜଳନ୍ଧର-ପଠାନକୋର୍ଟ ହାଇୱେରେ ସୋମବାର ଅପରାହ୍ନରେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ହେଲେ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ତାଙ୍କ ମରଶରୀରକୁ ଶବାଗାରରେ ରଖାଯାଇଛି। ବିଦେଶରେ ରହୁଥିବା ତାଙ୍କ ପିଲାମାନେ ପଞ୍ଜାବରେ ପହଞ୍ଚିବା ପରେ ହିଁ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ହେବ।

ଫୌଜା ସିଂଙ୍କ ବିୟୋଗକୁ ନେଇ ପଞ୍ଜାବ ରାଜ୍ୟପାଳ ଗୁଲାବ ଚାନ୍ଦ କାଟାରିଆ ଶୋକ ପ୍ରକାଶ କରିଛନ୍ତି। ସର୍ଦ୍ଦାର ଫୌଜା ସିଂ ଜୀଙ୍କ ପରଲୋକରେ ଗଭୀର ମର୍ମାହତ। ଏହି କିମ୍ବଦନ୍ତୀ ମାରାଥନ ରନର ଧୈର୍ଯ୍ୟ ଓ ଆଶାର ପ୍ରତୀକ ଥିଲେ। ଏପରିକି ୧୧୪ ବର୍ଷ ବୟସରେ ନିଜର ଶକ୍ତି ଓ ପ୍ରତିବଦ୍ଧତା ବଳରେ ସେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଉଥିଲେ। ଗତ ବର୍ଷ ଡିସେମ୍ବରରେ ଦୁଇ ଦିନିଆ 'ନିଶା ମୁକ୍ତ-ରଙ୍ଗଲା ପଞ୍ଜାବ' ଅଭିଯାନ ବେଳେ ମୋତେ ତାଙ୍କ ସହ ଚାଲିବାର ସମ୍ମାନ ମିଳିଥିଲା। ତାଙ୍କ ଗାଁରେ ଏକ ସଡ଼କ ଦୁର୍ଘଟଣାରେ ସେ ପ୍ରାଣ ହରାଇବା ଏକ ହୃଦୟ ବିଦାରକ ଖବର। ତାଙ୍କ ପରିବାର ଓ ବନ୍ଧୁମାନଙ୍କ ପ୍ରତି ମୋର ସମବେଦନା ରହିଛି ବୋଲି ରାଜ୍ୟପାଳ ଗୁଲାବ ଫେସବୁକ୍‌ରେ ପୋଷ୍ଟ କରିଛନ୍ତି।

# ୱେଷ୍ଟଇଣ୍ଡିଜ୍ ୨୭ରେ ଅଲଆଉଟ୍



ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଅଷ୍ଟ୍ରେଲିଆ ଦଳ।

**■ ବୋଲାଣ୍ଡଙ୍କ ହ୍ୟାଟ୍ରିକ୍: ସିରିଜ୍ ପୋଛିଲା ଅଷ୍ଟ୍ରେଲିଆ**

**■ ୧୫ ବଲରେ ୫ ଉଇକେଟ ନେଲେ ମିଚେଲ ଷ୍ଟାର୍କ**

**କିଙ୍ଗଷ୍ଟନ,୧୫।୭**

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅନୁଷ୍ଠିତ ତୃତୀୟ କ୍ରିକେଟ୍ ଟେଷ୍ଟକୁ ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆ ଅଢ଼େଇ ଦିନ ମଧ୍ୟରେ ୧୭୬ ରନରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୩-୦ରେ ମୂଳପୋଛ କରିଛି। ଷ୍ଟାର୍କଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ କରାଯାଇଛି।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୨୫ ରନ କରିଥିବା ବେଳେ ୱେଷ୍ଟଇଣ୍ଡିଜ ୧୪୩ ରନ କରିଥିଲା। ମଙ୍ଗଳବାର ଅଷ୍ଟ୍ରେଲିଆ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୯/୬ରୁ ବ୍ୟାଟିଂ ଆରମ୍ଭ କରି ବଳକା ୪ ଉଇକେଟରେ ମାତ୍ର ୨୨ ରନ ଯୋଡ଼ିଥିଲା। ଫଳରେ ଘରୋଇ ୱେଷ୍ଟଇଣ୍ଡିଜ୍ ଆଗରେ ୨୦୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ହେଲେ ଷ୍ଟାର୍କଙ୍କ ଘାତକ ବୋଲିଂ ଆଗରେ ୱେଷ୍ଟଇଣ୍ଡିଜର ବ୍ୟାଟିଂ ଲାଇନ୍‌ଅପ୍ ତାସ ଘର ଭଳି ଭୁଷୁଡ଼ି ଯାଇଥିଲା। ୩୫ ବର୍ଷୀୟ ଷ୍ଟାର୍କ ମାତ୍ର ୨.୩ ଓଭର ବା ୧୫ ବଲରେ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହି ଇନିଂସରେ ସେ ୭.୩-୪-୯-୬ ସ୍ପେଲ ପକାଇ କ୍ୟାରିୟରର ୧୦୦ତମ ଟେଷ୍ଟକୁ ସ୍ମରଣୀୟ କରାଇଛନ୍ତି। ଏତଦ୍‌ବ୍ୟତୀତ ସେ ଟେଷ୍ଟରେ ୪୦୦ ଉଇକେଟ୍ ପୂରଣ କରିବା ସହ ଶେନ ୱର୍ଣ୍ଣ, ଗ୍ଲେନ ମ୍ୟାକଗ୍ରାଥ ଓ ନାଥନ ଲାୟନଙ୍କ ଭଳି ମହାନ ଅଷ୍ଟ୍ରେଲିଆନ ବୋଲରଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ସ୍କଟ୍ ବୋଲାଣ୍ଡ କ୍ରମାଗତ ବଲରେ ଜଷ୍ଟିସ ଗ୍ରେଭ୍ସ, ଶାମର ଯୋଶେଫ ଓ ଜୋମେଲ ୱାରିକାନଙ୍କୁ ଆଉଟ୍ କରି ହ୍ୟାଟ୍ରିକ ନେଇଥିଲେ। ଏଥିଯୋଗୁ ୱେଷ୍ଟଇଣ୍ଡିଜ ମାତ୍ର ୧୪.୩ ଓଭରରେ ୨୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଗ୍ରେଭ୍ସ (୧୧)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଏପରିକି ୭ ଜଣ ଖେଳାଳି ଖାତା ଖୋଲିପାରି ନଥିଲେ। ଏହା ୱେଷ୍ଟଇଣ୍ଡିଜ୍ ଲାଗି ଟେଷ୍ଟରେ ସର୍ବନିମ୍ନ ଦଳଗତ ସ୍କୋର। ଟେଷ୍ଟ କ୍ରିକେଟ ଇତିହାସରେ ସର୍ବନିମ୍ନ ଦଳଗତ ସ୍କୋର ତାଲିକାରେ ୱେଷ୍ଟଇଣ୍ଡିଜର ଏହି ଇନିଂସ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଅଲୋଡ଼ା ରେକର୍ଡ ନ୍ୟୁଜିଲାଣ୍ଡ ନାମରେ ରହିଛି। ୧୯୫୫ରେ ଅକ୍‌ଲାଣ୍ଡଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨୬ ରନରେ ଅଲଆଉଟ୍ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୨୫। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୨୧/ଅଲଆଉଟ୍ (କାମେରନ ଗ୍ରୀନ-୪୨, ଟ୍ରାଭିସ ହେଡ୍-୧୬, ଅଲଜାରି ଯୋଶେଫ-୫/୨୭, ଶାମର ଯୋଶେଫ-୪/୩୪)। ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୨୭/ଅଲଆଉଟ୍(ମିଚେଲ ଷ୍ଟାର୍କ-୬/୯, ସ୍କଟ ବୋଲାଣ୍ଡ-୩/୨, ଜୋଶ ହାଜେଲଉଡ୍-୧/୧୦)।

## ଦୟାଲଙ୍କୁ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା

**ଲକ୍ଷ୍ନୌ,୧୫।୭:** ଏକ ଯୌନ ନିର୍ଯାତନା ମାମଲାରେ ଭାରତ ତଥା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପେସର ଯଶ ଦୟାଲଙ୍କୁ ମଙ୍ଗଳବାର ଆଲାହାବାଦ୍ ହାଇକୋର୍ଟ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଜଷ୍ଟିସ ସିଦ୍ଧାର୍ଥ ବର୍ମା ଓ ଜଷ୍ଟିସ ଅନୀଲ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୟାଲଙ୍କୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିଛନ୍ତି। କୋର୍ଟ ପ୍ରତାରଣାର ସମୟସୀମା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣି ଦେଇଛନ୍ତି। ତୁମେ ଦିନେ କିମ୍ବା ଦୁଇ ଦିନ କିମ୍ବା ୩ ଦିନ ପାଇଁ ବୋକା ବନି ପାରିବ। କିନ୍ତୁ ୫ ବର୍ଷ ପାଇଁ ନୁହେଁ। ତୁମେ ୫ ବର୍ଷ ପାଇଁ ସମ୍ପର୍କରେ ରହୁଛ। ଜଣଙ୍କୁ ୫ ବର୍ଷ ଧରି ବୋକା ବନା ଯାଇପାରିବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି। ଦୟାଲଙ୍କ ପାଇଁ ବରିଷ୍ଠ ଓକିଲ ଗୋପାଳ ସ୍ୱରୂପ ଚତୁର୍ବେଦୀ ଆଇନଗତ ପକ୍ଷ ରଖୁଛନ୍ତି। ୨୭ ବର୍ଷୀୟ ଦୟାଲଙ୍କ ବିରୋଧରେ ବିବାହ ପ୍ରତିଶ୍ରୁତି ଦେଇ ୫ ବର୍ଷ ଧରି ପ୍ରତାରଣା ଦେଇଥିବା ନେଇ ଜଣେ ମହିଳା ଗତ ଜୁଲାଇ ୬ ତାରିଖରେ ଗାଜିଆବାଦର ଇନ୍ଦିରାପୁରମ ଥାନାରେ ମାମଲା ରୁଜୁ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ